ବର୍ଷ-୨୬, ସଂଖ୍ୟା-୧୬୯
ଭୁବନେଶ୍ୱର
୨୫, ଜୁନ ୨୦୨୬ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 169
Bhubaneswar
25, June, 2026, Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ମା'
ହେହେବ
ସାମନ୍ଥା



# ସାମୁଦ୍ରିକ ବାଣିଜ୍ୟ ଓ ସୁରକ୍ଷା ହେଉଛି ବ୍ୟାପକ ପ୍ରଗତିର ପ୍ରବେଶ ପଥ- ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୪।୬(ମହାଭାରତ):ଆମର ସମୁଦ୍ର କେବଳ ଏକ ଭୌଗୋଳିକ ସୀମା ନୁହେଁ; ଏହା ବ୍ୟାପକ ସୁଯୋଗ, ସମୃଦ୍ଧି ଏବଂ ଆନ୍ତର୍ଜାତୀୟ ସହଭାଗିତାର ପ୍ରବେଶ ପଥ ବୋଲି ଲୋକସେବା ଭବନ ଠାରେ ୧୪ତମ ମଲ୍ଟି ଏଜେନ୍ସି ମାରିଟାଇମ୍ ସିକ୍ୟୁରିଟି ଗ୍ରୁପ୍ (ପଲିସି) ବୈଠକକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଏକବିଂଶ ଶତାବ୍ଦୀ ହେଉଛି ଇଣ୍ଡୋ-ପାସିଫିକ୍ ଶତାବ୍ଦୀ । ଭାରତ ଆଜି ବିଶ୍ୱରେ ଏକ ପ୍ରମୁଖ ସାମୁଦ୍ରିକ ଶକ୍ତି ଭାବେ ଉଭା ହେଉଛି। ପ୍ରଥମ ଥର ପାଇଁ ନୂଆଦିଲ୍ଲୀ ବାହାରେ ଓଡ଼ିଶାରେ ଏହି ଉଚ୍ଚସ୍ତରୀୟ ଜାତୀୟ ବୈଠକର ଆୟୋଜନ ହେବା ଦେଶର ସଂଘୀୟ ବ୍ୟବସ୍ଥା ପ୍ରତି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି ବୋଲି ସେ କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମର ସମୁଦ୍ର, ବନ୍ଦର, ମତ୍ସ୍ୟ ସମ୍ପଦ ଏବଂ ବ୍ଲୁ ଇକୋନୋମି ହେଉଛି ଆମର ମହତ୍ତ୍ୱପୂର୍ଣ୍ଣ ଜାତୀୟ ସମ୍ପତ୍ତି। ଏଗୁଡ଼ିକର ସୁରକ୍ଷା କେବଳ ଦେଶର ସୁରକ୍ଷା ପାଇଁ ଜରୁରୀ ନୁହେଁ, ବରଂ ଆର୍ଥିକ ବିକାଶ ଓ ସମୁଦ୍ର ଉପରେ ନିର୍ଭର କରୁଥିବା ଲକ୍ଷ ଲକ୍ଷ ଉପକୂଳବାସୀଙ୍କ ଜୀବିକାର କଲ୍ୟାଣ ପାଇଁ ଅତ୍ୟନ୍ତ ଜରୁରୀ। ଆଜିର ସମୟରେ ସାମୁଦ୍ରିକ ସୁରକ୍ଷା କେବଳ ପାରମ୍ପରିକ ଆଇନ-ଶୃଙ୍ଖଳା ମଧ୍ୟରେ ସୀମିତ ନାହିଁ, ବରଂ ଏଥିରେ ଜଟିଳ ଭିତ୍ତିଭୂମିର ସୁରକ୍ଷା, ସାମୁଦ୍ରିକ କ୍ଷେତ୍ରର ଗୁରୁତ୍ୱ ଉପରେ ଆମର ସଚେତନତା, ସାଇବର ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା ଏବଂ ପରିବେଶ ସୁରକ୍ଷା ଭଳି ଅନେକ ଆହ୍ୱାନ ସାମିଲ ରହିଛି।

ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଇତିହାସ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବଙ୍ଗୋପସାଗର ତଟରେ ଓଡ଼ିଶାର ପ୍ରାୟ ୫୭୫ କିଲୋମିଟର ଦୀର୍ଘ ତଟରେଖା ରହିଛି। ପ୍ରାଚୀନ କଳିଙ୍ଗର ସାଧବ ପୁଅମାନେ ସମୁଦ୍ର ପଥରେ ଦକ୍ଷିଣ-ପୂର୍ବ ଏସିଆର ବିଭିନ୍ନ ଦେଶ ସହ ବ୍ୟାପାର ଓ ସାଂସ୍କୃତିକ




ସମ୍ପର୍କ ସ୍ଥାପନ କରିଥିଲେ, ଯାହାର ଜୀବନ୍ତ ପ୍ରତୀକ ଭାବେ ଆଜି ମଧ୍ୟ ବାଲିଯାତ୍ରା ଉତ୍ସବ ପାଳିତ ହେଉଛି। ବର୍ତ୍ତମାନ ଭାରତର ସାମୁଦ୍ରିକ ବିକାଶ ଗାଥାରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରୁଛି। ରାଜ୍ୟର ସାମୁଦ୍ରିକ ରଣନୀତିକ ସ୍ଥିତିକୁ ଅଧିକ ମଜବୁତ କରିବା ପାଇଁ ଗଞ୍ଜାମଠାରେ ଏକ ଗଭୀର-ସମୁଦ୍ର ବନ୍ଦର ଏବଂ ପାରାଦୀପ ନିକଟରେ ଏକ ସିପ୍ ବିଲ୍ଡିଂ କ୍ଲଷ୍ଟର ନିର୍ମାଣ କରାଯାଉଛି। ଭାରତ ସରକାରଙ୍କ 'ସାଗର', 'ଆକ୍ଟ ଇଷ୍ଟ ପଲିସି', 'ବିମଷ୍ଟେକ' ଏବଂ 'କୋଷ୍ଟାଲ ସିକ୍ୟୁରିଟି ସ୍କିମ ଫେଜ-୩' ଭଳି ପ୍ରଗତିଶୀଳ ନୀତିକୁ ଓଡ଼ିଶା ସରକାର ସମ୍ପୂର୍ଣ୍ଣ ସମର୍ଥନ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା, ଅନ୍‌ମ୍ୟାନ୍‌ଡ ସିଷ୍ଟମ ଏବଂ ଅତ୍ୟାଧୁନିକ ମନିଟରିଂ ନେଟୱାର୍କର ଉପଯୋଗ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

ଏଥିସହ ମାଛଧରା ଡଙ୍ଗାଗୁଡ଼ିକରେ 'ନଭମିତ୍ର' ଟ୍ରାନ୍ସପଣ୍ଡର ଲଗାଇବା ଏବଂ କୋଷ୍ଟାଲ ଭାଇବ୍ରାଣ୍ଟ ଭିଲେଜ ପ୍ରୋଗ୍ରାମ ଭଳି କାର୍ଯ୍ୟକ୍ରମକୁ ସାମୁଦ୍ରିକ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଛନ୍ତି। ସାମୁଦ୍ରିକ ସୀମା ସୁରକ୍ଷାରେ ନିୟୋଜିତ ଭାରତୀୟ ନୌସେନା, କୋଷ୍ଟ ଗାର୍ଡ, ଓଡ଼ିଶା ପୋଲିସ ଏବଂ ଅନ୍ୟ ସମସ୍ତ ସଂସ୍ଥାର କାର୍ଯ୍ୟକୁ ସେ ଉଚ୍ଚ ପ୍ରଶଂସା କରିଥିଲେ ।

ଏହି ବୈଠକରେ ଯୋଗଦେଇ ଜାତୀୟ ମାରିଟାଇମ୍ ସୁରକ୍ଷା ସମନ୍ୱୟକାରୀ ଅବସରପ୍ରାପ୍ତ ଭାଇସ୍ ଆଡମିରାଲ୍ ବିଶ୍ୱଜିତ୍ ଦାସଗୁପ୍ତା କହିଛନ୍ତି ଯେ, ସାମୁଦ୍ରିକ ସୁରକ୍ଷା ପାଇଁ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ମଡେଲ ଖୋଜିବା ଅତ୍ୟନ୍ତ କଷ୍ଟକର। ଏଥିପାଇଁ ବିଭିନ୍ନ ମଡେଲକୁ ନେଇ ଏକ ସୁଚିନ୍ତିତ ରଣନୈତିକ ଢାଞ୍ଚା ପ୍ରସ୍ତୁତ କରିବା ଆବଶ୍ୟକ। ନୂଆଦିଲ୍ଲୀସ୍ଥିତ ନ୍ୟାସନାଲ୍ ମାରିଟାଇମ୍ ସିକ୍ୟୁରିଟି ଅଫିସ୍ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବା ସହ ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ ସଚେତନତା ସୃଷ୍ଟି କରୁଛି ଏବଂ ସମସ୍ତ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକୁ ମାର୍ଗଦର୍ଶନ ପ୍ରଦାନ କରୁଛି ବୋଲି ସେ କହିଛନ୍ତି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ କହିଛନ୍ତି ଯେ, ସାମୁଦ୍ରିକ ସୁରକ୍ଷା କେବଳ ସାମରିକ ବା ସୁରକ୍ଷାଗତ ଦିଗ ମଧ୍ୟରେ ସୀମିତ ନୁହେଁ। ସମ୍ମିଳନୀରେ ଉପସ୍ଥିତ ବରିଷ୍ଠ ଅଧିକାରୀମାନଙ୍କୁ ଅନୁରୋଧ କରି ସେ କହିଛନ୍ତି ଯେ, କେବଳ ମୁଖ୍ୟ ଉପକୂଳ ଅଞ୍ଚଳ ନୁହେଁ, ବରଂ ସମୁଦ୍ର ମଧ୍ୟରେ ଥିବା ଦ୍ୱୀପଗୁଡ଼ିକର ସୁରକ୍ଷା ଏବଂ ବିକାଶ ଉପରେ ମଧ୍ୟ ସମାନ ଭାବେ ଗୁରୁତ୍ୱ ଦିଆଯିବା ଉଚିତ। ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୋଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆଙ୍କ ସମେତ ଉପକୂଳବର୍ତ୍ତୀ ରାଜ୍ୟର ସାମୁଦ୍ରିକ ସୁରକ୍ଷା ସମନ୍ୱୟକାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ମୌସୁମୀ ଛୁଇଁଲା, ବର୍ଷା ଉଭାନ

ଭୁବନେଶ୍ୱର, ୨୪।୬: ଓଡିଶାରେ ମୌସୁମୀ ଛୁଇଁବାକୁ ଦୁଇ ସପ୍ତାହ ହେଲାଣି । କିନ୍ତୁ ରାଜ୍ୟରେ ବର୍ଷାର ଦେଖା ନାହିଁ । ଯାହା କାଳବୈଶାଖୀ ବର୍ଷା ହୋଇଛି ସେଥିରେ ଜମିକୁ ଖତ ମାଟି ହଳ କରି ବିହନ ଧରି ବସିଛି ଚାଷୀ। ବର୍ଷା ହେଲେ ତଳି ପକାଇ ଚାଷ କାମ ଆରମ୍ଭ କରିବ । ହେଲେ ବର୍ଷା ହେଉନଥିବାରୁ ଚଳିତ ବର୍ଷ ଖରିଫ ଧାନ ଚାଷ କେମିତି ହେବ ତାକୁ ନେଇ ଚିନ୍ତା ବଢିଛି । ବର୍ଷାକୁ ଅନେଇ ବସିଛି ଚାଷୀ। ଜୁନ ମାସ ଶେଷ ହେବାକୁ ବସିଲାଣି। ହେଲେ ମୌସୁମୀ ବର୍ଷାର ଦେଖାନାହିଁ। ଗତ ଜୁନ୍ ୧୨ ତାରିଖରେ ଓଡିଶା ଛୁଇଁଥିଲା ମୌସୁମୀ । ଗତକାଲି ସୁଦ୍ଧା ପୁରା ରାଜ୍ୟକୁ ଛୁଇଁସାରିଲାଣି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ । କିନ୍ତୁ ଯେଉଁ ଅନୁପାତରେ ମୌସୁମୀ ବର୍ଷା ହେବା କଥା, ୪୬%ରୁ ୪୮% କମ୍? ବର୍ଷା ହୋଇଛି । ଫଳରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଉପକୂଳଠୁ ଉତ୍ତର, ପଶ୍ଚିମଠୁ ଦକ୍ଷିଣ ସବୁଠି ସ୍ଥିତି ସମାନ । ପୁରୀ ଅସ୍ତରଙ୍ଗ ହେଉ ଅବା ସମ୍ବଲପୁର, କୁଚିଣ୍ଡା ବର୍ଷା ନଥିବାରୁ ଆରମ୍ଭ ହୋଇପାରୁନି ଚାଷ । ସାମାନ୍ୟ ବର୍ଷାରେ କାଁ ଭାଁ ହଳ କରିଥିବା ଚାଷୀ ବାଧ୍ୟ ହୋଇ ଏବେ ଖରଳି ଧାନ ବୁଣୁଛି । ଅଧିକାଂଶ ଜମି ଖାଲି, ଶୁଖିଲା ପଡିଛି କେନାଲ । ଜମିରେ ଚରୁଛନ୍ତି ଗୋରୁ, ମଇଁଷି । ଏବେ କେମିତି ଚାଷ କାମ ଆରମ୍ଭ କରିବେ ପୁରା ଚିନ୍ତାରେ ଚାଷୀ କୂଳ ।

# ରଥଯାତ୍ରା ପାଇଁ ୧୩ ଓଏଏସ୍ ଅଧିକାରୀଙ୍କୁ ଦାୟିତ୍ୱ

ପୁରୀ,୨୪।୬(ମହାଭାରତ): ଚଳିତ ବର୍ଷ ରଥଯାତ୍ରାକୁ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ କରିବାକୁ ରାଜ୍ୟ ସରକାର ପ୍ରତ୍ୟେକ କ୍ଷେତ୍ରରେ ସଜାଗ ହେଉଛନ୍ତି। ରଥଯାତ୍ରାର ସୁପରିଚାଳନା ପାଇଁ ପୁରୀରେ ୧୩ ଓଏଏସ୍ ଅଧିକାରୀଙ୍କୁ ନିଯୁକ୍ତ କରିଛନ୍ତି ସରକାର । ଅଫିସର ଅନ୍ ସ୍ପେଶାଲ୍ ଡ୍ୟୁଟି ଭାବେ ଦାୟିତ୍ୱ ଦିଆଯାଇଛି ।



ସ୍ନାନ ଯାତ୍ରାର ଅବ୍ୟବହିତ ପୂର୍ବରୁ ଅର୍ଥାତ ଜୁନ ୨୫ରୁ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ଅର୍ଥାତ ଜୁଲାଇ ୨୭ ଯାଏଁ ପୁରୀରେ ରହି ଜିଲ୍ଲା ପ୍ରଶାସନକୁ ସହଯୋଗ କରିବେ। ପୁରୀ ଜିଲ୍ଲାପାଳଙ୍କୁ ଜୁନ ୨୫ ତାରିଖରେ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗୃହ ଓ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶକ ଶୁଭନନ୍ଦ ମହାପାତ୍ର, ଅତିରିକ୍ତ ଏସଆରସି ସୁଭାଷ ଚନ୍ଦ୍ର ନାଥଶର୍ମା, କ୍ରୀଡ଼ା ବିଭାଘ ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ବିହନ କର୍ପୋରେସନ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ନିତି ରଞ୍ଜନ ସେନ, ଅବକାରୀ ବିଭାଗ ଅତିରିକ୍ତ ସଚିବ ଦେବାଶିଷ ପଟ୍ଟନାୟକ ଏବଂ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ଉପ ସଚିବ ଜିତେନ୍ଦ୍ର କୁମାର ବେହେରାଙ୍କୁ ରଥ ଯାତ୍ରା ଦାୟିତ୍ୱରେ ନିଯୁକ୍ତ କରାଯାଇଛି ।

ସେହିପରି ଇଡ଼କୋ ଲ୍ୟାଣ୍ଡ ଅଫିସର ବିଜୟ କୁମାର ନାୟକ ଓ ସୁବ୍ରତ ଜେନା, ଗଞ୍ଜାମ ଜିଲ୍ଲା ପରିଷଦ ଅତିରିକ୍ତ ଇଓ ବିଜୟ କୁମାର ଜେନା, ବରଗଡ଼ ଜିଲ୍ଲା ପରିଷଦ ଅତିରିକ୍ତ ଇଓ କିଶୋର କୁମାର ପଣ୍ଡା, ପର୍ଯ୍ୟଟନ ବିଭାଗ ଉପ ସଚିବ ମନୋଜ କୁମାର ବେହେରା ଏବଂ ଲ୍ୟାଣ୍ଡ ଅଫିସର୍ ହେମନ୍ତ ଭାରିମଲଙ୍କୁ ରଥ ଯାତ୍ରା ଦାୟିତ୍ୱ ମିଳିଛି ।

# ଗୋଦାମ ଘର ଭୁଶୁଡି ୬ ଶ୍ରମିକଙ୍କ ମୃତ

କଲକାତା, ୨୪।୬(ମହାଭାରତ): କଲକାତା ତାରାତାଲା ଅଞ୍ଚଳରେ ବଡ ଅଘଟଣ।ବୁଧବାର ଏକ ନିର୍ମାଣାଧୀନ ତିନି ମହଲା ଗୋଦାମ ଘର ଭୁଶୁଡି ପଡିବାରୁ ୬ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିବା ସହ ୪୦ରୁ ଅଧିକ ଲୋକ ଫସିଥିବା ଆଶଙ୍କା କରାଯାଉଛି। ଏନ୍‌ଡିଆରଏଫ, ଏସ୍‌ଡିଆରଏଫ, ପୁଲିସ୍ ଓ ଅଗ୍ନିଶମ ବାହିନୀ ସହିତ ସେନାର ଯବାନମାନଙ୍କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି। ଉଦ୍ଧାର ହୋଇଥିବା ୨୧ ଜଣ ଶ୍ରମିକଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର ରହିଛି। ସମସ୍ତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରଥମ ମହଲା ଛାତ ନିର୍ମାଣ କାମ ଚାଲୁଥିବା ବେଳେ ହଠାତ୍ ଲୁହା ରେଲିଂ ଗଳିପଡିଥିଲା। ଏହି ଘଟଣାରେ ମୃତକଙ୍କ ସଂଖ୍ୟା ବଢିପାରେ । ନିର୍ମାଣାଧୀନ ତିନି ମହଲା ଗୋଦାମ ଘରେ ପ୍ରକୃତରେ କେତେ ଜଣ ଶ୍ରମିକ କାମ କରୁଥିଲେ, ତାହା ସ୍ପଷ୍ଟ ହୋଇପାରିନାହିଁ। ପ୍ରଶାସନ ପକ୍ଷରୁ ଏ ବିଷୟରେ ଜାଣିବା ପାଇଁ ପ୍ରୟାସ ଚାଲିଛି। କାମ ଚାଲିଥିବା ବେଳେ ବଡ ବଡ ଲୁହା ବିମ୍ ଓ କଂକ୍ରିଟ୍ ସ୍ଲାବ୍‌ଗୁଡିକ ଭୁଶୁଡି ପଡିଥିଲା। ଫଳରେ ଶ୍ରମିକମାନେ ତା' ତଳେ ଚାପି ହୋଇଯାଇଥିଲେ। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ କହିଛନ୍ତି, ଏହି ଘଟଣା ପରେ କୋଲକାତା ମହାନଗର ନିଗମ ମୋତେ ଗୋଟିଏ ପ୍ରାଥମିକ ରିପୋର୍ଟ ଦେଇଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ ଆଠାୱାଲେ



ଭୁବନେଶ୍ୱର, ୨୪।୬(ମହାଭାରତ): ଓଡ଼ିଶାରେ ସାମାଜିକ ନ୍ୟାୟ ଓ କଲ୍ୟାଣମୂଳକ ଯୋଜନାକୁ ଆହୁରି ସୁଦୃଢ଼ କରିବା ନେଇ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସହଯୋଗ ବଢ଼ାଇବା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ବୁଧବାର ଲୋକସେବା ଭବନରେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ରାଷ୍ଟ୍ରମନ୍ତ୍ରୀ ରାମଦାସ ଆଠାୱାଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି।

ଏହି ସାକ୍ଷାତକାର ସମୟରେ ଓଡ଼ିଶାରେ ସାମାଜିକ ନ୍ୟାୟ, ଦୁର୍ବଳ ଓ ଅସହାୟ ବର୍ଗଙ୍କ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଯୋଜନାର କାର୍ଯ୍ୟକାରିତା ନେଇ ଆଲୋଚନା ହୋଇଥିଲା। ବିଭିନ୍ନ କେନ୍ଦ୍ରୀୟ ଓ ରାଜ୍ୟ ସରକାରୀ ଯୋଜନାର ସୁଫଳ କିପରି ଅଧିକ ଲୋକଙ୍କ ପାଖରେ ପହଞ୍ଚିବ, ସେଥିପାଇଁ ଉଭୟ ସରକାର ମିଳିତ ଭାବେ କାମ କରିବାକୁ ସହମତ ହୋଇଥିଲେ।

ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ। ସେ କହିଥିଲେ, ମଧୁବାବୁ ପେନସନ ଯୋଜନାରେ ଆହୁରି ୬ ଲକ୍ଷ ହିତାଧିକାରୀଙ୍କୁ ସାମିଲ କରାଯାଇଛି। ସେହିପରି ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ମାଧ୍ୟମରେ ଯୋଗ୍ୟ ପରିବାରମାନଙ୍କୁ ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ପ୍ରଦାନ କରାଯାଉଛି।ମୁଖ୍ୟମନ୍ତ୍ରୀ କହିଥିଲେ, ସମାଜର ଦୁର୍ବଳ ଓ ବଞ୍ଚିତ ବର୍ଗଙ୍କ ଜୀବନମାନର ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ସମସ୍ତ ହିତାଧିକାରୀଙ୍କ ନିକଟରେ ସରକାରୀ ସହାୟତା ପହଞ୍ଚାଇବାକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଅନ୍ୟପଟେ କେନ୍ଦ୍ରମନ୍ତ୍ରୀ ରାମଦାସ ଆଠାୱାଲେ ମଧ୍ୟ ଓଡ଼ିଶାରେ ସାମାଜିକ କଲ୍ୟାଣ କ୍ଷେତ୍ରରେ ହେଉଥିବା ପଦକ୍ଷେପକୁ ପ୍ରଶଂସା କରିଥିଲେ। ଶେଷରେ ଉଭୟ ନେତା ସାମାଜିକ ସୁରକ୍ଷା ଓ କଲ୍ୟାଣ ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ କେନ୍ଦ୍ର-ରାଜ୍ୟ ସମନ୍ୱୟକୁ ଆହୁରି ମଜବୁତ କରିବା ଉପରେ ଗୁରୁତ୍ୱ ଦେଇଥିଲେ।

# ନିଟ୍ ୟୁଜି ପୁନଃ ପରୀକ୍ଷା ପରିଚାଳନାକୁ ମୋଦୀଙ୍କ ପ୍ରଶଂସା

ନୂଆଦିଲ୍ଲୀ, ୨୪।୬(ମହାଭାରତ): ବୁଧବାର ଦିନ ମୋଦୀ କ୍ୟାବିନେଟର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପିଏମ୍ ମୋଦୀ ନିଟ୍ ପୁନଃ ପରୀକ୍ଷା ନେଇ ମନ୍ତ୍ରୀମାନଙ୍କୁ ପ୍ରଶଂସା କରିଛନ୍ତି। ପିଏମ୍ କହିଛନ୍ତି, ମନ୍ତ୍ରୀମାନେ ନିଟ୍ ପୁନଃ ପରୀକ୍ଷାକୁ କୌଣସି ଅସୁବିଧା ବିନା ଶେଷ କରିବା ପାଇଁ ସାମୂହିକ ପ୍ରୟାସ କରିଥିଲେ। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସରକାରଙ୍କ ଦୃଷ୍ଟିକୋଣ ସ୍ପଷ୍ଟ ଦେଖାଯାଇଥିଲା। ଏହି ସମୟରେ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି ଯେ ଏହି ମଡେଲ୍‌କୁ ପ୍ରତ୍ୟେକ ଅବସରରେ ଆପଣାଯିବା ଉଚିତ୍।



ପିଏମ୍ ମୋଦୀ ଆଜିର ବୈଠକରେ ନିଜ ମନ୍ତ୍ରୀମଣ୍ଡଳର ସଦସ୍ୟମାନଙ୍କୁ କହିଛନ୍ତି, ଯଦି ସମସ୍ତେ ମିଶି କାମ କରିବେ, ତେବେ ଯେକୌଣସି ଆହ୍ୱାନର ସାମ୍ନା କରାଯାଇପାରିବ ଏବଂ ତାହାକୁ ପାର୍ ମଧ୍ୟ କରାଯାଇପାରିବ। ସୂଚନାଯୋଗ୍ୟ ଯେ, ଜୁନ୍ ୨୧ ରେ ଅନୁଷ୍ଠିତନିଟ୍ ୟୁଜି ପୁନଃ-ପରୀକ୍ଷାରେ ଦେଶ ଓ ବିଦେଶର ୧୪ଟି କେନ୍ଦ୍ର ସମେତ ମୋଟ ୫,୪୪୦ଟି ପରୀକ୍ଷା କେନ୍ଦ୍ରରେ ୨୦ ଲକ୍ଷରୁ ଅଧିକ ପରୀକ୍ଷାର୍ଥୀ ସାମିଲ ହୋଇଥିଲେ। ଏହି ପରୀକ୍ଷା ହିନ୍ଦୀ ଏବଂ ଇଂରାଜୀ ସମେତ ୧୩ଟି ଭାଷାରେ ଆୟୋଜିତ ହୋଇଥିଲା।ପରୀକ୍ଷାକୁ ନେଇ ଏନଟିଏ କହିଥିଲା ଯେ ଏହା କେବଳ ଏକ ପରୀକ୍ଷା ଆୟୋଜନ ନଥିଲା, ବରଂ ସମଗ୍ର ଦେଶର ସାମୂହିକ ପ୍ରୟାସର ଏକ ଉଦାହରଣ ଥିଲା। କେନ୍ଦ୍ର ଓ ରାଜ୍ୟ ସରକାର, ବିଭିନ୍ନ ମନ୍ତ୍ରାଳୟ, ସୁରକ୍ଷା ଏଜେନ୍ସି, ଶୈକ୍ଷିକ ଅନୁଷ୍ଠାନ ଏବଂ ଲକ୍ଷ ଲକ୍ଷ କର୍ମଚାରୀ ମିଶି ପରୀକ୍ଷାକୁ ନିରପେକ୍ଷ, ସୁରକ୍ଷିତ ଏବଂ ସୁଚାରୁ କରିବାରେ ଅବଦାନ ଦେଇଥିଲେ। ପରୀକ୍ଷା କେନ୍ଦ୍ରଗୁଡ଼ିକରେ ବାୟୋମେଟ୍ରିକ ଏବଂ ଫେସ୍ ଅଥେଣ୍ଟିକେସନ, ସିସିଟିଭି ନଜର, ଜାମର୍ ଏବଂ ଦୁଇ-ସ୍ତରୀୟ ଯାଞ୍ଚ ଭଳି ସୁରକ୍ଷା ବ୍ୟବସ୍ଥା ଲାଗୁ କରାଯାଇଥିଲା।

# ରଥଯାତ୍ରା ନେଇ ପରିବହନ ବିଭାଗର ନୂଆ ନିୟମ

ଭୁବନେଶ୍ୱର/କଟକ, ୨୪।୬(ମହାଭାରତ): ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ସୁଗମ ପରିବହନ ପାଇଁ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଆୟୁକ୍ତ ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭୁବନେଶ୍ୱର ଓ କଟକ ଡିସିପି, ଟ୍ରାଫିକ ଡିସିପି, ପୁରୀର ଅତିରିକ୍ତ ଏସପି, ଜାତୀୟ ରାଜପଥ କର୍ତ୍ତୃପକ୍ଷ, ବସ୍ ମାଲିକ ସଂଘର କର୍ମକର୍ତ୍ତା, ଓଏସଆରଟିସି ଏବଂ କୁଟ୍ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଭର୍ଚ୍ଚୁଆଲ ମାଧ୍ୟମରେ ପୁରୀ ଜିଲ୍ଲାପାଳ ଯୋଗ ଦେଇଥିଲେ। ଶ୍ରୀଗୁଣ୍ଡିଚା, ବାହୁଡ଼ା ଓ ସୁନାବେଶରେ ଶ୍ରୀକ୍ଷେତ୍ର ପୁରୀକୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିବ। ଶ୍ରଦ୍ଧାଳୁମାନେ କିଭଳି ପୁରୀରେ ସୁବିଧାରେ ପହଞ୍ଚିବେ ଓ ଫେରିବେ, ସେ ବିଷୟରେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇ ସର୍ବସମ୍ମତିକ୍ରମେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି।ଯାତ୍ରୀଙ୍କ ଚାହିଦା ପୂରଣ ପାଇଁ ପୁରୀକୁ ବହୁ ସଂଖ୍ୟାରେ ଷ୍ଟେଜ୍ କ୍ୟାରେଜ୍ ବସ୍ ଚଳାଚଳ କରିବାର ଆବଶ୍ୟକତା ରହିଛି। ଏଥିପାଇଁ ଶ୍ରୀଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା ଓ ସୁନାବେଶ ନିମନ୍ତେ ଅସ୍ଥାୟୀ ପରମିଟ୍ ପ୍ରଦାନ କରାଯିବ। ରଥଯାତ୍ରାର ପୂର୍ବ ଦିନ ପାଇଁ ମଧ୍ୟ ଏହି ଅସ୍ଥାୟୀ ପରମିଟ୍ ମିଳିପାରିବ। ପୁରୀ ବାହାର ରୁଟ୍‌ର କୌଣସି ବି ବସ୍ ମାଲିକ ଏଥିପାଇଁ ଆବେଦନ କରିପାରିବେ। ଏବେ ପୁରୀକୁ ପ୍ରତିଦିନ ପ୍ରାୟ ୨୦୦ ଘରୋଇ ବସ୍ ଚଳାଚଳ କରୁଥିବା ବେଳେ ରଥଯାତ୍ରା ସମୟରେ ଏହି ସଂଖ୍ୟାକୁ ଦୁଇଗୁଣା କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ପୁରୀକୁ ଓଏସଆରଟିସି ଏବଂ କୁଟ୍ ସରକାରୀ ବସ୍ ସଂଖ୍ୟା ମଧ୍ୟ ଏହି ସମୟରେ ବୃଦ୍ଧି କରାଯିବ। ବସରେ କୌଣସି ଯାତ୍ରୀ ଅସୁସ୍ଥ ହେଲେ ତୁରନ୍ତ ସହାୟତା ପ୍ରଦାନ ପାଇଁ ସମସ୍ତ ବସରେ ପ୍ରାଥମିକ ଚିକିତ୍ସା କିଟ୍ ରଖାଯିବ। ପ୍ରମୁଖ ବସ୍ ଟର୍ମିନାଲ, ବସ୍ ଷ୍ଟପ୍ ଏବଂ ବସ୍‌ଗୁଡ଼ିକରେ ଯାତ୍ରୀଙ୍କ ପାଇଁ ପାନୀୟ ଜଳ ଓ ଓଆରଏସ ପ୍ୟାକେଟ୍ ବ୍ୟବସ୍ଥା କରାଯିବ। ରଥଯାତ୍ରା ସମୟରେ ପୁରୀଠାରେ ଏକ ସୂଚନା କେନ୍ଦ୍ର ତଥା ନିୟନ୍ତ୍ରଣ କକ୍ଷ ୨୪ ଘଣ୍ଟା ଖୋଲା ରହିବ। ଏଥିପାଇଁ ସ୍ୱତନ୍ତ୍ର ନମ୍ବର ଜାରି ହେବ। ତାଳବଣିଆରେ ମଧ୍ୟ ଏକ ହେଲ୍ପଡେସ୍କ କାର୍ଯ୍ୟ କରିବ। ଏହା ସହ ଏସଟିଏର ୨୪ ଘଣ୍ଟିଆ ଟୋଲ୍ ଫ୍ରି ନମ୍ବର ମଧ୍ୟ ସୂଚନା ପ୍ରଦାନ ପାଇଁ କାର୍ଯ୍ୟ କରିବା ନେଇ ଆଲୋଚନା ହୋଇଛି।

# ବଙ୍ଗ, ମହାରାଷ୍ଟ୍ର ପରେ ପଡିବ କି ଓଡିଶା ପାଳି ?

ଭୁବନେଶ୍ୱର, ୨୪।୦୬(ମହାଭାରତ): ଦେଶର ବିଭିନ୍ନ ରାଜ୍ୟରେ ଏବେ ବିଭାଜନ ଭୟ। ୩ ଜଣ ବାଡ ଡେଇଁ ପଳାଇଛନ୍ତି। ରାଜ୍ୟସଭାରେ ଏବେ ବିଜେଡି ସଂଖ୍ୟା ୫ । ସବୁ ବିଶ୍ୱସ୍ତ, ଅନୁଗତ । ଦଳ ପାଇଁ ଲିଳାବାଲା । ହେଲେ ଆଗକୁ ରହିବେ ନା ନାହିଁ କିଏ ଦିଲ୍ଲୀ ଯୋଗାଯୋଗରେ ଅଛନ୍ତି କି ମମତା ବାନାର୍ଜୀଙ୍କ ଅତି ଖାସ୍ କୁହାଳିଆ ନେତ୍ରୀ ସାୟୋନି ଘୋଷଙ୍କ ଭଳି ଅଚାନକ ପଟ ପରିବର୍ତ୍ତନ କରିବେନି ତ ଟିଏମସି ଏବଂ ଶିବସେନା ସ୍ଥିତି ଦେଖିବା ପରେ ବିଜୁ ଜନତା ଦଳକୁ ଡର ଗୋଡାଇଲାଣି। ଡରିବା ବି ସ୍ୱାଭାବିକ । ଏଇ ୧୫-୨୦ ଦିନ ଭିତରେ ବିଜେପି ଯେଉଁଭଳି ଚକ୍‌ମା ଦେଇଛି, ପଶ୍ଚିମବଙ୍ଗରୁ ମହାରାଷ୍ଟ୍ର ଯାଏଁ ସବୁ ଜଲକା । କ୍ଷମତାରୁ ହଟିବା ସହ ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସ୍ଥିତି ଏମିତି ଯେ ନିଜ ଦଳରୁ ହିଁ ତାଙ୍କୁ ହଟାଇ ଦିଆଯାଇଛି । କିଏ ଅନାମଧେୟ ଦଳରେ ମିଶିଲେଣି, ଆଉ କିଏ ନୂଆ ସୁପ୍ରିମୋ ବନିଗଲେଣି । ଶିବସେନା ଦଳ, ଚିହ୍ନ ତ ସିନ୍ଦେ ଗୋଷ୍ଠୀ ଆଗରୁ ଛଡାଇ ନେଇଥିଲେ, ଏବେ ୯ ସାଂସଦରୁ ୬ଜଣ ଉଦ୍ଧବ ଠାକ୍‌ରେଙ୍କ ହାତ ଛାଡି ଦେଲେ । ଏମିତି ସ୍ଥିତିରେ ବିଜେଡିରେ ବିଭାଜନ ନ ହେବ କିଏ କହିବ ଏକଥା ଖୋଦ୍ ଦଳ ଭିତରେ ଚର୍ଚ୍ଚା ଚାଲିଛି।



ପୂର୍ବରୁ ରାଜ୍ୟସଭା ନିର୍ବାଚନରେ ବିଜେଡିରୁ ୮ ଓ କଂଗ୍ରେସରୁ ୩ ବିଧାୟକ କ୍ରସ ଭୋଟିଂ କରିଥିଲେ । ତେଣୁ ଆଗକୁ ଯେ ବଡ ବିସ୍ଫୋରଣ ନ ହେବ, ସେ ଆଶଙ୍କାକୁ ଏଡାଇ ଦିଆଯାଇନପାରେ । ଦେଶର ରାଜନୀତି ଏବେ ପୂରା ଓଲଟପାଲଟ ସ୍ଥିତିରେ । ସଂସଦର ଭିତର ଚେହେରା ଆଗାମୀ ଅଧିବେଶନ ବେଳକୁ ପୂରା ବଦଳିଯାଇଥିଲା । ଗତ ଅଧିବେଶନରେ ବିରୋଧୀ ଦଳମାନଙ୍କର ଏକତା ଯୋଗୁ ଲୋକସଭାରେ ହିଁ କାଟ୍ ଖାଇଥିଲା ସଂଶୋଧିତ ସୀମା ପୁନଃ ନିର୍ଦ୍ଧାରଣ ଓ ମହିଳା ସଂରକ୍ଷଣ ବିଲ୍ । ଏଥର ଏନଡିଏ ପୂରା ଜୋରଦାର ପ୍ରସ୍ତୁତି ସହ ବିଲ୍ ପୁଣି ଥରେ ଆଣିବା ମୁଡ୍‌ରେ ଥିବା ଅନୁମାନ କରାଯାଉଛି । ଇତିମଧ୍ୟରେ ଲୋକସଭାରେ ଟିଏମସିର ୨୦ ସାଂସଦ, ଉଦ୍ଧବ ଗୋଷ୍ଠୀର ୬ ସାଂସଦଙ୍କ ସମର୍ଥନ ଏନଡିଏକୁ ଆସିସାରିଲାଣି । ଡିଏମକେର ସମର୍ଥନ କିମ୍ବା ସମାଜବାଦୀ ପାର୍ଟିରେ ବିଭାଜନ ଏନଡିଏକୁ ଆବଶ୍ୟକ ସଂଖ୍ୟା ଦେଇଦେବ ବୋଲି ଚର୍ଚ୍ଚା ରହିଛି । ନିକଟରେ ଆପ୍‌ର ୭ ସାଂସଦ ବିଜେପିରେ ମିଶିଛନ୍ତି । ପଶ୍ଚିମବଙ୍ଗରୁ ଟିଏମସିର ରାଜ୍ୟସଭା ସାଂସଦ ଆସନ ଖାଲି କରି ବିଜେପି ବଡ ଖେଳ କରିଛି । ତେଣୁ ରାଜ୍ୟସଭାରେ ଦୁଇ ତୃତୀୟାଂଶ ସମର୍ଥନ ସଂଖ୍ୟା ୧୬୩ । ଆଜିର ଦିନରେ ଏନଡିଏ ପାଖରେ ଅଛି ୧୫୩ ସଂଖ୍ୟା । ଆବଶ୍ୟକ ସମର୍ଥନ ଯୋଗାଡ ପାଇଁ ବିଜେପି କେନ୍ଦ୍ରୀୟ ନେତୃତ୍ୱ କସରତ ଜାରି ରଖିଛନ୍ତି । ଏମିତିରେ ବିଜେଡିର ୫ ସାଂସଦ ନଜରରେ ଥିବା କୁହାଯାଉଛି । ଏମିତିକି କେତେକ ଦିଲ୍ଲୀ ନେତୃତ୍ୱଙ୍କ ଯୋଗାଯୋଗରେ ଥିବା ବିଜେପି ନେତାଏ ଦାବି କରୁଛନ୍ତି । ବିଜେଡି ଖଣ୍ଡନ କରୁଛି, ଡର ପ୍ରବଳ । କେହି କାହାକୁ ଭରସା କରିପାରୁନାହାନ୍ତି । ଯିଏ ନୀରବ ରହୁଛି, ସିଏ ପଳାଇବେ ନା ଯିଏ ବେଶି ବୟାନବାଜି କରନ୍ତି, ସେ ଧୋକା ଦେବେ ଠଉରାଇବା ମୁସ୍କିଲ । ଏମିତିକି ଆବଶ୍ୟକ ପଡିଲେ କେହି ଦଳ ନ ଛାଡି ବି ବିଜେପିକୁ କେମିତି ସମର୍ଥନ କରିବେ, ତା'ର ବାଟ ବି ଖୋଜା ଚାଲିଛି ।

ବିଜେଡିର ଆଭିମୁଖ୍ୟ ବଦଳିବ ନା ସାଂସଦମାନେ ବଦଳିଯିବେ, ତାହା ଉପରେ ବି ସଭିଙ୍କ ନଜର ଅଟକିଛି । ସେହିପରି ବିଧାନସଭାରେ ବି କିଛି ବଡ ଖେଳ କରିବାକୁ ବିଜେପି ପ୍ରୟାସ କରୁଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି । ଡର କେବଳ ବିଜେଡି ଶିବିରରେ ନୁହେଁ, କଂଗ୍ରେସରେ ବି ଅଛି । କାରଣ କଂଗ୍ରେସର ୩ ବିଧାୟକ ପୂର୍ବରୁ ନିଲମ୍ବିତ ହୋଇ ସାରିଛନ୍ତି । ପାଖରେ ଏବେ ୧୧ । ସେଥିରୁ ବଡ ଫାଟ କରିବାକୁ ବି ପ୍ରୟାସ ହୋଇପାରେ । ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏମିତି କିଛି ହେଲେ ବିରୋଧୀଙ୍କୁ ଶକ୍ତ ଝଟକା ଲାଗିପାରେ । ଗତକାଲି ବିଜେପି ସାଂସଦ ପ୍ରଦୀପ ପୁରୋହିତ କହିଥିଲେ, ଟିଏମସି ଓ ଶିବସେନା ଭଳି ବିଜେଡି ଅବସ୍ଥା ହେବାକୁ ଯାଉଛି । ଏକ ବଡ ଗୋଷ୍ଠୀ ବିଜେଡିକୁ ଭାଙ୍ଗି ଏନଡିଏକୁ ଆସିପାରନ୍ତି କିମ୍ବା ଏକ ନୂଆ ସଂଗଠନ ଛିଡା କରି ଏନଡିଏକୁ ସମର୍ଥନ କରିବେ ।

## ଚିକେନ ଗୁପଚୁପ

ଆବଶ୍ୟକ ସାମଗ୍ରୀ : ଚିକେନ୍, ଲୁଣ, ଲଙ୍କା ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, କଟା ପିଆଜ, ପିଆଜ, ଅଦା, ରସୁଣ ପେଷ୍ଟ, କଲର ପାଉଡର, ସୋରିଷ ତେଲ, ଚିକେନ ପାଉଡର, ଗରମ ମସଲା ଓ ବଜାରରେ ମିଳୁଥିବା ଶୁଖା ଗୁପଚୁପ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ବଜାରରେ ମିଳୁଥିବା ଶୁଖା ଗୁପଚୁପକୁ ଆ ।ଣି ତାକୁ ଛାଣି ଏକ ପାତ୍ରରେ ରଖି ଦିଅନ୍ତୁ। ପରେ ଛୋଟ ଛୋଟ ପିସ୍ ହୋଇଥିବା ଚିକେନକୁ ଭଲ ଭାବେ ଧୋଇ ଦିଅନ୍ତୁ। ଏହା ପରେ କରେଇରେ ସୋରିଷ ତେଲ ଗରମ କରନ୍ତୁ। ସେଥିରେ କଟା ପିଆଜ ପକାଇ ଭାଜନ୍ତୁ। ପିଆଜ ଲାଲ ହୋଇଯିବା ପରେ ସେଥିରେ ପିଆଜ, ଅଦା ଓ ରସୁଣ ପେଷ୍ଟ ପକାନ୍ତୁ। ତାକୁ ଭଲ ଭାବରେ କଷନ୍ତୁ। ଏହା ପରେ ସେଥିରେ ଲଙ୍କା ଗୁଣ୍ଡ, ଜିରା ଗୁଣ୍ଡ ଓ ଧନିଆ ଗୁଣ୍ଡ, ଚିକେନ କରି ପାଉଡର ପକାନ୍ତୁ। ଏହା ସହ କିଛି କଲର ପାଉଡର ପକାଇ ଭଲ ଭାବରେ କଷନ୍ତୁ ଯ ଏବେ ସେଥିରେ ସ୍ୱାଦ ଅନୁଯାୟୀ ଲୁଣ ଓ ହଳଦୀ ପକାନ୍ତୁଯ ମସଲା ଭଲ ଭାବେ କଷି ହୋଇଯିବା ପରେ ପ୍ଲେଟରେ ଥିବା ଚିକେନ୍ ପକାଇ କଷନ୍ତୁ। ଗ୍ୟାସକୁ ସିମ୍ କରି ସିଝିବା ପାଇଁ କିଛି ସମୟ ଛାଡି ଦିଅନ୍ତୁ। ଏହା ସିଝିବା ପରେ ସେଥିରେ ଗରମ ମସଲା ପକାଇ ଓହ୍ଲାଇ ଦିଅନ୍ତୁ। ଏଥର ପ୍ରସ୍ତୁତ ହୋଇଗଲା ଗୁପଚୁପ ପାଇଁ ଚିକେନ୍ ମସଲା। ଏହାପରେ ପୁଦିନା ପତ୍ର,ରେ ଲୁଣ ମିଶାଇ ତାକୁ ଗ୍ରାଇଣ୍ଡିଂ କରି ଚଟଣୀ ପ୍ରସ୍ତୁତ କରନ୍ତି। ଏହା ପରେ ଛଣା ଗୁପଚୁପରେ ଚିକେନ ମସଲା ପୂରକୁ ପୁରାନ୍ତୁ। ସେଥିରେ ଟିକିଏ ପୁଦିନା ଚଟଣି ପକାଇ ଦିଅନ୍ତୁଯ ପ୍ରସ୍ତୁତ ହୋଇଗଲା ଚିକେନ ଗୁପଚୁପ।



**ଖବର**

## ଛାଡ଼ପତ୍ରକୁ ନେଇ ମୁହଁ ଖୋଲିଲେ ମୌନି

ଭାଙ୍ଗିଗଲା ୪ ବର୍ଷର ବାହାଘର । ତୁଟିଗଲା ସାତ ଜନ୍ମର ସମ୍ପର୍କ । ସିନେମା ଇଣ୍ଡଷ୍ଟ୍ରିରେ ଛାଡପତ୍ର ଘଟଣା ଅତି ସାଧାରଣ କଥା । ବର୍ତ୍ତମାନ ଅଭିନେତ୍ରୀ ମୌନି ରୟ ନିଜ ବ୍ୟକ୍ତିଗତ ଜୀବନ ଓ ଛାଡପତ୍ର ମାମଲାକୁ ନେଇ ଲାଇମ ଲାଇଟରେ ଅଛନ୍ତି । ତାଙ୍କୁ ନେଇ ସୋସିଆଲ ମିଡିଆରେ ଅନେକ ଚର୍ଚ୍ଚା ବି ଚାଲିଛି । ନିକଟରେ ବଲିଉଡ ଓ ଟିଭି ଅଭିନେତ୍ରୀ ମୌନି ରୟ ଓ ତାଙ୍କ ସ୍ୱାମୀ ସୂରଜ ନାମ୍ବିଆରଙ୍କ ମଧ୍ୟରେ ଛାଡ଼ପତ୍ର ହୋଇଥିଲା । ଦୁହେଁ ଆପୋଷ ବୁଝାମଣାରେ ଛାଡପତ୍ର ନିଷ୍ପତ୍ତି ନେଇଥିଲେ । ଯଦିଓ ଦୁହିଁଙ୍କ ମଧ୍ୟରୁ କେହି ବି ଏବେ ସୁଦ୍ଧା ଛାଡପତ୍ର ପଛର କାରଣ ସ୍ପଷ୍ଟ କରିନାହାନ୍ତି କିନ୍ତୁ ଛାଡପତ୍ରର କିଛିଦିନ ପରେ ମୌନି ନିଜ ସମ୍ପର୍କକୁ ନେଇ ନୀରବତା ଭାଙ୍ଗିଛନ୍ତି । ସେ ତାଙ୍କ ବୈବାହିକ ସମ୍ପର୍କକୁ ନେଇ ଅନେକ କଥା ସେୟାର କରିଛନ୍ତି।



ଏକ ସାକ୍ଷାତକାରରେ ମୌନି କାହାର ନାଁ ନନେଇ କହିଛନ୍ତି , ଯେ ମୁଁ ପିଲାବେଳେ ବହୁତ ସହଜରେ ସମସ୍ତଙ୍କୁ କ୍ଷମା କରିଦେଉଥିଲି ଆଉ ଆଜି ମଧ କରୁଛି । କିନ୍ତୁ ମୁଁ ସେହି କଥାକୁ କେବେ ବି ଭୁଲିପାରେନି ଯାହା ମତେ କଷ୍ଟ ଦେଇଥାଏ । ଯଦି କିଏ ତାଙ୍କୁ ଧୋକା ଦିଏ ତେବେ ସେ ହୁଏତ ତାଙ୍କୁ କ୍ଷମା କରିଦେଇପାରନ୍ତି କିନ୍ତୁ ଧୋକାରୁ ମିଳିଥିବା କଷ୍ଟ ସେ ଭୁଲାନ୍ତି ନାହିଁ । ତାଙ୍କୁ ଯେତେବେଳେ ପଚରାଗଲା ଯେ ସେ କ’ଣ ଏବେ ଆଉ କାହା ପ୍ରତି ମନରେ ଘୃଣାଭାବ କିମ୍ବା ଅଭିଯୋଗ ରଖୁନାହାନ୍ତି କି ? ସେବେ ସେ ଉତ୍ତର ଦେଇଥିଲେ ଯେ , ’’ଯଦି ଆପଣ ସେ କଥାକୁ ମନରୁ ନ କାଢିବେ ତେବେ ତାହା ପରେ ନିଜକୁ ବେଶୀ କଷ୍ଟ ଦେଇଥାଏ । ବେଳେବେଳେ ଯିଏ ଆପଣଙ୍କୁ କଷ୍ଟ ଦେଇଥାଏ ସେ କିନ୍ତୁ ଆପଣଙ୍କ ବିଷୟରେ ଭାବୁନଥିବ । ପଛେ ସେ ଯେତେ କଷ୍ଟ ଦେଇନଥାଉ ନା କାହିଁକି । ତେବେ ଆପଣ କାହିଁକି ତା କଥା ଭାବି ନିଜକୁ କଷ୍ଟ ଦେବେ ? ‘ ସେ ଆହୁରି କହିଛନ୍ତି, ସେ ଧ୍ୟାନ ଏବଂ ଆଧ୍ୟାତ୍ମିକ ଅଭ୍ୟାସରୁ ବହୁତ ଉପକୃତ ହୋଇଛନ୍ତି। ସମସ୍ତଙ୍କୁ କ୍ଷମା କରିବା ସମ୍ପର୍କରେ, ଅଭିନେତ୍ରୀ ସ୍ପଷ୍ଟ କରିଛନ୍ତି ଯେ ତାଙ୍କର ଅର୍ଥ ନୁହେଁ ଯେ ସମସ୍ତେ ଆପଣଙ୍କ ଦୟାଭାବର ଫାଇଦା ଉଠାଇବା ଉଚିତ। ଏହି ବିଷୟରେ କହିବାକୁ ଗଲେ, ଅଭିନେତ୍ରୀ କହିଛନ୍ତି, ‘କିଛି ଖରାପ ଲୋକ ଅଛନ୍ତି ଯେଉଁମାନେ ଆପଣଙ୍କୁ କ୍ଷତି ପହଞ୍ଚାଇବା ପାଇଁ ଯେକୌଣସି ସୀମାକୁ ଟପିପାରନ୍ତି । ମୁଁ ସେହି ବ୍ୟକ୍ତିଙ୍କୁ ଖରାପ କହୁନାହିଁ, କିନ୍ତୁ ମୁଁ ଭାବୁଛି ସେମାନଙ୍କର ଗୁଣଗୁଡ଼ିକ ଖରାପ ।‘

ମୌନି କାହାର ନାମ ତ ନେଇ ନାହାଁନ୍ତି, କିନ୍ତୁ ତାଙ୍କ ଫ୍ୟାନ୍ସଙ୍କ କହିବାନୁଯାୟୀ ଛାଡପତ୍ର ଯୋଗୁଁ ମୌନି ଖୁବ ଆଘାତ ପାଇଛନ୍ତି। ହୁଏତ ସେ ସୂରଜଙ୍କ କଥା କହୁଛନ୍ତି। କିନ୍ତୁ ପ୍ରକୃତ ସତ କଣ ତାହା କେବଳ ସେହିଁ ଜାଣନ୍ତି । ମୌନି ରୟ ଏବଂ ସୂରଜ ନାମ୍ବିଆରଙ୍କ ସମ୍ପର୍କ ବିଷୟରେ କହିବାକୁ ଗଲେ, ଦୀର୍ଘ ସମୟର ଡେଟିଂ ପରେ ଦୁହେଁ ୨୦୨୨ ମସିହାରେ ବିବାହ କରିଥିଲେ। ବିବାହରେ କେବଳ ପରିବାର ସଦସ୍ୟ, ସମ୍ପର୍କୀୟ ଏବଂ ନିକଟତମ ବନ୍ଧୁମାନେ ଯୋଗ ଦେଇଥିଲେ। କିନ୍ତୁ ବିବାହର ଚାରି ବର୍ଷ ପରେ, ୨୦୨୬ ମସିହାରେ ହିଁ ସେମାନଙ୍କର ଛାଡପତ୍ର ହୋଇଯାଇଛି । ଯାହାକୁ ସେ ହୁଏତ ସମ୍ଭାଳିପାରୁନାହାନ୍ତି । କିନ୍ତୁ ଏବେ ଧୀରେ ଧୀରେ ଉଭୟେ ସେମାନଙ୍କ ଜୀବନରେ ଆଗକୁ ବଢିବାକୁ ଚେଷ୍ଟା କରୁଛନ୍ତି ।

## ଓଜନ ହ୍ରାସ କରେ କେଶର

ଭାରତୀୟ ଖାଦ୍ୟରେ ବ୍ୟବହୃତ ହେଉଥିବା ମସଲା ଗୁଡିକୁ ମଧ୍ୟରୁ ଗୋଟିଏ ହେଉଛି କେଶର ବା ସାଫ୍ରୋନ୍ । ଏହା ମହଙ୍ଗା ହୋଇଥିଲେ ମଧ୍ୟ ଅନେକ ଔଷଧୀୟ ଗୁଣରେ ଭରପୂର । ଏଥିରେ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଥିବାରୁ କ୍ଷୀରରେ ମିଶାଇ ରୋଗୀ ଓ ଗର୍ଭବତୀଙ୍କୁ ପିଇବାକୁ ଦିଆଯାଇଥାଏ । କେଶର କେବଳ ଖାଦ୍ୟର ସ୍ୱାଦକୁ ବଢାଇ ନଥାଏ, ଏଥିରେ ଥିବା ପୋଷାକତତ୍ତ୍ୱ ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । ତା’ହେଲେ ଆସନ୍ତୁ ଜାଣିବା କେଶରେ କଣ ସବୁ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି ।



ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଖାଇଲେ ଭୋକ କମ୍ ଲାଗିଥାଏ। ଯଦି ଆପଣ ଅଧିକ ଓଜନକୁ ନେଇ ଚିନ୍ତାରେ ଅଛନ୍ତି, ତା’ହେଲେ ଦୈନନ୍ଦିନ ଡାଏଟରେ କେଶରକୁ ସାମିଲ କରନ୍ତୁ। ଏହାଦ୍ୱାରା ଓଜନ କମ୍ ହୋଇଥାଏ ।

କେଶର ଶରୀରରେ ହରମୋନକୁ ନିୟନ୍ତ୍ରଣ କରେ । ଯେଉଁ ମହିଳାଙ୍କର ଋତୁସ୍ରାବ ଜନିତ ସମସ୍ୟା ରହିଛି, ସେମାନଙ୍କୁ କେଶର ଖାଇବାକୁ ଦିଅନ୍ତୁ । କେଶର ଖାଇଲେ ମାସିକ ଋତୁସ୍ରାବ ଠିକ୍ ହେବା ସହ ପେଟ ଯନ୍ତ୍ରଣା କମ୍ ହୋଇଥାଏ । କେଶର ଖାଇଲେ ମାସିକ ଋତୁସ୍ରାବ ଠିକ୍ ହେବା ସହ ପେଟ ଯନ୍ତ୍ରଣା କମ୍ ହୋଇଥାଏ ।

ଜ୍ୱର,ଥଣ୍ଡା ଓ କାଶର ଚିକିତ୍ସା ପାଇଁ ମଧ୍ୟ କେଶରକୁ ବ୍ୟବହାର କରାଯାଇଥାଏ ।

ଗବେଷଣା ଅନୁସାରେ କେଶର ହାର୍ଟ ପାଇଁ ଭଲ । ତେଣୁ କେଶର ଖାଇଲେ ହାର୍ଟ ଆଟାକର ଆଶଙ୍କା କମ୍ ରହିଥାଏ ।

କେଶରରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଆଖିର ଦୃଷ୍ଟିଶକ୍ତି ବଢାଇଥାଏ ।

## ରୋଷେଇ ଘରୁ ଦୁର୍ଗନ୍ଧ ଆସୁଛି କି ?

ରୋଷେଇ ଘରକୁ ସବୁବେଳେ ସଫାସୁତୁରା ରଖିବା ଉଚିତ୍ । କାରଣ ରୋଷଇ ଘରେ ଜୀବାଣୁ ବ୍ୟାପିଲେ ଏହା ଆମ ଖାଦ୍ୟରେ ମିଶି ଆମ ପେଟ ଭିତରକୁ ଯାଇଥାଏ । ବେଳେ ବେଳେ ଦେଖାଯାଏ ଯେ ରୋଷେଇ ଘର ଯେତେ ସଫା ରଖିଲେ ବି ସେଠାରୁ ଦୁର୍ଗନ୍ଧ ବାହାରିଥାଏ । ରୋଷେଇ ଘରେ ପଶିବା ମାତ୍ରେ ଏ ଗନ୍ଧ ସିଧା ନାକରେ ଆସି ପଶିଯାଏ । ଏହାର କାରଣ ହେଉଛି ଆପଣଙ୍କ କିଚେନର ବେସିନର ଦୁର୍ଗନ୍ଧ,ଯାହାକୁ ନେଇ ଅଧିକାଂଶ ମହିଳା ବହୁ ଚିନ୍ତିତ ରୁହନ୍ତି । ଯଦି ଆପଣବି ବେସିନରୁ ଆସୁଥିବା ଏହି ଗନ୍ଧକୁ ନେଇ ଚିନ୍ତିତ,ତେବେ ଆଜି ଆମେ ଆପଣଙ୍କୁ ଏହାର ସମାଧାନ ପାଇଁ କିଛି ଘରୋଇ ଟିପ୍ସ ଦେବୁ ।

ଲୁଣ: ରୋଷେଇଘର ବେସିନରେ ଧୋଇବା ଫଳରେ ବାସନରେ ଲାଗି ରହିଥିବା। ଖାଦ୍ୟ ପଡି ବେସିନ୍ ଜାମ୍ ହୋଇଯାଏ । ତେଣୁ ଏଥିରୁ ଦୁର୍ଗନ୍ଧ ବାହାରେ । ଆପଣ ବାସନ ସଫା କରିସାରିଲା ପରେ ବେସିନରେ ଲୁଣ ପକାଇ ବ୍ରଶ୍ ମାଧ୍ୟମରେ ଭଲରେ ସଫା କରନ୍ତୁ । ଏହା କଲେ ଦୁର୍ଗନ୍ଧ ଦୂର ହେବା ସହ ଜୀବାଣୁ ବ୍ୟାପିବା ଆଶଙ୍କା କମ୍ ହୋଇଥାଏ ।

ଲେମ୍ବୁ: ବେସିନର ଗନ୍ଧକୁ ଦୂର କରିବାକୁ ହେଲେ ଆପଣଙ୍କୁ ଲେମ୍ବୁ ଓ ଲୁଣରେ ଏକ ପେଷ୍ଟ ପ୍ରସ୍ତୁତ କରିବାକୁ ପଡିବ । ଏହି ପେଷ୍ଟରେ ବେସିନକୁ ବ୍ରସ୍ ସାହାଯ୍ୟରେ ଭଲ ଭାବେ ସଫା କରନ୍ତୁ । ଏପରି କରିବା ଦ୍ୱାରା ବେସିନ ସଫା ହୋଇ ଚମକିବା ସହ ଗନ୍ଧ ମଧ୍ୟ ଦୂର ହୋଇଯିବ ।

କଳା ଭିନେଗାର: ଯେପରି ବାସନ ଧୋଇବା ଜରୁରୀ ହୋଇଥାଏ, ସେହିପରି ବେସିନ୍ ସଫା କରିବା ମଧ୍ୟ ଜରୁରୀ ହୋଇଥାଏ । ବେସିନ ସଫା କଲା ସମୟରେ ଆପଣ କଳା ଭିନେଗାରର ବ୍ୟବହାର କରିପାରିବେ । ବାସନ ଧୋଇଲା ପରେ ଭିନେଗାର ଦ୍ୱାରା ବେସିନ ଚାରିପାଖ ବ୍ରସ ଦ୍ୱାରା ସଫା କଲେ ବେସିନର ଦୁର୍ଗନ୍ଧ ଦୂର ହେବା ସହ ପରିଷ୍କାର ହୋଇ ଚିକ୍ ଚିକ୍ ଦେଖାଯାଏ ।



ବେକିଂ ସୋଡା: ନିଜ ବେସିନକୁ ଚମକାଇବା ପାଇଁ ଆପଣ ବେକିଂ ସୋଡାର ବ୍ୟବହାର କରିପାରିବେ । ଏଥିପାଇଁ ଆପଣ ବେସିନରେ ବେକିଂ ସୋଡା ପକାଇ ୫ମିନିଟ୍ ଛାଡି ଦେବେ । ଏହାପରେ ସ୍କ୍ରବ ଦ୍ୱାରା ରଗଡିକି ସଫା କରିବା ଉଚିତ୍ । ଏହାଫଳରେ ବେସିନ୍ ପୂରାପୂରି ସଫା ହେବା ସହ ଏଥିରୁ ଆସୁଥିବା ଦୁର୍ଗନ୍ଧ ମଧ୍ୟ ଦୂର ହୋଇଥାଏ ।

## ଦିଲ୍ଲୀର ୬ଟି ଦର୍ଶନୀୟ ସ୍ଥାନ

ବ୍ୟସ୍ତବହୁଳ ଜୀବନ ଭିତରେ ମଣିଷ ନିଜର ଅବସର ସମୟର ସଦୁପଯୋଗ କରିବାକୁ ବିଭିନ୍ନ ପ୍ରକାରର ଯୋଜନା କରିଥାଏ। କିଛି ଲୋକ ବିଭିନ୍ନ ସ୍ଥାନ ପରିଭ୍ରମଣ କରିବା ସହ ସେଠାକାର ସଂସ୍କୃତି ପରମ୍ପରା ଜାଣିବାକୁ ଚେଷ୍ଟା କରିଥାନ୍ତି। ଆଉ କିଛି ଲୋକ ନୂଆ ନୂଆ ଖାଦ୍ୟ ଖାଇବା ସହ ଅନ୍ୟ ସମ୍ପ୍ରଦାୟର ଚଳଣୀ ବିଷୟରେ ଜାଣିବାକୁ ଆଗ୍ରହୀ ରହିଥାନ୍ତି। ତେବେ ଆପଣ ଯଦି ଭାରତର ରାଜଧାନୀ ଦିଲ୍ଲୀ ବୁଲିବାକୁ ଚାହୁଁଛନ୍ତି ତେବେ ଆଜି ଆମେ ଦିଲ୍ଲୀରେ ଥିବା କେତେକ ପର୍ଯ୍ୟଟନ ସ୍ଥଳୀ ସମ୍ପର୍କରେ ତଥ୍ୟ ନିମ୍ନରେ ଦେଉଛୁ। ଦିଲ୍ଲୀ ଏକ ଏପରି ପର୍ଯ୍ୟଟନ ସ୍ଥଳୀ ଯେଉଁଠି କି ଥରେ ଗଲେ ଆସିବାକୁ ଇଚ୍ଛା ହୁଏ ନାହିଁ। ଏହାର କାରଣ ହେଉଛି ଦିଲ୍ଲୀରେ ରାଜାମାନଙ୍କ ଅମଳରୁ ରହିଥିବା ବିଭିନ୍ନ କଳା ସ୍ଥାପତ୍ୟର ଯାଦୁ।

ଦିଲ୍ଲୀରେ ଥିବା ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ମଧ୍ୟରୁ ଇଣ୍ଡିଆ ଗେଟ୍, ଚାନ୍ଦିନ ଚୌକ, ଲାଲକିଲ୍ଲା, ଅକ୍ଷର ଧାମ, ଲୋଦି ଗାର୍ଡେ଼ନ, ହୁମାୟନଙ୍କ ମକ୍ବରା ଅନ୍ୟତମ।



ଇଣ୍ଡିଆ ଗେଟ: ଏହା ସହିଦମାନଙ୍କର ସମାଧି ପୀଠ ଭାବେ ପରିଚିତ। ଇଣ୍ଡିଆ ଗେଟର ପଥରରେ ଯବାନମାନଙ୍କ ନାମ ଉଲ୍ଲେଖ ରହିଛି। ସବୁଠାରୁ ବଡ଼ ଆକର୍ଷଣ ହେଉଛି ଇଣ୍ଡିଆ ଗେଟ ମଝିରେ ଅମର ଜ୍ୟୋତି ଅହରହ ଜଳୁଥାଏ। ଏହାର ଆଖପାଖରେ ଅନେକ ପାର୍କ ରହିଛି। ସନ୍ଧ୍ୟା ସମୟରେ ଏହାର ଦୃଶ୍ୟ ବେଶ ମନଲୋଭା।

ଚାନ୍ଦିନିଚୌକ: ଏହି ନାମ ଆପଣ ଆଗରୁ ଅନେକ ଥର ସିନେମାରେ ଶୁଣିଥିବେ। ଏହା ଭାରତର ସବୁଠାରୁ ପୁରୁଣା ବ୍ୟବସାୟିକ ବଜାର ରୂପେ ବେଶ ପ୍ରଖ୍ୟାତ । ବିଷେଶ କରି ମହିଳା ମାନଙ୍କ ପ୍ରସାଧନ ସାମଗ୍ରୀ ସୁଲଭ ମୂଲ୍ୟରେ ମିଳେ। ଏହାର ପରିକଳ୍ପନା ସାହାଜାହାନଙ୍କ କନ୍ୟା ଜାହାନଆରା କରିଥିଲେ।

ଲାଲକିଲ୍ଲା: ସାହାଜାହାନଙ୍କ ଦ୍ୱାରା ତିଆରି ହୋଇଥିବା ଲାଲକିଲ୍ଲା ସହର ମଧ ଭାଗରେ ଅବସ୍ଥିତ। ଏଠାରେ ଭାରତର ପ୍ରଧାନମନ୍ତ୍ରୀ ପ୍ରତିବର୍ଷ ୧୫ ଅଗଷ୍ଟରେ ଭାରତବାସୀଙ୍କୁ ସମ୍ବୋଧିତ କରିଥାନ୍ତି। ଏହାର ପ୍ରତ୍ୟେକ କୋଠାକୁ ମେହଲ କୁହାଯାଏ। ପୂର୍ବରୁ ଲାଗିଥିବା ହୀରା ,ମୋତି, ମାଣିକ୍ୟ ସହ ମୁଲ୍ୟବାନ ପଥର ଇଂରେଜମାନେ ଲୁଟି ନେଇଛନ୍ତି।

ଅକ୍ଷର ଧାମ : ଏହାର ଅର୍ଥ ଭଗବାନଙ୍କ ଘର । ଏଠାରେ ଏକ ଫାଉଣ୍ଡେସନ ସୋ ହୋଇଥାଏ । ଯେଉଁଥିରେ ମନୁଷ୍ୟ ଜନ୍ମ ହେବା ଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ପାଣି ଏବଂ ଲାଇଟରେ ପ୍ରଦର୍ଶିତ ହୋଇଥାଏ।

ଲୋଦି ଗାର୍ଡେ଼ନ: ୯୦ ଏକର ଜମିରେ ନିର୍ମିତ ହୋଇଛି ଗାର୍ଡେ଼ନ, ଯେଉଁଠି ଲୋଦି ବଂଶର ବିଭିନ୍ନ ସ୍ମାରକୀ ଦେଖିବବାକୁ ମିଳେ।

ହୁମାୟୁନଙ୍କ ମକବରା: ଏଠାରେ ମୋଗଲ ହୁମାୟନଙ୍କ ସହ ଅନ୍ୟ ଶାସକଙ୍କ ସମାଧି ରହିଛି। ମକବରା ଗୋଟିଏ ସ୍ଥାନ ଯେଉଁଠି ନାଲି ପଥରରେ ବିଶାଳକାୟ କାରୁକାର୍ଯ୍ୟ ତିଆରି ହୋଇଥାଏ। ଦିଲ୍ଲୀରେ ବିଭିନ୍ନ ପ୍ରକାର ଖାଦ୍ୟ ମିଳିଥାଏ । ଆପଣ ନିଜ ଅନୁଶାରେ ରୁଚିକର ଖାଦ୍ୟ ଗ୍ରହଣ କରିପାରିବେ।

## ଟ୍ରେଣ୍ଡି ରଫଲ ଲେହେଙ୍ଗା

ସାଧାରଣତଃ ପୋଷାକର କିଛି କିଛି ସ୍ଥାନରେ କପଡ଼ା କୁଞ୍ଚ କୁଞ୍ଚ ହୋଇ ଝୁଲିକି ରହିବାର ଷ୍ଟାଇଲକୁ ରଫଲ କୁହାଯାଇଥାଏ। ଆଉଟଫିଟ୍ ଯେତେ ସିମ୍ପଲ ହେଉନା କାହିଁକି ରଫଲ ଦ୍ୱାରା ସେଥିରେ ଗ୍ଲାମର ଟଚ୍ ଆସିଥାଏ।



ସେଥିପାଇଁ ତ ଏବେ ରଫଲ ଆଉଟଫିଟର ଟ୍ରେଣ୍ଡ ଖୁବ ଚାଲିଛି। ଟପ୍ସଠାରୁ ଆରମ୍ଭ କରି ଶାଢି , ଡ୍ରେସ , ସ୍କର୍ଟ ଏପରି ଏକ ଲେହେଙ୍ଗାରେ ବି ରଫଲ ଷ୍ଟାଇଲକୁ ଅନୁକରଣ କରାଯାଉଥିବା ଦେଖିବାକୁ ମିଳୁଛି। ଏଠାରେ ସେମିତି କିଛି ଟ୍ରେଣ୍ଡି ରଫଲ ଲେହେଙ୍ଗା ସମ୍ପର୍କରେ।

ରଫଲ ଆର୍ଟ ସିଲ୍କ ରେଡ଼ ଲେହେଙ୍ଗା: ଏହାକୁ ଫ୍ୟାଶନ ଏକ୍ସପର୍ଟମାନେ ନ୍ୟୁ ଏଜ ଲେହେଙ୍ଗା ବୋଲି ମଧ୍ୟ କହିଥାନ୍ତି। ଏହି ଲେହେଙ୍ଗାର ଆକର୍ଷଣୀୟ ରଙ୍ଗ ସାଙ୍ଗକୁ ମଲ୍ଟି ଲେୟାର ଡ଼ିଜାଇନ ପାର୍ଟି ଲୁକ ପାଇଁ ପୂରା ପରଫେକ୍ଟ ଲାଗେ। ତେବେ ଏହି ଲେହେଙ୍ଗାର ରଙ୍ଗ ରେଡ଼ ବା ନାଲି ହୋଇଥିବାରୁ ତା’ ସହିତ ମ୍ୟାଚିଂ କରି ନାଲି ରଙ୍ଗର ହାଇ ହିଲ ପିନ୍ଧିଲେ ଲୁକ ମଡ଼ର୍ନ ଲାଗିଥାଏ।

ଲେହେଙ୍ଗା ଉଇଥ ରଫଲ ଦୁପଟ୍ଟା: ମିକ୍ସ ଆଣ୍ଡ ମ୍ୟାଚ ପାର୍ଟନ ଆଉଟଫିଟରେ ବି ଚଳଣି ଏବେ ଖୁବ ଚାଲିଛି। ତେଣୁ ଆଜିକାଲି ଦେଖିବାକୁ ମିଳିଛି କେତେକ ଲେହେଙ୍ଗାର କେବଳ ଦୁପଟ୍ଟା ବା ଓଢଣୀରେ ରଫଲ କାମ ହୋଇ ଆସୁଛି , ଯାହାକୁ ପାର୍ଟି , ଫଙ୍କସନ ଏପରି କି ପର୍ବପର୍ବାଣିରେ ମଧ୍ୟ ପିନ୍ଧି ହେବ। ହେହେତୁ ଏହି ଲେହେଙ୍ଗାର କେବଳ ଦୁପଟ୍ଟାରେ ରଫଲ କାମ ହୋଇଥାଏ, ତେଣୁ ଏହାକୁ ମ୍ୟାଚିଂ କରି ରଫଲ ଜୁଏଲେରୀ ପିନ୍ଧିଲେ ଷ୍ଟାଇଲ ବାଲାନ୍ସ ଲାଗିଥାଏ।

ରଫଲ ଏମ୍ବ୍ରୋଡ଼ୋରୀ ଲେହେଙ୍ଗା ଚୋଲି: ଏମ୍ବ୍ରୋଡ଼ୋରୀ କାମ ହୋଇଥିବା ଆଉଟଫିଟ ସବୁବେଳେ ଆକର୍ଷଣୀୟ ଲାଗିଥାଏ। ଆଉ ଯେଉଁ ଲେହେଙ୍ଗାରେ ଏମ୍ବ୍ରୋଡ଼ୋରୀ ସାଙ୍ଗକୁ ରଫଲ ଡ଼ିଜାଇନର ବ୍ୟବହାର ହୋଇଥିବ , ତାହା ଯେ କେତେ ସୁନ୍ଦର ଦେଖାଯାଉ ନଥିବା ଥରେ ଚିନ୍ତା କରନ୍ତୁ ନା। ତା’ହେଲେ ଆଉ ଡ଼େରି କାହିଁକି ଏ ଷ୍ଟାଇଲର ଲେହେଙ୍ଗାକୁ କିଣି ଗ୍ଲାମର୍ସ ଲୁକ ପାଇବାକୁ ପ୍ରସ୍ତୁ ତ ହୋଇ ଯାଆନ୍ତୁ ନା। ତେବେ ଏହି ଲେହେଙ୍ଗା ସହ ହାଲକା ଜୁଏଲାରୀ ପିନ୍ଧିଲେ ସୋବର ଲୁକ ମିଳିଥାଏ।

ଷ୍ଟୋନ ଓ୍ୱାର୍କ ରଫଲ ଲେହେଙ୍ଗା: ଏ ଧରଣର ଲେହେଙ୍ଗାରେ ଯେଉଁ ଯେଉଁ ସ୍ଥାନରେ ରଫଲର ବ୍ୟବହାର କରାଯାଇଥାଏ, ଠିକ ସେହି ସ୍ଥାନରେ ଗୋଟିଏ ଗୋଟିଏ ଷ୍ଟୋନ ଲାଗିବା ସହ ଲେହେଙ୍ଗାରେ ବ୍ଲାଉଜ ଓ ଦୁପଟ୍ଟାରେ ବି ଷ୍ଟୋନ କାମ ହୋଇଥାଏ। ଖାସ କରି ନାଇଟ ପାର୍ଟିର ଏହାକୁ ପିନ୍ଧିଲେ ରଙ୍ଗିନ ଆଲୋକରେ ଏହା ଖୁବ ଗର୍ଜିୟସ ଲାଗିଥାଏ। ତା’ଛଡ଼ା ଏହି ଲେହେଙ୍ଗାରେ ଷ୍ଟୋନ କାମ ହୋଇଥିବାରୁ ଏହା ସହିତ ଷ୍ଟୋନ ଜୁଏଲାରୀ ପିନ୍ଧିଲେ ହିଁ ଭଲ ମାନେ।

ରୟାଲ ବ୍ଲୁ ଏମ୍ବ୍ରୋଡ଼ୋରୀ ରଫଲ

# ଖରିଫ ଓ ଏଲ୍ ନିନୋ ମୁକାବିଲାର ପ୍ରସ୍ତୁତି ସମୀକ୍ଷା

**ଭୁବନେଶ୍ୱର, ୨୪।୬ (ମହାଭାରତ):** କେନ୍ଦ୍ର କୃଷି ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ମଙ୍ଗଳବାର ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ଭିଡ଼ିଓ କନଫରେନ୍ସିଂ ବୈଠକରେ ଖରିଫ୍ ୨୦୨୬ ପାଇଁ ପ୍ରସ୍ତୁତି ଏବଂ ଏଲ୍ ନିନୋର ପ୍ରଭାବକୁ ମୁକାବିଲା କରିବା ପାଇଁ ରାଜ୍ୟର ରଣନୀତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ବୈଠକରେ ଓଡ଼ିଶାର ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସମେତ କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ମୃତିକା ସଂରକ୍ଷଣ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା ଏବଂ ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ବାମନ ପ୍ରମୁଖ ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଭାରତୀୟ ପାଣିପାଗ ବିଭାଗ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦୀର୍ଘକାଳୀନ ହାରାହାରିର ୯୨% ରହିବ ବୋଲି ପୂର୍ବାନୁମାନ କରିଥିବାରୁ, ଦେବଗଡ଼, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ରାୟଗଡ଼ା, ମାଲକାନଗିରି ଏବଂ ନବରଙ୍ଗପୁର ଆଦି ୮ଟି ଜିଲ୍ଲା ଉପରେ ସ୍ୱତନ୍ତ୍ର ନଜର ରଖାଯାଇଛି। ରାଜ୍ୟ ପ୍ରଶାସନ ପକ୍ଷରୁ



ବିଳମ୍ବରେ ରୁଆ, ଆର୍ଦ୍ରତାର ଅଭାବ, ଜଳଭଣ୍ଡାରରେ ଜଳସ୍ତର ହ୍ରାସ ଏବଂ ରୋଗପୋକ ସଂକ୍ରମଣ ଭଳି ସମ୍ଭାବ୍ୟ ବିପଦକୁ ମୁକାବିଲା କରିବା ପାଇଁ ସଜାଗ ରହିଛି। କୃଷି ଉତ୍ପାଦନକୁ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ୫୭.୮୮ ଲକ୍ଷ ହେକ୍ଟର ଜମିରେ ଚାଷ ପାଇଁ ଚୂଡ଼ାନ୍ତ କରିଛି। ଏଥିପାଇଁ ସବସିଡ଼ି ଦରରେ ପ୍ରାମାଣିକ ବିହନ ବଂଟନ ଏବଂ ସଙ୍କଟ ସମୟରେ ବ୍ୟବହାର ପାଇଁ ୧୪,୩୫୦ କ୍ୱିଂଟାଲ (୭,୫୦୦ କ୍ୱିଂଟାଲ ଧାନ ଏବଂ ୬,୮୫୦ କ୍ୱିଂଟାଲ ଅଣ-ଧାନ ବିହନ)ର ଏକ ବିହନ ଭଣ୍ଡାର ପ୍ରତିଷ୍ଠା କରାଯାଇଛି। ଏହାଛଡ଼ା, ଚାଷୀମାନଙ୍କୁ ସାର ଯୋଗାଇବା ପାଇଁ ୧୧.୪୨ ଲକ୍ଷ ମେଟ୍ରିକ ଟନ୍ ଚାହିଦା ବିପକ୍ଷରେ ୬.୪୦ ଲକ୍ଷ ମେଟ୍ରିକ ଟନ୍ ସାର ଉପଲବ୍ଧ କରାଯାଇଛି। କୃଷି କ୍ଷେତ୍ରରେ ସ୍ଥିରତା ଏବଂ ଚାଷୀଙ୍କ ସଶକ୍ତିକରଣ ଉପରେ ଗୁରୁତ୍ୱ ଦେଇ ସରକାର ପ୍ରଯୁକ୍ତିବିଦ୍ୟା ଓ ସାମୁଦାୟିକ ସହଭାଗିତାକୁ ବ୍ୟବହାର କରୁଛନ୍ତି। 'କୃଷି ସମୃଦ୍ଧି ହେଲ୍‌ପଲାଇନ୍'ର ଆଇଭିଆରଏସ୍ ବ୍ୟବସ୍ଥା ମାଧ୍ୟମରେ ଚାଷୀଙ୍କୁ ସମୟାନୁସାରେ ପାଣିପାଗ ସମ୍ବନ୍ଧୀୟ ପରାମର୍ଶ ଦିଆଯାଉଛି। ଏଥିସହିତ, ରାସାୟନିକ ସାର ଉପରେ ନିର୍ଭରଶୀଳତା କମାଇବା ଏବଂ ସ୍ଥାୟୀ ଚାଷ ପଦ୍ଧତିକୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତ ଜିଲ୍ଲା ଓ ବ୍ଲକରେ 'ଖେତ ବଂଚାଅ ଅଭିଯାନ' ଏବଂ ପ୍ରାକୃତିକ ଚାଷ ଉପରେ କର୍ମଶାଳା ଆୟୋଜନ କରାଯାଉଛି। ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହ ଦେଓ କହିଛନ୍ତି ଯେ, ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଓଡ଼ିଶା କୃଷକମାନଙ୍କ ସ୍ୱାର୍ଥ ରକ୍ଷା ଓ ଆର୍ଥିକ ସୁରକ୍ଷା ଉପରେ ଗୁରୁତ୍ୱ ଦେଉଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ଟିମ୍ ଗୁଡ଼ିକ ରୋଗପୋକ ନିୟନ୍ତ୍ରଣ ଓ ତଦାରଖ ପାଇଁ ସଜାଗ ରହିଛନ୍ତି। ସେହିପରି 'ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା'ରେ ଅଧିକରୁ ଅଧିକ ଚାଷୀଙ୍କୁ ସାମିଲ କରିବା ପାଇଁ ପ୍ରୟାସ ଜାରି ରହିଛି। ଏହି ସମନ୍ୱିତ ପ୍ରୟାସ ମାଧ୍ୟମରେ ଏଲ୍ ନିନୋର ପ୍ରଭାବରୁ ଚାଷୀଙ୍କୁ ରକ୍ଷା କରିବା ଏବଂ ରାଜ୍ୟରେ ନିରନ୍ତର କୃଷି ବିକାଶ ସୁନିଶ୍ଚିତ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଅଭିହିତ କରିଛନ୍ତି।

# କିଟ୍ ଓ କିସ୍‌ରେ ଅନ୍ତର୍ଜାତୀୟ ଯୋଗ ଦିବସ

**ଭୁବନେଶ୍ୱର, ୨୪।୬ (ମହାଭାରତ):** ଭାରତ ସମେତ ବିଶ୍ୱର ବିଭିନ୍ନ ସ୍ଥାନରେ ଦ୍ୱାଦଶ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଉଥିବା ବେଳେ କିଟ୍ ଓ କିସ୍‌ରେ ମଧ୍ୟ ରବିବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଚଳିତବର୍ଷର ବିଷୟବସ୍ତୁ ଥିଲା 'ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ'। ଏହି ଅବସରରେ ପ୍ରାତଃ ୬ଟା ସମୟରେ କିସ୍ ବିଶ୍ୱବିଦ୍ୟାଳୟ ଓ କିଟ୍ ବିଶ୍ୱବିଦ୍ୟାଳୟରେ ମିଳିତ ଭାବେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯିବା ସହ ଯୋଗାଭ୍ୟାସ କରାଯାଇଥିଲା। ଏଥିରେ କିଟ୍, କିସ୍ ଓ କିମ୍‌ସର ଛାତ୍ରଛାତ୍ରୀ, ଶିକ୍ଷକ ଓ କର୍ମଚାରୀ ଏକାଠି ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ ଯୋଗ ହେଉଛି ଆମର ପୁରାତନ ପରମ୍ପରା। ସମଗ୍ର ବିଶ୍ୱକୁ ଏହା ହେଉଛି ଭାରତର ସବୁଠାରୁ ମୂଲ୍ୟବାନ ଦାନ। ସମଗ୍ର ବିଶ୍ୱରେ ଯୋଗ ପ୍ରତି ଲୋକଙ୍କ ଆଗ୍ରହ ବୃଦ୍ଧି ପାଇ ଚାଲିଛି।



ଯୋଗ କେବଳ ଯେ ଆମକୁ ଶାରୀରିକ ଭାବେ ଫିଟ୍ ରଖିଥାଏ ତାହା ନୁହେଁ, ଏହା ମଧ୍ୟ ଆମର ମାନସିକ ଚାପ କମାଇବା ସହ ଆମକୁ ମାନସିକ ଶାନ୍ତି ପ୍ରଦାନ କରିଥାଏ ବୋଲି ସେ କହିଥିଲେ। ଚଳିତବର୍ଷର ବିଷୟବସ୍ତୁ ଉପରେ ଗୁରୁତ୍ୱଦେଇ ଶ୍ରୀ ସାମନ୍ତ କହିଲେ, ବାର୍ଦ୍ଧକ୍ୟ ଅବସ୍ଥାରେ ସୁସ୍ଥ ରହିବା ପାଇଁ ଯୋଗ ନିୟମିତ ଅଭ୍ୟାସ କରିବା ଉଚିତ। ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟଙ୍କ ସମେତ କିଟ୍ ଓ କିସ୍‌ର ସମସ୍ତ ସ୍କୁଲ୍ ଓ ବିଭାଗୀୟ ଡିନ୍, ନିର୍ଦ୍ଦେଶକଙ୍କ ସମେତ ପ୍ରାୟ ୬ ହଜାର କର୍ମଚାରୀ ଉପସ୍ଥିତ ରହି ଯୋଗାଭ୍ୟାସ କରିଥିଲେ। କିଟ୍ ଯୋଗ ସ୍କୁଲ୍ ପ୍ରଫେସର ଡ. ଶାନ୍ତମତି ଦାଶ ଓ ଉପନିର୍ଦ୍ଦେଶକ ରଶ୍ମିରଞ୍ଜନ ପ୍ରଧାନ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏକତା ମଧ୍ୟରେ ବିବିଧତା ଭାରତର ସର୍ବଶ୍ରେଷ୍ଠ ଶକ୍ତି

**ଭୁବନେଶ୍ୱର, ୨୪।୬ (ମହାଭାରତ):** ଏକତା ମଧ୍ୟରେ ବିବିଧତା ହେଉଛି ଭାରତର ସର୍ବଶ୍ରେଷ୍ଠ ଶକ୍ତି ଏବଂ ସ୍ଥିରତା ଓ ପ୍ରଗତିର ମଜବୁତ୍ ଭିତ୍ତି ବୋଲି ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି କହିଛନ୍ତି। ଲୋକ ଭବନର ନ୍ୟୁ ଅଭିଷେକ ହଲ୍‌ରେ ଅନୁଷ୍ଠିତ ପଶ୍ଚିମବଙ୍ଗ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗ ଦେଇ ରାଜ୍ୟପାଳ ଏହା କହିଛନ୍ତି କ୍ଷ ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ପ୍ରତ୍ୟେକ ଭାଷା, ସଂସ୍କୃତି, ପରମ୍ପରା ଏବଂ ଗୋଷ୍ଠୀ ଭାରତର ଏକତା ମଧ୍ୟରେ ବିବିଧତାକୁ ସମୃଦ୍ଧ କରୁଛନ୍ତି। ଜାତୀୟ ଏକତା ଉପରେ ଗୁରୁତ୍ୱାରୋପ କରି ରାଜ୍ୟପାଳ କହିଥିଲେ ଯେ, ପରସ୍ପରର ପର୍ବ ପାଳନ, ବିଭିନ୍ନ ଭାଷା ଶିଖିବା ଏବଂ ବିବିଧ ପରମ୍ପରାକୁ ଗ୍ରହଣ କରିବା ଦ୍ୱାରା ଲୋକଙ୍କ ମଧ୍ୟରେ ଏକତାର ବନ୍ଧନ ମଜବୁତ ହୁଏ। ଏହି ଚେତନା ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ "ଏକ ଭାରତ ଶ୍ରେଷ୍ଠ ଭାରତ" ଦର୍ଶନକୁ ପ୍ରତିଫଳିତ କରୁଛି, ଯାହା ବିଭିନ୍ନ ରାଜ୍ୟର ଲୋକଙ୍କ ମଧ୍ୟରେ ଗଭୀର ସାଂସ୍କୃତିକ ବୁଝାମଣା ଏବଂ ଭାବଗତ ଏକୀକରଣକୁ ପ୍ରୋତ୍ସାହିତ କରୁଛି। ଏହି ଅବସରରେ ପଶ୍ଚିମବଙ୍ଗ ବାସୀଙ୍କୁ ଅଭିନନ୍ଦନ ଜଣାଇ ରାଜ୍ୟପାଳ କହିଥିଲେ ଯେ, ପଶ୍ଚିମବଙ୍ଗ ହେଉଛି ଭାରତର ସର୍ବାଧିକ ସ୍ପନ୍ଦନଶୀଳ ଓ ସାଂସ୍କୃତିକ ଭାବରେ ସମୃଦ୍ଧ ରାଜ୍ୟ ମଧ୍ୟରୁ ଅନ୍ୟତମ। ସାହିତ୍ୟ, କଳା, ବିଜ୍ଞାନ ଏବଂ ଜାତି ଗଠନରେ



ପଶ୍ଚିମବଙ୍ଗର ଗୁରୁତ୍ୱପୂର୍ଣ୍ଣ ଅବଦାନ ବିଷୟରେ ଉଲ୍ଲେଖ କରି କଲକାତାକୁ ଭାରତର ସାଂସ୍କୃତିକ ରାଜଧାନୀ ବୋଲି ରାଜ୍ୟପାଳ ବର୍ଣ୍ଣନା କରିଥିଲେ ଏବଂ ଏହି ନଗର ରବୀନ୍ଦ୍ରନାଥ ଠାକୁର, ସତ୍ୟଜିତ୍ ରାୟଙ୍କ ପରି ଅନେକ ଚିନ୍ତକ, କଳାକାର ଏବଂ ଦୂରଦ୍ରଷ୍ଟାଙ୍କୁ ସୃଷ୍ଟି କରିଛି। ପଶ୍ଚିମବଙ୍ଗର ସଂଗୀତ, ନାଟକ, ଖାଦ୍ୟ ଏବଂ ପର୍ବ-ପର୍ବାଣି ମାଧ୍ୟମରେ ପ୍ରକାଶିତ ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ବିଶେଷ କରି ଦୁର୍ଗା ପୂଜାକୁ ୟୁନେସ୍କୋ ସାଂସ୍କୃତିକ ଐତିହ୍ୟ ଭାବେ ସ୍ୱୀକୃତି ମିଳିଥିବାର ଉଲ୍ଲେଖ କରିଥିଲେ। ଓଡ଼ିଶା ଓ ପଶ୍ଚିମବଙ୍ଗ ମଧ୍ୟରେ ଥିବା ଘନିଷ୍ଠ ସମ୍ପର୍କର ବିଷୟରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ଏହି ଦୁଇ ପଡ଼ୋଶୀ ରାଜ୍ୟ ମଧ୍ୟରେ ସମ୍ପର୍କ ସହଭାଗୀ ଇତିହାସ, ସଂସ୍କୃତି ଏବଂ ଆଧ୍ୟାତ୍ମିକ ପରମ୍ପରା ଉପରେ ପ୍ରତିଷ୍ଠିତ। ଓଡ଼ିଶାରେ ବସବାସ କରୁଥିବା ପଶ୍ଚିମବଙ୍ଗର ମୂଳ ବାସିନ୍ଦାଙ୍କର ଓଡ଼ିଶା ପ୍ରତି ଅବଦାନର ପ୍ରଶଂସା କରି ଆହୁରି ଅନ୍ତର୍ଭୁକ୍ତିମୂଳକ, ସୌହାର୍ଦ୍ଦ୍ୟପୂର୍ଣ୍ଣ ଏବଂ ସମୃଦ୍ଧ ଭାରତ ଗଢ଼ିବା ପାଇଁ ଏହି ଦୁଇ ରାଜ୍ୟ ମଧ୍ୟରେ ବନ୍ଧନକୁ ଅଧିକ ସୁଦୃଢ଼ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗର ଐତିହ୍ୟ ଓ ସଂସ୍କୃତି ଉପରେ ଆଧାରିତ ଏକ ଅଡ଼ିଓ-ଭିଜୁଆଲ୍ ପ୍ରଦର୍ଶିତ ହୋଇଥିଲା। ପଶ୍ଚିମବଙ୍ଗର ମାନ୍ୟବର ରାଜ୍ୟପାଳ ଶ୍ରୀ ଆର୍.ଏନ୍. ରବିଙ୍କ ଅଡ଼ିଓ-ଭିଜୁଆଲ୍ ବାର୍ତ୍ତା ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ଡ଼. ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ସୁସ୍ଥମୟ ଜୀବନ ପାଇଁ ଯୋଗ ଜରୁରୀ

**କଟକ, ୨୪।୬ (ମହାଭାରତ):** ଚଳିତ ବର୍ଷ ଯୋଗ ଦିବସର ଶୀର୍ଷକ ହେଉଛି "ସୁସ୍ଥମୟ ଜୀବନ ପାଇଁ ଯୋଗ"। ଆଜିର ବ୍ୟସ୍ତବହୁଳ ଜୀବନରେ ଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା କେବଳ ଏକ ବ୍ୟାୟାମ ନୁହେଁ ଶରୀର ଓ ମନ ଭିତରେ ସମନ୍ୱୟ ସ୍ଥାପନ କରିବାର ମାଧ୍ୟମ। ଏନେଇ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସଭିଏଁ ଯୋଗ କରିବା ଜରୁରୀ ବୋଲି ୧୨ତମ ଆନ୍ତର୍ଜାତିକ ଯୋଗ ଦିବସ ଉପଲକ୍ଷେ କଟକର ଇଣ୍ଡୋର ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ତଥା ରାଜ୍ୟ ସଭା ସାଂସଦ ଶ୍ରୀ ମନମୋହନ ସାମଲ ଯୋଗଦେଇ କହିଛନ୍ତି। ଯୋଗ ମହୋତ୍ସବ ସଂସ୍ଥାର ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ସାମଲ କହିଛନ୍ତି ଯେ, ଯୋଗ ପ୍ରାଚୀନ ଭାରତୀୟ ପରମ୍ପରାର ଏକ ଅମୂଲ୍ୟ ଉପହାର। ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଚେଷ୍ଟା ଯୋଗୁ ୫ହଜାର ବର୍ଷର ପ୍ରାଚୀନ ଯୋଗ ସାରା ବିଶ୍ୱରେ ସ୍ୱିକୃତୀ ଲାଭ କରିଛି। ୨୦୧୪ ଡିସେମ୍ବର ୧୧ତାରିଖ ଦିନ ମିଳିତ ଜାତିସଂଘ 'ଯୋଗ'କୁ ମାନ୍ୟତା ଦେବା ସହ ଜୁନ୍ ୨୧କୁ "ଆନ୍ତର୍ଜାତିକ ଯୋଗ ଦିବସ"ର ମାନ୍ୟତା ପ୍ରଦାନ କରିଥିଲେ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ



ଉଦ୍ୟମ ଯୋଗୁ ସାରା ବିଶ୍ୱରେ ଏବେ ଯୋଗଦିବସ ପାଳନ କରାଯାଉଛି। ଯୋଗ ଦ୍ୱାରା ବ୍ୟକ୍ତି କର୍ମଚଂଚଳ ହେବା ସହ ପ୍ରଫୁଲ୍ଲିତ ଅନୁଭବ କରେ। ନିୟମିତ ଯୋଗ କରିବା ଦ୍ୱାରା ଅନେକ ରୋଗବ୍ୟାଧିରୁ ମୁକ୍ତି ମିଳେ। ଏହାକୁ ଆହୁରି ଅଧିକ ପ୍ରଭାବଶାଳୀ କରିବା ପାଇଁ କେନ୍ଦ୍ରରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଜ୍ୟରେ ଶ୍ରୀ ମୋହନ ଚରଣ ମାଝୀଙ୍କ ସରକାର ନିରନ୍ତର ଭାବେ ପ୍ରୋତ୍ସାହିତ କରୁଛନ୍ତି । ଏହି ଆନ୍ତର୍ଜାତିକ ଯୋଗ ଦିବସ ଉପଲକ୍ଷେ ଶ୍ରୀ ସାମଲ ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇବା ସହ ଯୋଗକୁ ଦୈନନ୍ଦିନ ଜୀବନର ଅଂଶ କରି ଏକ ସୁସ୍ଥ ସଂଯମୀ ଓ ଆନନ୍ଦମୟୀ ଜୀବନଯାପନ କରିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ଶ୍ରୀ ପ୍ରକାଶ ଚନ୍ଦ୍ର ସେଠୀଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଓ ସାଧାରଣ ଜନତା ଉପସ୍ଥିତ ଥିଲେ। ସେହିପରି ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ରାଜ୍ୟ ନେତୃବୃନ୍ଦ, ପଦାଧିକାରୀ ଓ କାର୍ଯ୍ୟକର୍ତ୍ତାମାନେ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରିଛନ୍ତି।

# ୨୪ରେ ରାଜ୍ୟବ୍ୟାପୀ ସହରାଂଚଳ ଜନସମ୍ପର୍କ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୨୪।୬ (ମହାଭାରତ):** ଓଡ଼ିଶା ସରକାରଙ୍କ ଦୁଇ ବର୍ଷର ଶାସନ କାଳ ପୂର୍ତ୍ତି ଉପଲକ୍ଷେ ଆସନ୍ତା ଜୁନ୍ ୨୪, ୨୦୨୬ରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏକ ରାଜ୍ୟବ୍ୟାପୀ 'ସହରାଂଚଳ ଜନସମ୍ପର୍କ କାର୍ଯ୍ୟକ୍ରମ' ଆରମ୍ଭ କରାଯିବ । ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ନାଗରିକମାନଙ୍କ ସହ ସମ୍ପର୍କକୁ ଅଧିକ ଦୃଢ଼ କରିବା, ସହରୀ ବିକାଶ କ୍ଷେତ୍ରରେ ହାସଲ ହୋଇଥିବା ପ୍ରମୁଖ ସଫଳତାଗୁଡ଼ିକୁ ପ୍ରଦର୍ଶିତ କରିବା ଏବଂ ଓଡ଼ିଶାର ସହରାଂଚଳର ଭବିଷ୍ୟତକୁ ସମୃଦ୍ଧ କରିବାରେ ଜନସାଧାରଣଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରିବା ।

ଏହି ପରିପ୍ରେକ୍ଷୀରେ, ରାଜ୍ୟ ସ୍ତରୀୟ ମୁଖ୍ୟ କାର୍ଯ୍ୟକ୍ରମ ପୁରୀ ପୌରପାଳିକାର ଟାଉନ୍ ହଲ୍‌ଠାରେ ଅପରାହ୍ନ ୩:୩୦ ମିନିଟ୍‌ରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସରକାରୀ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଗରିମାମୟ ଉପସ୍ଥିତିରେ ଅନୁଷ୍ଠିତ ହେବ । ଏହା ସହିତ ସମାନ୍ତରାଳ ଭାବେ ରାଜ୍ୟର ସମସ୍ତ ସହରାଂଚଳ ସ୍ଥାନୀୟ ସଂସ୍ଥା, ଯେପରିକି ମହାନଗର ନିଗମ, ପୌରପାଳିକା ଏବଂ ବିଜ୍ଞାପିତ ଅଂଚଳ ପରିଷଦ ଗୁଡ଼ିକରେ ମଧ୍ୟ ସମାନ କାର୍ଯ୍ୟକ୍ରମ ଆୟୋଜନ କରାଯିବ, ଯାହାଫଳରେ ତୃଣମୂଳ ସ୍ତରରେ ନାଗରିକମାନଙ୍କ ସହ ସିଧାସଳଖ ଯୋଗାଯୋଗ ସ୍ଥାପନ କରାଯାଇପାରିବ। ଏହି କାର୍ଯ୍ୟକ୍ରମ "ବିକଶିତ ଓଡ଼ିଶା ପାଇଁ ଜନ ଭାଗିଦାରୀ: ସଶକ୍ତ ନାଗରିକ – ସମାବେଶୀ ସହର – ସ୍ଥାୟୀ ସହରାଂଚଳ ଭବିଷ୍ୟତ" ବିଷୟବସ୍ତୁ ଆଧାରରେ ଆୟୋଜିତ ହେଉଛି । ବିଗତ ଦୁଇ ବର୍ଷ ମଧ୍ୟରେ ସହରାଂଚଳର ବିଭିନ୍ନ କ୍ଷେତ୍ର ଯେପରିକି ପାନୀୟ ଜଳ ଯୋଗାଣ, ପରିମଳ, ସୁଲଭ ମୂଲ୍ୟରେ ବାସଗୃହ, ସହରୀ ଭିତ୍ତିଭୂମି, ସାଧାରଣ ପରିବହନ ଏବଂ ଡିଜିଟାଲ୍ ଶାସନ କ୍ଷେତ୍ରରେ ହୋଇଥିବା ଉଲ୍ଲେଖନୀୟ ପ୍ରଗତିକୁ ସାମ୍ନାକୁ ଆଣି ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଓ ନାଗରିକମାନଙ୍କ ମଧ୍ୟରେ ଥିବା ସୂଚନାଗତ ବ୍ୟବଧାନକୁ ଦୂର କରିବା ଏହି କାର୍ଯ୍ୟକ୍ରମର ପ୍ରଧାନ ଉଦ୍ଦେଶ୍ୟ ଅଟେ । ଏହି ସମ୍ପର୍କ ଅଭିଯାନ ନାଗରିକ ଓ ସରକାରଙ୍କ ମଧ୍ୟରେ ଭାଗିଦାରୀକୁ ସୁଦୃଢ଼ କରିବା ସହ 'ବିକଶିତ ଓଡ଼ିଶା ୨୦୩୬' ଏବଂ 'ବିକଶିତ ଭାରତ ୨୦୪୭ ର ପରିକଳ୍ପନା ଅନୁଯାୟୀ ଓଡ଼ିଶାର ବିକାଶ ଯାତ୍ରାରେ ଜନସାଧାରଣଙ୍କ ମଧ୍ୟରେ ମାଲିକାନା ଭାବନା ଜାଗ୍ରତ କରିବା ପାଇଁ ପ୍ରସ୍ତୁତ କରାଯାଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ନାଗରିକମାନଙ୍କୁ ପ୍ରମୁଖ ସହରୀ ବିକାଶ ପ୍ରକଳ୍ପ, ଚାଲୁ ରହିଥିବା ଜନକଲ୍ୟାଣକାରୀ ଯୋଜନା ଏବଂ ସହରାଂଚଳ ରୂପାନ୍ତରଣ ପାଇଁ ସରକାରଙ୍କ ଆଗାମୀ ରୋଡ୍‌ମ୍ୟାପ୍ ବିଷୟରେ ଅବଗତ କରାଯିବ। ଏହି ଅବସରରେ 'ସହଯୋଗ' ଯୋଜନା ସମେତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ହିତାଧିକାରୀମାନଙ୍କୁ ସ୍ୱଚ୍ଛ ସାର୍ବଜନୀନ ବଣ୍ଟନ ପ୍ରକ୍ରିୟା ମାଧ୍ୟମରେ କାର୍ଯ୍ୟାଦେଶ, ମଞ୍ଜୁରୀ ପତ୍ର ଏବଂ ଅଧିକାର ଦଲିଲ ପ୍ରଦାନ କରାଯିବ । ଏହାସହ ସହରୀ ଜୀବନଧାରଣର ମାନ ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଥିବା ସଫେଇ କର୍ମଚାରୀ, ଟ୍ୟାକ୍ସ ସଂଗ୍ରହକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଗୋଷ୍ଠୀଗତ ସହଭାଗୀ ଏବଂ ଅନ୍ୟାନ୍ୟ ସମ୍ମୁଖଭାଗର ସହରୀ ସେବା ପ୍ରଦାନକାରୀଙ୍କ ଅବଦାନକୁ ସ୍ୱୀକୃତି ଦିଆଯିବା ସହ ସେମାନଙ୍କୁ ସମ୍ମାନିତ କରାଯିବ। ଅଂଶଗ୍ରହଣମୂଳକ ଶାସନକୁ ପ୍ରୋତ୍ସାହିତ କରିବା ପାଇଁ, ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଛଜ କୋଡ୍ ଆଧାରିତ ଡିଜିଟାଲ୍ ମତାମତ ପ୍ଲାଟଫର୍ମ ସହିତ ଭୌତିକ ମତାମତ କାଉଣ୍ଟରଗୁଡ଼ିକର ଶୁଭାରମ୍ଭ କରାଯିବ । ନାଗରିକମାନେ ନିଜର ପରାମର୍ଶ ଦେଇପାରିବେ, ଭିତ୍ତିଭୂମିର ଅଭାବ ବିଷୟରେ ଜଣାଇପାରିବେ ଏବଂ ସହରୀ ସେବା ଉପରେ ନିଜର ମତାମତ ଦେଇପାରିବେ, ଯାହା ଶାସନ ପ୍ରକ୍ରିୟାରେ ନାଗରିକମାନଙ୍କର ତତ୍କାଳ ଭାଗିଦାରୀକୁ ସମ୍ଭବ କରିବ ।

# ଓଡ଼ିଶା-ବଙ୍ଗର ସାଂସ୍କୃତିକ ସଂପର୍କ ଅତୁଟ

**ଭୁବନେଶ୍ୱର, ୨୪।୬ (ମହାଭାରତ):** ପଶ୍ଚିମବଙ୍ଗ ଦିବସ ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଶ୍ଚିମବଙ୍ଗର ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ଯେ, ଓଡ଼ିଶା ଏବଂ ପଶ୍ଚିମବଙ୍ଗ ମଧ୍ୟରେ ସାଧାରଣ ସାଂସ୍କୃତିକ ଐତିହ୍ୟ, ଐତିହାସିକ ସମ୍ପର୍କ ଏବଂ ପାରସ୍ପରିକ ସମ୍ମାନ ଉପରେ ଆଧାରିତ ଏକ ଗଭୀର ଓ ଅତୁଟ ସମ୍ପର୍କ ରହିଛି। ସୋସିଆଲ ମିଡିଆରେ ସେୟାର ନିଜ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି ଯେ, ଦୁଇ ପଡ଼ୋଶୀ ରାଜ୍ୟ ମଧ୍ୟରେ ଦୀର୍ଘ ଦିନ ଧରି ସାମାଜିକ, ସାଂସ୍କୃତିକ ଓ ଆର୍ଥିକ ସହଯୋଗର ଦୃଢ଼ ସମ୍ପର୍କ ରହିଆସିଛି। ସେ କହିଛନ୍ତି ଯେ, ଓଡ଼ିଶା ଓ ପଶ୍ଚିମବଙ୍ଗ ପରସ୍ପରର ପ୍ରଗତି ଓ



ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଆସିଛନ୍ତି। ମୁଖ୍ୟମନ୍ତ୍ରୀ ପଶ୍ଚିମବଙ୍ଗର ସମୃଦ୍ଧ କଳା, ସାହିତ୍ୟ, ସଂସ୍କୃତି ଏବଂ ବୌଦ୍ଧିକ ପରମ୍ପରାକୁ ନମନ କରି କହିଛନ୍ତି ଯେ, ଏହି ରାଜ୍ୟ ଭାରତର ଜାତୀୟ ପରିଚୟ, ସାଂସ୍କୃତିକ ସମୃଦ୍ଧି ଓ ବିକାଶରେ ଉଲ୍ଲେଖନୀୟ ଅବଦାନ ରଖିଛି। ସେ ପଶ୍ଚିମବଙ୍ଗର ଗୌରବମୟ ଐତିହ୍ୟକୁ ଦେଶ ପାଇଁ ଏକ ପ୍ରେରଣାର ଉତ୍ସ ବୋଲି ବର୍ଣ୍ଣନା କରିଛନ୍ତି। ପଶ୍ଚିମବଙ୍ଗର ଲୋକମାନଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ ରାଜ୍ୟର ନିରନ୍ତର ପ୍ରଗତି, ଶାନ୍ତି ଓ ସମୃଦ୍ଧି କାମନା କରିଛନ୍ତି। ସେ କହିଛନ୍ତି ଯେ, ଆଞ୍ଚଳିକ ବିକାଶ ଓ ରାଷ୍ଟ୍ରକୁ ସଶକ୍ତ କରିବା ପାଇଁ ପଡ଼ୋଶୀ ରାଜ୍ୟମାନଙ୍କ ମଧ୍ୟରେ ସହଯୋଗ ଓ ସମନ୍ୱୟ ଅତ୍ୟନ୍ତ ଜରୁରୀ। ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ଯେ, ଓଡ଼ିଶା ଓ ପଶ୍ଚିମବଙ୍ଗ ପାରସ୍ପରିକ ସହଯୋଗ, ସଦ୍ଭାବ ଏବଂ ସାମୂହିକ ବିକାଶର ଲକ୍ଷ୍ୟ ନେଇ ଆଗକୁ ବଢ଼ି ଦେଶର ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଚାଲିବେ।

# ସ୍କାଉଟସ୍ ଓ ଗାଇଡସ ରାଜ୍ୟ ପରିଷଦ ବୈଠକ

**ଭୁବନେଶ୍ୱର, ୨୪।୬ (ମହାଭାରତ):** ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନର ରାଜ୍ୟ ପରିଷଦ ବୈଠକ ତା୨୩.୦୬.୨୦୨୬ରିଖ ଦିନ ପୂର୍ବାହ୍ନ ୧୧.୩୦ ମିନିଟ୍ ସମୟରେ ରାଜ୍ୟ ମୁଖ୍ୟାଳୟ ସଭାଗୃହରେ ଆୟୋଜିତ ହୋଇଥିଲା । ମାନ୍ୟବର ରାଜ୍ୟ ବରିଷ୍ଠ ଉପସଭାପତି ଜଷ୍ଟିସ୍ ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର ଡଃ କାଳିପ୍ରସାଦ ମିଶ୍ର, ସଭାପତି ଓଡିଶା କୋ-ଅପରେଟିଭ୍ ବ୍ୟାଙ୍କ ତଥା ଉପସଭାପତି ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ଶ୍ରୀଯୁକ୍ତ ଟି. ପ୍ରସାଦ ରାଓ ଦୋରା, ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ରାଜ୍ୟ କମିଶନର (ସ୍କାଉଟ୍) ଡଃ. ବିଶ୍ୱଜିତ୍ ଘୋଷ, ଶ୍ରୀଯୁକ୍ତ ଅଶୋକ କୁମାର ରଥ, ଡଃ. ଧ୍ରୁବ ଚରଣ ପରିଡା, ଶ୍ରୀଯୁକ୍ତ ନଗେନ୍ଦ୍ର କୁମାର ଦ□, ରାଜ୍ୟ କମିଶନର (ଗାଇଡ୍) ଡଃ. ସିପ୍ରା ନାୟକ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡିଶାର ଉପନିର୍ଦ୍ଦେଶକ ଶ୍ରୀଯୁକ୍ତ ଜ୍ୟୋତି ପ୍ରସାଦ ପରିଡା, ରାଜ୍ୟ ସମ୍ପାଦକ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ପାଇକରାୟ, ରାଜ୍ୟ କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ଭବାନୀ ପ୍ରସାଦ ମିଶ୍ର ଏବଂ ବିଭିନ୍ନ ଜିଲ୍ଲାର ଜିଲ୍ଲା ଶିକ୍ଷାଧିକାରୀ, ଶାରୀରିକ ଶିକ୍ଷା ନିରୀକ୍ଷକଙ୍କ ସମେତ ରାଜ୍ୟ ତଥା ଜିଲ୍ଲାସ୍ତରୀୟ ରାଜ୍ୟପରିଷଦର ବହୁ ସଭ୍ୟ ସଭ୍ୟା ଯୋଗଦେଇଥିଲେ । ରାଜ୍ୟ ମୁଖ୍ୟ କମିଶନର ଡଃ ମିଶ୍ର ତାଙ୍କ ସ୍ୱାଗତ ଭାଷଣରେ ବିଗତ ଦିନମାନଙ୍କରେ ରାଜ୍ୟ ସଂସ୍ଥା ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ନିଜର ପ୍ରତିଷ୍ଠା ଲାଭ କରିଥିବାର ଅବତାରଣା କରି ସଦସ୍ୟମାନଙ୍କର ସକ୍ରିୟ ସହଯୋଗର ଉଚ୍ଚପ୍ରଶଂସା କରିବା ସହିତ ଆଗାମୀ ଦିନରେ ଏହାକୁ ଆହୁରି ଦୃଢ଼ୀଭୂତ କରିବା ପାଇଁ ଆଶା ବ୍ୟକ୍ତ କରିଥିଲେ । ପରେ ପରେ କାର୍ଯ୍ୟସୂଚୀ ଅନୁଯାୟୀ ଗତବର୍ଷର ଆୟ ବ୍ୟୟର ଅଟକଳ ପରିଷଦ ଦ୍ୱାରା ଅନୁମୋଦନ ଲାଭ କରିଥିଲା । ଏତଦ୍‌ବ୍ୟତୀତ ବିଭିନ୍ନ କମିଟି ତଥା କାର୍ଯ୍ୟକାରିଣୀ କମିଟି ଦ୍ୱାରା ଆଗତପ୍ରସ୍ତାବ ଗୁଡିକ ବିଷୟରେ ସବିଶେଷ ଆଲୋଚନା କରାଯାଇ ସର୍ବସମ୍ମତି କ୍ରମେ ଅନୁମୋଦିତ ହୋଇଥିଲା । ଚଳିତ ରାଜ୍ୟ ପରିଷଦ ବୈଠକରେ ପୂର୍ବ ନିଷ୍ପ□ ଅନୁସାରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ଅନିବାର୍ଯ୍ୟ କାରଣ ବଶତଃ ବନ୍ଦ ହୋଇଥିବାରୁ ସଭ୍ୟ ସଭ୍ୟାମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ଏଥିରେ ହସ୍ତକ୍ଷେପ କରି ଅତିଶିଘ୍ର ବ୍ୟବସ୍ଥିତ ନିୟମ ଅନୁସାରେ ପରିଷଦର ସଭାପତି ଜଷ୍ଟିସ୍ ମନୋରଞ୍ଜନ ମହାନ୍ତି ନିର୍ବାଚନ କରାଯିବାର ପ୍ରତିଶ୍ରୁତି ରଖିଥିଲେ । ପରିଶେଷରେ ରାଜ୍ୟ କମିଶନର ଡଃ. ଧ୍ରୁବ ଚରଣ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

# ୧୨୮ ମେଡିକାଲ ଅଫିସରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୪।୬ (ମହାଭାରତ):** ଦୀର୍ଘଦିନ ଧରି ଡାକ୍ତରଖାନା ନଆସି, ରୋଗୀ ସେବାରୁ ବିରତ ରହୁଥିବା ଡାକ୍ତର ମାନଙ୍କ ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଓଡିଶାର ବିଭିନ୍ନ ଡାକ୍ତରଖାନାରେ ୧୨୮ ଜଣ ମେଡିକାଲ ଅଫିସର ଓ ଡେଂଟାଲ ସର୍ଜନ ଦୀର୍ଘ ୫ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟରେ ଅନୁପସ୍ଥିତ ରହିଛନ୍ତି। ସେମାନଙ୍କ ସ୍ଥିତି ବିଷୟରେ ଜଣାଇବା ପାଇଁ ଖବରକାଗଜରେ ଇସ୍ତାହାର ମଧ୍ୟ ଦିଆଯାଇଥିଲା। ସେମାନଙ୍କର ଏହି ଅନଧିକୃତ ଉପସ୍ଥିତି ପାଇଁ ମୁଖ୍ୟମନ୍ତ୍ରୀ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କନ୍ଧମାଳ ପୋଲିସ ହସ୍ପିଟାଲର ପୂର୍ବତନ ମେଡିକାଲ ଅଫିସର ଡାକ୍ତର ବିଚକ୍ଷଣା ପାଣିଗ୍ରାହୀଙ୍କୁ ମୁଖ୍ୟମନ୍ତ୍ରୀ ସରକାରୀ ସେବାରୁ ବହିଷ୍କୃତ କରିଛନ୍ତି। ଡାକ୍ତର ପାଣିଗ୍ରାହୀ ୨୦୧୨ ପରଠାରୁ ଅନଧିକୃତ ଭାବେ ଅନୁପସ୍ଥିତ ରହିଛନ୍ତି। ବିଭାଗ ପକ୍ଷରୁ ତାଙ୍କୁ ବିଭିନ୍ନ ସମୟରେ ଅନୁପସ୍ଥିତିର କାରଣ ଦର୍ଶାଇବା ଏବଂ କାର୍ଯ୍ୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ, ସେ ତାହାର ଅନୁପାଳନ କରିନଥିଲେ। ରୋଗୀ ସେବାରେ ତାଙ୍କର ଏହି ଅନାଗ୍ରହ ଯୋଗୁ ତାଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଛି। ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେଇ ନୂଆ ନୂଆ ଡାକ୍ତରଖାନା ଖୋଲୁଛନ୍ତି, ଡାକ୍ତରଖାନା ଗୁଡିକର ଆଧୁନିକୀକରଣ କରାଯାଉଛି ଏବଂ ସ୍ୱାସ୍ଥ୍ୟ ଶିକ୍ଷା ପାଇଁ ନୂଆ ନୂଆ ମେଡିକାଲ କଲେଜ ମଧ୍ୟ ଖୋଲାଯାଉଛି। ତଥାପି ନିଯୁକ୍ତି ପାଇବା ପରେ ଅନେକ ଡାକ୍ତର କାର୍ଯ୍ୟରେ ଯୋଗନଦେଇ ଅନୁପସ୍ଥିତ ରହୁଛନ୍ତି।

# ନେକ୍ସସ ଏସପ୍ଲାନେଡ୍ ପକ୍ଷରୁ 'ଏଣ୍ଡ ଅଫ ସ୍ୟାଡ୍‌ନେସ ସେଲ'

**ଭୁବନେଶ୍ୱର, ୨୪।୬ (ମହାଭାରତ):** ଚଳିତ ଋତୁରେ ପ୍ରତିଦିନର ଖୁସିର ମୁହୂର୍ତ୍ତ ଗୁଡ଼ିକୁ ପାଳନ କରିବା ପାଇଁ ନେକ୍ସସ ଏସପ୍ଲାନେଡ୍ ପକ୍ଷରୁ 'ଏଣ୍ଡ ଅଫ ସ୍ୟାଡ୍‌ନେସ ସେଲ'ର ଶୁଭାରମ୍ଭ କରାଯାଇଛି ଏବଂ ଏଥିରେ ସାମିଲ ହେବା ପାଇଁ ଭୁବନେଶ୍ୱରବାସୀଙ୍କୁ ଆମନ୍ତ୍ରଣ କରାଯାଇଛି। ଏହା କେବଳ ଏକ ସେଲ ନୁହେଁ, ବରଂ ଏହି ଅଭିଯାନ ଏକ ସହଜ ସତ୍ୟ ଉପରେ ଆଧାରିତ ଯେ, ଲୋକମାନେ କେବଳ ସପିଙ୍ଗ କରିବା ପାଇଁ ମଲକୁ ଆସନ୍ତି ନାହିଁ। ସେମାନେ ନିଜ ଜୀବନର ସଫଳତାକୁ ସେଲିବ୍ରେଟ କରିବାକୁ, ସାଙ୍ଗ ମାନଙ୍କ ସହ ଦେଖା କରିବାକୁ, ପରିବାର ସହ ସମୟ ବିତାଇବାକୁ, ସ୍ମୃତି ଗଢ଼ିବାକୁ, ନୂଆ ଅନୁଭୂତି ସାଉଁଟିବାକୁ ଏବଂ ଅନେକ ସମୟରେ କେବଳ ନିଜ ମନକୁ ହାଲୁକା କରିବା ପାଇଁ ଏଠାକୁ ଆସିଥାନ୍ତି।

ଆମେ ସମସ୍ତେ କେବେ ନା କେବେ ଏମିତି ପରିସ୍ଥିତି ଦେଇ ଗତିକରିଛେ – ଅଫିସରେ ଏକ ଖରାପ ଦିନ, କୌଣସି ଯୋଜନା ବାତିଲ ହୋଇଯିବା, ମନମୁତାବକ ଫଳ ନ ମିଳିବା, ହାତରୁ ସୁଯୋଗ ଚାଲିଯିବା କିମ୍ବା ଏମିତି ଏକ ଦିନ ଯେତେବେଳେ କୌଣସି ଜିନିଷ ଆପଣଙ୍କ ଇଚ୍ଛା ଅନୁସାରେ ହୋଇନଥାଏ। କିନ୍ତୁ ଜୀବନ ଆମକୁ ମନ ଦୁଃଖ କରିବାର ଅନେକ କାରଣ ଦେଉଥିବା ବେଳେ, ନେକ୍ସସ ଏସପ୍ଲାନେଡ୍ ଆପଣଙ୍କୁ ସେଥିରୁ ବାହାରି ପୁଣି ଥରେ ଖୁସି ହେବାର ଅସଂଖ୍ୟ ସୁଯୋଗ ମଧ୍ୟ ଦେଇଥାଏ; ସେ ସାଙ୍ଗମାନଙ୍କ ସହ ଖାଇବା ହେଉ, ସିନେମା ଦେଖିବା ହେଉ, ପରିବାର ସହ ଭଲ ସମୟ ବିତାଇବା ହେଉ, କିଛି ନୂଆ ଜିନିଷ ଉଦ୍ଭାବନ କରିବା ହେଉ କିମ୍ବା ନିଜ ପସନ୍ଦର କୌଣସି ଜିନିଷ ନିଜକୁ ଉପହାର ଦେବା ହେଉ।

ଫ୍ୟାସନ, ସୌନ୍ଦର୍ଯ୍ୟ, ବୈଦ୍ୟୁତିକ, ଖାଇବା, ଆମୋଦପ୍ରମୋଦ ଏବଂ ଲାଇଫଷ୍ଟାଇଲ ବ୍ରାଣ୍ଡ ଗୁଡ଼ିକରେ ଆକର୍ଷଣୀୟ ଅଫର ସହିତ ଏହି ଏଣ୍ଡ ଅଫ ସ୍ୟାଡ୍‌ନେସ ସେଲ ଗ୍ରାହକମାନଙ୍କୁ ଜୀବନର ଛୋଟ ଛୋଟ ନିରାଶାକୁ ପଛରେ ପକାଇ ସେହି ଅନୁଭୂତି ଗୁଡ଼ିକୁ ଆପଣେଇବା ପାଇଁ ଉତ୍ସାହିତ କରୁଛି ଯାହା ହସ ଆଣିଦେଇଥାଏ।

# ଅହେତୁକ ଦରବୃଦ୍ଧି

କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ମାଗଣାରେ ୮୦ କୋଟି ଲୋକଙ୍କୁ ରାସନ ଦେଉଛନ୍ତି । ପୃଥିବୀର ଅନ୍ୟ କୌଣସି ଦେଶରେ ଏଭଳି ଯୋଜନା ଦେଖିବାକୁ ମିଳିବନି । ଏଥିପାଇଁ ଆଇଏମଏଫ ଭାରତକୁ ପ୍ରଶଂସା କରିଛି ଏବଂ ମହାମାରୀ ସ୍ତ୍ୱ ଦେଶର ଅତି ଉତ୍କଟ ଦାରୀଦ୍ର୍ୟ ହାର ବଢ଼ି ନାହିଁ ବୋଲି କହିଛି । ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ଯୋଜନା ଯୋଗୁ ଏହା ସମ୍ଭବ ହୋଇପାରିଛି । ୟୁକ୍ରେନ-ରଷିଆ ଯୁଦ୍ଧ ପରେ ଭାରତରୁ ଚାଉଳ ଓ ଗହମ ରପ୍ତାନୀ ବୃଦ୍ଧି ପାଇଛି । ଯେଉଁମାନେ ୟୁକ୍ରେନରୁ ଗହମ କିଣୁଥିଲେ ସେମାନେ ଏବେ ଭାରତରୁ ଗହମ ନେବାକୁ ଆଗଭର ହେଉଛନ୍ତି । ଇଜିପ୍ଟ ଭାରତକୁ ଗହମ ଯୋଗାଣକାରୀ ରାଷ୍ଟ୍ରର ମାନ୍ୟତା ପ୍ରଦାନ କରିଛି । ତେବେ କେବଳ ଚାଉଳ ବା ଗହମ ଉତ୍ପାଦନରେ ସ୍ୱାବଲମ୍ବୀ ହେଲେ ହେବ ନାହିଁ, ଅନ୍ୟ ବହୁ ଖାଦ୍ୟ ସାମଗ୍ରୀ ଉତ୍ପାଦନରେ ଆମକୁ ସ୍ୱାବଲମ୍ବୀ ହେବାକୁ ପଡ଼ିବ । କିନ୍ତୁ ପାକିସ୍ତାନ ଓ ଶ୍ରୀଲଙ୍କା ପରିସ୍ଥିତି ସହ ତୁଳନା କରି ଆମେ ଯଦି ଆତ୍ମସନ୍ତୋଷ ଲାଭ କରିବା ତେବେ ଏହାଠାରୁ ଅଧିକ ବିଡ଼ମ୍ବନାର ବିଷୟ ଆଉ କିଛି ନହୋଇପାରେ । ଶ୍ରୀଲଙ୍କା ତୁଳନାରେ ଭାରତର କୃଷି ବିକାଶ ଯଥେଷ୍ଟ ଆଗରେ ରହିଛି । ଭାରତ ବିଭିନ୍ନ ଖାଦ୍ୟ ସାମଗ୍ରୀ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରିଛି । ତେବେ ଭାରତରେ ଯଦିଓ ଖାଦ୍ୟ ସାମଗ୍ରୀର ଅଭାବ ନାହିଁ କିନ୍ତୁ ଦରବୃଦ୍ଧି ଅସହ୍ୟ ହେଲାଣି । ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଏହାର ମୁଖ୍ୟ କାରଣ । ପରିବହନ ଖର୍ଚ୍ଚ ବୃଦ୍ଧି ହେତୁ ସବୁ ଅତ୍ୟାବଶ୍ୟକ ସାମଗ୍ରୀର ପରିବହନ ଖର୍ଚ୍ଚ ବୃଦ୍ଧି ପାଇବା ହେତୁ ଏଭଳି ହୋଇଛି । ଅନେକ ସମୟରେ ମାତ୍ରାଧିକ ରପ୍ତାନୀ ମଧ୍ୟ ଦରବୃଦ୍ଧିର କାରଣ ହୋଇଥାଏ । ତେବେ ଏହା ଦ୍ୱାରା କୃଷକମାନେ ଭଲ ରୋଜଗାର କରିବାର ସୁଯୋଗ ପାଇଥାନ୍ତି । ତା ଅର୍ଥ ନୁହେଁ ଯେ, ଦେଶରେ ଏହାର ଦରବୃଦ୍ଧି ପାଇବ । ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ଏବଂ ଦରବୃଦ୍ଧିକୁ ରୋକିବା ସରକାରଙ୍କ ପ୍ରାଥମିକ ଦାୟିତ୍ୱ । ଏହାକୁ ସରକାର ଅଣଦେଖା କରିପାରିବେ ନାହିଁ । ସମ୍ପ୍ରତି ଆଳୁ, ତେଲ ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ଗରିବ ଲୋକଙ୍କ ପାଇଁ ବିଶେଷ କରି ଘରୋଇ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି । ଆମେ ବର୍ଷକରେ ୪୦୦ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ସାମଗ୍ରୀ ରପ୍ତାନୀ କରି ବାହାଦୁରୀ ମାରୁଛୁ । କିନ୍ତୁ ଏହା ସହିତ ଆମଦାନୀ ମଧ୍ୟ ବଢୁଛି । ତେଣୁ ୨୦୨୧-୨୨ରେ ଦେଶର ବାଣିଜ୍ୟିକ ନିଅ□ ବା ଟ୍ରେଡ ଡେଫିସିଟ ରେକର୍ଡ ସ୍ତରରେ ପହଞ୍ଚିଛି । ଏପଟେ ଦର ବୃଦ୍ଧିର ବୋଝ ସାଧାରଣ ଲୋକଙ୍କ ପାଇଁ ଅତ୍ୟନ୍ତ କଷ୍ଟକର ହୋଇଛି । ଆମେ କୃଷି ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇପାରିଛୁ ବୋଲି ଗର୍ବ କରିବାର କିଛି କାରଣ ନାହିଁ । ୟୁକ୍ରେନ ଭଳି ଏକ ଛୋଟ ଦେଶ ଉପରେ ଆମେ ଖାଇବା ତେଲ ପାଇଁ ନିର୍ଭର କରୁଛୁ । ଖାଇବା ତେଲ ଉତ୍ପାଦନରେ ଆମେ ସମ୍ପୂର୍ଣ୍ଣ ସ୍ୱାବଲମ୍ବୀ ହୋଇପାରିବା । କିନ୍ତୁ ଯୋଜନା ଓ ପ୍ରୋତ୍ସାହନର ଅଭାବ ଯୋଗୁ ଏହା ଆଜି ପର୍ଯ୍ୟନ୍ତ ସମ୍ଭବ ହୋଇପାରିନି । ସେହିପରି ଓଡ଼ିଶା ମଧ୍ୟ ଏକ କୃଷିପ୍ରଧାନ ରାଜ୍ୟ ହୋଇଥିଲେ ମଧ୍ୟ ଓଡ଼ିଶାବାସୀ ଅଧିକାଂଶ ଖାଦ୍ୟ ସାମଗ୍ରୀ ପାଇଁ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରୁଛି । ମାଛ, ଲେମ୍ବୁ, ଅଣ୍ଡାଠାରୁ ଆରମ୍ଭ କରି ଆଳୁ ପିଆଜ ପର୍ଯ୍ୟନ୍ତ ସବୁ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ପାଇଁ ଆମକୁ ଅନ୍ୟ ରାଜ୍ୟର ଦୟା ଉପରେ ନିର୍ଭର କରିବାକୁ ପଡୁଛି । ସେଠାରେ ପ୍ରାକୃତିକ ବିପର୍ଯ୍ୟୟ ହେତୁ ଉତ୍ପାଦନ କମିଲେ ଆମକୁ ଏହାର ପରିଣତି ଭୋଗିବାକୁ ପଡୁଛି । କିଛି ବର୍ଷ ତଳେ ପଶ୍ଚିମବଙ୍ଗ ସରକାର ଓଡ଼ିଶାକୁ ଆଳୁ ଛାଡ଼ିଲେନି । ଫଳରେ ଏଠାରେ ଆଳୁ ଅଭାବ ସହିତ ଦର ବୃଦ୍ଧି ହେଲା ।

# କିମ୍ବଦନ୍ତୀ ଓ କାହାଣୀର ମହାନାୟକ

॥ ସୁମନ୍ତ କୁମାର ଭୂୟାଁ ॥

“ ୧୯୨୬ର କଥା । ମହାତ୍ମା ଗାନ୍ଧୀ କଟକ ଆସିଥାଆନ୍ତି । ବାଳକ ବିଜୁଙ୍କ ଇଛା ଗାନ୍ଧିଜୀଙ୍କୁ ଭେଟିବେ । ହେଲେ ପୁଲିସ୍ ଛାଡୁ ନଥାଏ । ଡେଙ୍ଗା-ପତଳା ବିଜୁ ଭିଡ ଠେଲି ମାଡ଼ିଚାଲିଲେ ଆଗକୁ ଗୋରା ପୁଲିସ୍‌ଙ୍କ ଲାଠିକୁ ଖାତର ନକରି । ଉପସ୍ଥିତ ପୁଲିସ ବାବୁ ରାଗିଯାଇ ଲାଠିରେ ତାଙ୍କ ମୁଣ୍ଡକୁ ପାହାରେ ପକାଇଲେ । ମୁଣ୍ଡରୁ ବୋହିଗଲା ଝର ଝର ଲହୁ । ହେଲେ ଭୟ ନକରି ଗାନ୍ଧିଜୀଙ୍କ ପାଖରେ ପହଞ୍ଚିଗଲେ ବିଜୁ । ଗାନ୍ଧୀ ମହାତ୍ମା ପୁଲିସ ବାବୁଙ୍କୁ ଭତ୍ସର୍ନା କରିବା ସହ ବିଜୁଙ୍କ ମୁଣ୍ଡରୁ ରକ୍ତ ପୋଛି ଆଶୀର୍ବାଦ ଦେଇଥିଲେ । ପ୍ରଥମ ମହାଯୁଦ୍ଧ ପରବର୍ତ୍ତୀ ସମୟର ଘଟଣା ।

ବିଜୁଦା, ବିଜୁ ପଟ୍ଟନାୟକ ଓ ବିଜୁ ବାବୁ ଏହିପରି କିଛି ନାମରେ ପରିଚିତ ଥିଲେ ଅନେକ କିମ୍ବଦନ୍ତୀ କାହାଣୀର ସ୍ରଷ୍ଟା ମହାନାୟକ ପ୍ରଖ୍ୟାତ ସ୍ୱାମୀମାନି ରାଜନେତା ବିଜୁବାବୁ । ସେ ଥିଲେ ଏପରି ଜଣେ ଚରିତ୍ର ଯିଏକି ଭୂମିରୁ ଭୂମା ପର୍ଯ୍ୟନ୍ତ ଥିଲା ତାଙ୍କ ବ୍ୟକ୍ତିତ୍ୱ । କେବଳ ଓଡ଼ିଶାର ଘରେ ଘରେ ନୁହେଁ ବା ଭାରତର ରାଜନୀତି କ୍ଷେତ୍ରରେ ନୁହେଁ ବିଶ୍ୱ ଇତିହାସରେ ବିଜୁ ବାବୁ ଜଣେ ଏପରି ନାମ ଯାହାଙ୍କ ଉପରେ ଏବେ ବି ଚର୍ଚ୍ଚା, ଆଲୋଚନା, ବିଶ୍ଳେଷଣ ଓ ଗବେଷଣା ଚାଲୁ ରହିଛି । ସେ ଥିଲେ ଜଣେ ବିନ୍ଦାସ ଓ ଖୋଲାମେଲା ଚରିତ୍ରର ଅଦ୍ଭୁତପୂର୍ବ ବ୍ୟକ୍ତିତ୍ୱ । ପିଲାଦିନରୁ ଦୃଢ଼ ସାହାସୀ, ଖୋଲା ଖର୍ଚ୍ଚୀ, ରୋକଠୋକ କଥା ଯାହାକି ତାଙ୍କ ତମାମ ଜୀବନକୁ ସଫଳତା ଦେଇଛି ଆଉ ବିଫଳତାର କାହାଣୀ ବି ଲେଖିଛି । ଅଜଣା ମୂଳକର ଜଣେ ମାମୁଲି ଆଦିବାସୀ ମହିଳାଙ୍କୁ ସେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଭାବେ ନିଯୁକ୍ତି ଦେବା ହେଉ ବା କେନ୍ଦ୍ର ରାଜ୍ୟର ସମ୍ପର୍କ ସ୍ୱାଭିମାନରେ ମୁଁ ପାହାଡ଼ ବିକି ଦେଇ ରାଜ୍ୟ ଚଳେଇ ନେବି ପରି ବିତର୍କିତ ମନ୍ତବ୍ୟ ହେଉ ବା ଓଡ଼ିଆ ଟୋକା ସବୁବେଳେ ଖାଣ୍ଟି ଓଡ଼ିଆ ହୁଅ ରୋକଠୋକ ଜବାବ ଦେଇ ସେ ପାଲଟିଥିଲେ ଜଣେ ନିର୍ଭିକ ବ୍ୟକ୍ତିତ୍ୱ ।

ଆଜିକାର ରାଜନେତାମାନେ ରାଜନୀତି ପାଇଁ କୋଠି କରୁଛନ୍ତି କିନ୍ତୁ ସେ ରାଜନୀତି ପାଇଁ ନିଜ କୋଠା ବିକ୍ରି କରିଦେଇଥିଲେ । ଯେତେବେଳେ ଯିଏ ବି ତାଙ୍କୁ ହାତ ପାତିଛି ପକେଟରୁ ପଇସା କାଢ଼ି ସବୁ ଅର୍ଥ ତା ହାତକୁ ଦେଇଛନ୍ତି । ଏକ ମଞ୍ଚରେ ଜଣେ ଉଦଭ୍ରାନ୍ତ ଯୁବକ ସର୍ବ ସମ୍ମୁଖରେ ଚାପୁଡ଼ା ମାରିଥିଲେ କିନ୍ତୁ ସେ ତାଙ୍କୁ ଦଣ୍ଡିତ ନକରି ଇଏ ବିଜୁକୁ ହାତ ଉଠାଇଛି ମାନେ ତାକୁ ପୁରସ୍କାର ଦେଇଥିଲେ ଏଭଳି ରାଜନେତା ଆଉ କ'ଣ ମିଳିବେ ? ମୁଖ୍ୟମନ୍ତ୍ରୀ ଥିବାବେଳେ ତାଙ୍କୁ ବିରୋଧ କରିବା ପାଇଁ ଯାଇଥିବା ଚାଷୀଙ୍କୁ ରାସ୍ତା ଉପରେ ଡାକି ଆଲୋଚନା କରି ସମାଧାନ କରିଥିଲେ ସେମାନଙ୍କର ଦୁଃଖ । ଏହି ଲେଖକ ଛାତ୍ର ରାଜନୀତି କରୁଥିବାବେଳେ ବିଜୁ ବାବୁଙ୍କ ଘନିଷ୍ଠତାର କିଛି ମୁହୂର୍ତ୍ତ ପାଇଥିଲେ । ଯାହାଙ୍କ ନାମରେ ଗଠିତ ବିଜୁ ଜନତା ଦଳ ଆଜି ଭାରତୀୟ ରାଜନୀତିରେ ଏକ ପ୍ରଭାବୀ ଓ ଦୃଢ଼ ନେତୃତ୍ୱପୂର୍ଣ୍ଣ ଆଞ୍ଚଳିକ ଦଳ ଭାବେ ମୁଣ୍ଡ ଟେକିଛି ଯାହା ଆଗରେ ଜାତୀୟ ଦଳମାନେ ଏକ ପ୍ରକାର ମୁଣ୍ଡ ନୋଇଁବାକୁ ବାଧ ହୋଇଛନ୍ତି । ଇଏ ଥିଲେ ସେହି ବିଜୁ ଯିଏ କି ତାଙ୍କ ସମୟରେ ଓ ରାଷ୍ଟ୍ରପତି ବା ପ୍ରଧାନମନ୍ତ୍ରୀଙ୍କୁ ହାତଯୋଡ଼ି ସମ୍ମାନ ଜଣାନ୍ତି ନାହିଁ । ବେସାଲିସ, ରୋକଠୋକ କଥା କୁହନ୍ତି । ସେ ସ୍ୱର୍ଗତ ଜ୍ୟୋତିବସୁ ହୁଅନ୍ତୁ ବା ଦେବଗୌଡ଼ା, ଭି.ପି.ସିଂହ ହୁଅନ୍ତୁ ବା ଲାଲୁପ୍ରସାଦ ଯାଦବ, ବାଜପେୟୀ ହୁଅନ୍ତୁ ବା ଆଡ଼ଭାନୀ, ସୁରଜିତ ସିଂହ ବର୍ଣ୍ଣାଲ ହୁଅନ୍ତୁ ବା ନମ୍ବୁଦି ପଦ ସମସ୍ତଙ୍କ ସହ ସେ ବେଶ ଖୋଲା ସମ୍ପର୍କ ରଖିଥିଲେ ।

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଥିଲେ ସାହସୀ, ସ୍ୱାଭିମାନୀ, ଯୁଗସ୍ରଷ୍ଟା ଓ ଦୂରଦ୍ରଷ୍ଟା । ଓଡ଼ିଆ ଜାତି ତଥା ଓଡ଼ିଶାର ଉତ୍‌ଥାନ ପାଇଁ ଆଜୀବନ ଉଦ୍ୟମ କରିଥିବା ମହାନ ନେତାଙ୍କ ମଧ୍ୟରେ ସେ ଅନ୍ୟତମ । ଶୈଶବରୁ ସେ ଥିଲେ ଦୁଃସାହସୀ । ତାଙ୍କର ଦୁଃସାହସ ସଂପର୍କିତ କେତୋଟି ଘଟନା ସଂକ୍ଷେପରେ ଜାଣିବା ହେଉ । ଥରେ ବ୍ରାହ୍ମଣୀ ଓ ବୈତରଣୀ ନଦୀରେ ପ୍ରବଳ ବନ୍ୟା ଆସିଲା । ବନ୍ୟା ଆସିଲେ ଉତ୍କଳ ମଣି ଗୋପବନ୍ଧୁ ବିପନ୍ନଙ୍କୁ ସହାୟତା ଯୋଗାଇବା ପାଇଁ ଡଙ୍ଗାରେ ଚୁଡ଼ା, ଚାଉଳ ଓ ଅନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀ ନେଇ ବାହାରିପଡ଼ନ୍ତି । ଥରେ ସେ ବରୀ ଅଞ୍ଚଳକୁ ବାହାରିଲେ । ସଙ୍ଗରେ ଥିଲେ ବାର ବର୍ଷ ବୟସ୍କ ବିଜୁଙ୍କ ସହ ଆଉ କିଛି ଛାତ୍ର । ଉଛୁଳା ନଦୀ, ମଝିରେ ମଝିରେ ଜୋରରେ ପବନ ବୋହୁଥାଏ । ଖରାରୁ ରକ୍ଷା ପାଇବା ପାଇଁ ଗୋପବନ୍ଧୁ ଛତା ଧରି ବସିଥାନ୍ତି ଡଙ୍ଗାର ମଙ୍ଗରେ । ହଠାତ୍ ପବନ ମାଡ଼ରେ ତାଙ୍କ ହାତରୁ ଛତାଟି ଖସିଯାଇ ପଡ଼ିଲା ପାଣିରେ ଏବଂ ଭାସି ଚାଲିଲା ସୁଅରେ । ତାହା ଦେଖି, କେହି କିଛି ବୁଝିବା ପୂର୍ବରୁ ଭରା ନଦୀ ଗର୍ଭକୁ ଲମ୍ଫ ଦେଇଥିଲେ ବିଜୁ । କିଛି ସମୟ ପରେ ଛତା ଧରି ଫେରିଥିଲେ ଡଙ୍ଗାକୁ । ତାଙ୍କ ଦୁଃସାହସ ଦେଖି ସେ ଦିନ ଚମତ୍କୃତ ହୋଇଥିଲେ ଗୋପବନ୍ଧୁ ଏବଂ ଦିନେ ଓଡ଼ିଆ ଜାତିର ଟେକ ରଖିବୁ କହି ଆଶୀର୍ବାଦ କରିଥିଲେ ।

୧୯୨୬ର କଥା । ମହାତ୍ମା ଗାନ୍ଧୀ କଟକ ଆସିଥାଆନ୍ତି । ବାଳକ ବିଜୁଙ୍କ ଇଛା ଗାନ୍ଧିଜୀଙ୍କୁ ଭେଟିବେ । ହେଲେ ପୁଲିସ୍ ଛାଡୁ ନଥାଏ । ଡେଙ୍ଗା-ପତଳା ବିଜୁ ଭିଡ ଠେଲି ମାଡ଼ିଚାଲିଲେ ଆଗକୁ ଗୋରା ପୁଲିସ୍‌ଙ୍କ ଲାଠିକୁ ଖାତର ନକରି । ଉପସ୍ଥିତ ପୁଲିସ ବାବୁ ରାଗିଯାଇ ଲାଠିରେ ତାଙ୍କ ମୁଣ୍ଡକୁ ପାହାରେ ପକାଇଲେ । ମୁଣ୍ଡରୁ ବୋହିଗଲା ଝର ଝର ଲହୁ । ହେଲେ ଭୟ ନକରି ଗାନ୍ଧିଜୀଙ୍କ ପାଖରେ ପହଞ୍ଚିଗଲେ ବିଜୁ । ଗାନ୍ଧୀ ମହାତ୍ମା ପୁଲିସ ବାବୁଙ୍କୁ ଭତ୍ସର୍ନା କରିବା ସହ ବିଜୁଙ୍କ ମୁଣ୍ଡରୁ ରକ୍ତ ପୋଛି ଆଶୀର୍ବାଦ ଦେଇଥିଲେ । ପ୍ରଥମ ମହାଯୁଦ୍ଧ ପରବର୍ତ୍ତୀ ସମୟର ଘଟନା । ବାଲିଯାତ୍ରା ପଡ଼ିଆରେ ପ୍ରଥମଥର ପାଇଁ ବିମାନଟିଏ ଅବତରଣ କରିଥାଏ । ବିମାନ ଦେଖିବା ଲାଗି ନାହିଁ ନଥିବା ଭିଡ । ବିଜୁଙ୍କ ଇଛା ପାଖରୁ ଦେଖିବେ । ପୁଲିସ୍‌କୁ ନମାନି, ବାଡ଼ ଭାଙ୍ଗି ବିମାନ ନିକଟରେ ପହଞ୍ଚି ପାରିଥିଲେ ।

ପରିଣାମ ସ୍ୱରୂପ ପିଠିରେ ପଡ଼ିଥିଲା ଲାଠି ପାହାର । ସେହି ଦିନ ପ୍ରତିଜ୍ଞା କରିଥିଲେ ବୈମାନିକ ହେବେ ହୋଇଥିଲେ ମଧ୍ୟ । ଏମିତି ସେମିତି ବୈମାନିକ ନୁହେଁ ବହୁତ କିଛି କରିବାର ସାମର୍ଥ୍ୟ ରଖିଥିବା ବୈମାନିକ । ପଣ୍ଡିତ ନେହେରୁଙ୍କ ନିର୍ଦ୍ଦେଶରେ ଇଣ୍ଡୋନେସିଆରୁ ସେଠାକାର ପ୍ରଧାନମନ୍ତ୍ରୀ ସହରିର୍‌ଙ୍କୁ ଡଚ୍ ବାହିନୀ କବଳରୁ ଖସାଇ ବିମାନରେ ନେଇ ଆସିଥିଲେ ନୂଆଦିଲ୍ଲୀ । ସହଯୋଗୀ ଭାବେ ସଙ୍ଗରେ ଯାଇଥିଲେ ପତ୍ନୀ ଜ୍ଞାନ ଦେବୀ । ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମକୁ ତାଙ୍କର ଅବଦାନ ପାଇଁ ତାଙ୍କୁ ସେଠାକାର ସର୍ବୋଚ୍ଚ ଉପାଧି ଭୂମିପୁତ୍ରରେ ସମ୍ମାନିତ କରାଯାଇଥିଲା ।

୧୯୪୬ରୁ ବିଜୁବାବୁଙ୍କ ରାଜନୈତିକ ଜୀବନର ଯାତ୍ରା ଯେମିତି ଆରମ୍ଭ ହୋଇଥିଲା । ସେଣ୍ଟ୍ରାଲ କଟକସଦର ଆସନରୁ କଂଗ୍ରେସ ପ୍ରାର୍ଥୀଭାବେ ସେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ୧୯୫୨ ପର୍ଯ୍ୟନ୍ତ ଏହାର ସଦସ୍ୟ ଥିଲେ । ପରେ ୧୯୫୨ରେ ଜଗନ୍ନାଥପ୍ରସାଦ ଆସନରୁ, ୧୯୫୭ ରେ ସୋରଡା ଆସନରୁ ଓ ୧୯୬୧ରେ ଚୌଦ୍ୱାର ଆସନରୁ କ୍ରମାଗତ ଭାବେ ଭାରତୀୟ ଜାତୀୟ କଂଗ୍ରେସ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିଲେ । ୧୯୭୧ରେ ଉତ୍କଳ କଂଗ୍ରେସ ପ୍ରାର୍ଥୀ ଭାବେ ଉପନିର୍ବାଚନରେ ରାଜନଗର ଆସନରୁ ବିଜୟୀ ହୋଇଥିବା ବେଳେ ୧୯୭୪ରେ ସେହି ଆସନରୁ ପୁଣି ବିଧାନସଭାକୁ ଆସିଥିଲେ । କଟକରୁ ଗଞ୍ଜାମ ଓ ଗଞ୍ଜାମରୁ ପୁଣି କଟକ ହୋଇ କେନ୍ଦ୍ରାପଡ଼ା, ରାଜନୈତିକ ସଫଳତାର ଯାତ୍ରା ରଖିଥିବା ବିଜୁବାବୁ ୧୯୮୦ରେ ଚରଣ ସିଂଙ୍କ ନେତୃତ୍ୱାଧୀନ ଜନତା ପ୍ରାର୍ଥୀ ଭାବେ କେନ୍ଦ୍ରାପଡ଼ାର ପାଟକୁରା ଆସନରୁ ବିଜୟୀ ହୋଇଥିଲେ । ପରେ ୧୯୮୫, ୧୯୯୦ ଓ ୧୯୯୫ରେ କ୍ରମାଗତ ଭାବେ ତିନିଥର ଜନତା ଦଳର ପ୍ରାର୍ଥୀ ଭାବେ ଭୁବନେଶ୍ୱର ଆସନରୁ ବିଧାନସଭାକୁ ଆସିଥିଲେ । ଏହାରି ଭିତରେ ତାଙ୍କର ସଂସଦ ଅଭିଯାନ ମଧ୍ୟ ଚାଲିଥିଲା ।

କେନ୍ଦ୍ରରେ ମନ୍ତ୍ରୀ ହେବା ସହିତ ଦୁଇଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ । ୧୯୭୭ରେ ବିଜୁବାବୁ କେନ୍ଦ୍ରାପଡ଼ା ଲୋକସଭା ଆସନରୁ ବିଜୟୀ ହୋଇଥିବା ବେଳେ ୧୯୮୦ ଓ ୧୯୮୪ରେ ସେହି କେନ୍ଦ୍ରାପଡ଼ା ଆସନରୁ ଲୋକସଭାକୁ ବିଜୟୀ ହୋଇଥିଲେ । ୧୯୯୬ରେ ଉଭୟ ଆସିକା ଓ କଟକ ଲୋକସଭା ଆସନରେ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ । ପରବର୍ତ୍ତୀ ସମୟରେ କଟକ ଆସନଟି ଛାଡ଼ି ଦେଇଥିଲେ । ୧୯୪୬ରୁ ୧୯୯୭ ଯାଏଁ ରାଜନୈତିକ ଯାତ୍ରାରେ ବିଜୁବାବୁଙ୍କୁ ଯେତିକି ସଫଳତା ମିଳିଥିଲା ସେତିକି ବିଫଳତା ମଧ୍ୟ ମିଳିଥିଲା । ୧୯୬୧ ମସିହା ଜୁନ୍ ୨୩ ତାରିଖରୁ ୧୯୬୩ ମସିହା ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସେ ପ୍ରଥମ ଦଫାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ । ଦ୍ୱିତୀୟବାର କ୍ଷମତାକୁ ଆସିବା ପାଇଁ ତାଙ୍କୁ ଦୀର୍ଘବର୍ଷ ଲାଗିଯାଇଥିଲା ।

୧୯୯୦ରେ ସେ ପୁଣି ମୁଖ୍ୟମନ୍ତ୍ରୀ ପଦ ଫେରି ପାଇଥିଲେ । କେନ୍ଦ୍ରରେ ସେ ମନ୍ତ୍ରୀ ହୋଇଥିଲେ ସତ କିନ୍ତୁ ଯେତେବେଳେ ଭାରତର ବର୍ଷର ପ୍ରଧାନମନ୍ତ୍ରୀ ହେବାର ସୁଯୋଗ ଆସିଲା ସେତେବେଳେ ସେ ସେଥିରୁ ବଞ୍ଚିତ ହୋଇଥିଲେ । ହୋଇପାରେ ବିଧିର ବିଡ଼ମ୍ବନା ଥିଲା । ସେ ପ୍ରଧାନମନ୍ତ୍ରୀ ତିଆରି କରିଥିଲେ । ମାତ୍ର ନିଜେ ପ୍ରଧାନମନ୍ତ୍ରୀ ହୋଇପାରିନଥିଲେ । ୧୯୧୬ ମାର୍ଚ୍ଚ ୫ ତାରିଖରେ ସେ ଜନ୍ମ ହୋଇଥିଲେ ।

ସାଇ ଭବନ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,
ଦୂରଭାଷ : ୯୯୩୭୪୭୦୯୮୦

# ଦାରାଧିନ ସ୍ତଥା ସ୍ୱର୍ଗଃ...

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ନାରୀଙ୍କୁ ସର୍ବତ୍ର ସ୍ୱାଗତ ଓ ସମ୍ମାନ କରାଯାଏ । ନାରୀଙ୍କୁ ତାଙ୍କ ମହାନୀୟତା ଅନୁଯାୟୀର ପ୍ରତିଷ୍ଠା ମଧ୍ୟ ଦିଆଯାଇଛି । ସତ୍ୟଯୁଗରେ ସାବିତ୍ରୀ, ତ୍ରେତୟା ଯୁଗରେ ସୀତା, ଅନୁସୂୟା, ଦ୍ୱାପରରେ କୁନ୍ତୀ, ଦ୍ରୌପଦୀ ଆଦି ନିଜ ନିଜର ପବିତ୍ରତା ଓ ପରାକାଷ୍ଠା ବଳରେ ଯୁଗେ ଯୁଗେ ବନ୍ଦିତ । ଇତିହାସରୁ ଜଣାଯାଏ ଝାନସୀରାଣୀ ଲକ୍ଷ୍ମୀବାଈ, ସରୋଜିନୀ ନାଇଡୁ, ଅରୁଣା ଆସଫ୍ ଅଲ୍ଲୀ, ସୁଚେତା କୃପାଳିନୀ, କମଳା ନେହେରୁ, କସ୍ତୁରବା ଗାନ୍ଧୀ, ମଦରଟେରେସା, ଇନ୍ଦିରାଗାନ୍ଧୀ, ନନ୍ଦିନୀ ଶତପଥୀ ଆଦି ମହୀୟସୀ ମହିଳାମାନେ ନିଜ ନିଜ କ୍ଷେତ୍ରରେ ସେମାନଙ୍କର କାର୍ଯ୍ୟଦକ୍ଷତା ଓ ଅଦମ୍ୟ ଶକ୍ତିର ପରାକାଷ୍ଠା ପ୍ରତିପାଦନ କରି କାଳଜୟୀ ହୋଇପାରିଛନ୍ତି ।

ଭାରତୀୟ ସଂସ୍କୃତି ଓ ଧର୍ମରେ ନାରୀକୁ ଆବହମାନ କାଳରୁ ପୁରୁଷର ଏକ ଓ ଅବିଚ୍ଛିନ୍ନ ଅଙ୍ଗରୂପେ ସ୍ୱୀକାର କରାଯାଇଛି । ପତ୍ନୀ ବିନା ପତିର କୌଣସି ଧର୍ମକାର୍ଯ୍ୟ, ଯଜ୍ଞାଦି କର୍ମ ସଫଳ ହୁଏନା । ତେଣୁ ତ୍ରୈତ୍ତରୀୟ ପୁରାଣରେ ବର୍ଣ୍ଣିତ ଅଛି - 'ଅଯଜ୍ଞୋ ବା ଏଷ ପୋଞ୍ଚପତ୍ନୀକଃ।। ଅର୍ଥାତ୍ ଯିଏ ଅପତ୍ନୀକ, ତାର ଯଜ୍ଞପୂର୍ଣ୍ଣ ହୁଏନା । ପତ୍ନୀ ବିନା ଯଜ୍ଞ ଅସମ୍ଭବ ବା ଅପୂର୍ଣ୍ଣ ରହେ । ନାରୀ ସର୍ବଦା କଲ୍ୟାଣକାରୀ । ସେ ପୂଜ୍ୟା । ଗୃହର ଦୀପ୍ତି । ନାରୀ ଧର୍ମକାର୍ଯ୍ୟର ସହାୟିକା ଅଟନ୍ତି । କୁହାଯାଏ - ଦାରାଧିନ ସ୍ତଥା ସ୍ୱର୍ଗଃ... ଅର୍ଥାତ୍ ସ୍ୱର୍ଗ ସ୍ତ୍ରୀର ଅଧିନ ଅଟେ । ମନୁ ସଂହିତାରେ ବର୍ଣ୍ଣିତ ଅଛି - 'ଯତ୍ର ନାର୍ଯ୍ୟବସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ, ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରା ଫଳାଃ କ୍ରିୟାଃ।।' ଯେଉଁ ଗୃହରେ ନାରୀକୁ ସମ୍ମାନ ଦିଆଯାଏ, ସେଠାରେ ଦେବ ବାସ କରନ୍ତି । ଯେଉଁଠାରେ ତା'ର ତିରସ୍କାର ହୁଏ, ସେଠାରେ ସମସ୍ତ କାର୍ଯ୍ୟ ନିଷ୍ଫଳ ହୁଏ ।

ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମାନବ ସମାଜ ପ୍ରତି ଗୁରୁବାଣୀ ପ୍ରଦାନ କରି କହିଛନ୍ତି 'ମଣିଷର କାମ ପ୍ରବୃତ୍ତିକୁ ଦମନ କରିବା ପାଇଁ ମାତୃ ଭାବ ଗୋଟିଏ ମହୌଷଧି ଭଳି କାର୍ଯ୍ୟ କରିଥାଏ । ମଣିଷର ଆଦି ବାକ୍‌ସ୍ଫୁରଣର ପ୍ରଥମ ଶବ୍ଦ ହେଉଛି ମାଆ ।' ଏହା ନିଃସନ୍ଦେହ ମନ ଭିତରେ ମାତୃଭାବ ଜାଗରିତ ହେଲେ ମଣିଷର କୁପ୍ରବୃତ୍ତି ଅବଦମିତ ହୁଏ । ପ୍ରାଚୀନ ଇତିହାସର ତଥ୍ୟରୁ ଜଣାଯାଏ ମାଆ ଜଗତ୍‌ଜନନୀ ଦୁର୍ଗାଙ୍କର ବିଶ୍ୱବିମୋହନ ମାତୃମୂର୍ତ୍ତି ଦର୍ଶନ କରି ମହିଷାସୁରର ଉତ୍କଟ କାମ ପ୍ରବୃତ୍ତି ଅବଦମିତ ହୋଇଥିଲା । ସେହିପରି ଦୁରାଚାରୀ ରାବଣ ସତୀ ସୀତାଙ୍କୁ ଅପହରଣ କରିବା ପରେ ତାଙ୍କର ମାତୃତ୍ୱମୟୀ ବ୍ୟକ୍ତିତ୍ୱର ପ୍ରଭାବରେ ଅଭିଭୂତ ହୋଇ ତାଙ୍କୁ ମା' ବ୍ୟତୀତ ଆଉ କିଛି ବି ଭାବିପାରି ନଥିଲା । ପରମ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆମ ସମୟରେ ମାତୃ ଜାତିଙ୍କୁ ସମ୍ଭାଷଣ ପ୍ରଦାନରେ କହିଛନ୍ତି - 'ଝିଅ ମୋର, ତୁମର ସେବା, ତୁମର ଚାଲିବା, ତୁମର ଚିନ୍ତା, ତୁମର କହିବା - ପୁରୁଷ ଜନସାଧାରଣଙ୍କ ମଧ୍ୟରେ ଯେପରି ଏପରି ଗୋଟିଏ ଭାବର ସୃଷ୍ଟି କରେ - ଯେଉଁଥିରେ ସେମାନେ ଅବନତ ମସ୍ତକରେ, ନତଜାନୁ ହୋଇ ସସମ୍ଭ୍ରମେ, ଭକ୍ତି ଗଦ ଗଦ କଣ୍ଠରେ ମା'ମୋର, ଜନନୀ ମୋର, କହି ମୁଗ୍ଧ ହୁଅନ୍ତି, ବୁଦ୍ଧ ହୁଅନ୍ତି, ତୃପ୍ତ ହୁଅନ୍ତି, କୃତାର୍ଥ ହୁଅନ୍ତି - ତେବେ ହିଁ ତୁମେ ଝିଅ - ତେବେ ହିଁ ତୁମେ ସତୀ ।'

ପରମପୁରୁଷ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଦୃଷ୍ଟିରେ ନାରୀ ଓ ପୁରୁଷ ଉଭୟଙ୍କର ଉଲ୍ଲେଖଯୋଗ୍ୟ ସମାନ୍ତରାଳ ବୈଶିଷ୍ଟ୍ୟ ରହିଛି । ନାରୀ ଜୀବନର ବୈଶିଷ୍ଟ୍ୟ ହେଲା - ସ୍ନେହ, ମମତା, ପ୍ରୀତି, ପ୍ରେମ, ସେବା, ସଂରକ୍ଷଣ, ପ୍ରେରଣା ଓ ସୁପ୍ରଜନନ । କୁମାରୀ, ବଧୂ ଏବଂ ମାଆ ଭୂମିକାରେ ନାରୀର ଅବଦାନ ମନୁଷ୍ୟ ଜୀବନକୁ ମଧୁମୟ କରିଉଠାଏ । ଗୋଟିଏ ହାତରେ ଗୃହକର୍ମ ଓ ଅନ୍ୟ ଏକ ହାତରେ ଗୃହ ଶାସନ । ଦୁଇପକ୍ଷ ବିଶିଷ୍ଟ ସମାଜ ଜୀବନରେ ନାରୀ ଗୋଟିଏ ପକ୍ଷ ଓ ପୁରୁଷ ଅନ୍ୟ ଏକ ପକ୍ଷ । ପୁରୁଷ ବୈଶିଷ୍ଟ୍ୟ ମଧ୍ୟରେ ରହିଛି - ପୂରଣ ପ୍ରବଣତା, ସାହସ, ବୀର୍ଯ୍ୟ, ପରାକ୍ରମ ଓ ଆଦର୍ଶପ୍ରାଣତା । ପୁରୁଷ ଛୁଟି ଚାଲେ ଆଦର୍ଶଙ୍କ ପଛରେ ଓ ନାରୀ ଛୁଟି ଚାଲେ ପୁରୁଷ ପଛରେ, ଆଦର୍ଶପ୍ରାଣତାକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ।

ପୁରୁଷ ଓ ନାରୀର ଅଧିକାର ସେମାନଙ୍କର ଏହିପରି ବୈଶିଷ୍ଟ୍ୟରୁ ହିଁ ଭଗବାନ ନିର୍ଦ୍ଧାରଣ କରିଛନ୍ତି । ନାରୀର ସ୍ୱାଧୀନତା ତାଙ୍କର ବୈଶିଷ୍ଟ୍ୟରେ, ଆଉ ଏହି ବୈଶିଷ୍ଟ୍ୟ ଯେଉଁଠାରେ ମୁଖର ଓ ପ୍ରେରଣା ପରିପୃଷ୍ଟ, ସେହିଠାରେ ହିଁ ରହିଛି ନାରୀର ମୁକ୍ତି ବା ସ୍ୱାଧୀନତା । ନରର ବୃତ୍ତିଗୁଡ଼ିକ ଯେଉଁ ନାରୀ ଠାରେ ପରିପୋଷିତ ଓ ପରିବର୍ଦ୍ଧିତ ହୁଏ ଅର୍ଥାତ୍ ଯେଉଁ ନାରୀ ଯେଉଁ ନରର ବୃତ୍ତି ଗୁଡ଼ିକ ନେଇ ସନ୍ତୁଷ୍ଟ, ପୁଷ୍ଟ ଓ ସମ୍ବର୍ଦ୍ଧନାରେ ଯତ୍ନବତୀ, ସେହି ନରନାରୀର ମିଳନ ହିଁ ଶୁଭ । ନାରୀର ଅର୍ନ୍ତନିହିତ ଝୁଙ୍କ୍, ମାତୃତ୍ୱରେ, ଯେଉଁମାନେ ମାତୃତ୍ୱକୁ ଖର୍ବ କରି ନାରୀତ୍ୱର ପ୍ରତିଷ୍ଠା କରିବାକୁ ଚାହାଁନ୍ତି ସେମାନେ ସର୍ବନାଶୀ ।

ନାରୀ ପୁରୁଷର ପରିପୋଷକ, ଉଭୟ ମିଶି ଏକ, ନାରୀ ହେଉଛି ପୁରୁଷ ସତ୍ତାର ବାକୀ ଅଂଶ । ସ୍ୱାମୀ ହେଉଛି ସ୍ତ୍ରୀର ସତ୍ତା, ପୁରୁଷର ଏହି ଉଦ୍‌ବେଳାୟିତ ଅବସ୍ଥାକୁ ଅକ୍ଷୁର୍ଣ୍ଣ ରଖିବା ନିମିତ୍ତ ତାକୁ ପୁରୁଷ ଶ୍ରେଷ୍ଠ, ଇଷ୍ଟ, ଗୁରୁ ବା ପୁରୁଷୋତ୍ତମ ସହିତ ସଂଲଗ୍ନ ହେବା ଏକାନ୍ତ ଆବଶ୍ୟକ, ନଚେତ୍ ପୌରୁଷ୍ୱ ଲୋପ ପାଇଯାଏ । ପୁରୁଷ ଯେତେବେଳେ ନାରୀ ଠାରେ କାମମୁଗ୍ଧ ହୋଇଉଠେ ସେତେବେଳେ ତାର ପରିପୂରଣୀ ପ୍ରତିଭା ନଷ୍ଟ ହୁଏ । ମା'ମାନେ ଯଦି ସ୍ୱାମୀଙ୍କ ଠାରେ ସୁକେନ୍ଦ୍ରିକ ନ ହୁଅନ୍ତି ଓ ପୁରୁଷ ଯଦି ଈଶ୍ୱର କେନ୍ଦ୍ରିକ ନ ହୁଅନ୍ତି ତାହାହେଲେ ପରିବାରରେ ମଇଳା ଜମି ଯାଏ । ପୁରୁଷ ସ୍ୱାଧୀନ ହୁଏ ଭଗବାନ (ଗୁରୁ)ଙ୍କୁ ନେଇ ଓ ମା'ମାନେ ସ୍ୱାଧୀନ ସ୍ୱାମୀଙ୍କୁ ନେଇ - ସ୍ୱାମୀ ହେବା ଉଚିତ ଇଷ୍ଟମୁଖୀ ଓ ସ୍ତ୍ରୀର ବୈଶିଷ୍ଟ୍ୟପୂରଣୀ । ଇଷ୍ଟ, ଗୁରୁ ବା ପୁରୁଷୋତ୍ତମଙ୍କ ପ୍ରତି ନିର୍ମଳ ନିଷ୍ଠା ଭିତର ଦେଇ ନିଜକୁ ଶାସନ କରିବାକୁ ହୁଏ ଓ ଏହାଦ୍ୱାରା ଚରିତ୍ର ନିର୍ମଳ ହୁଏ ଓ ପ୍ରେମ ପ୍ରସ୍ଫୁଟିତ ହୁଏ । ଦୃଢ଼କଣ୍ଠରେ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଘୋଷଣା କଲେ - ପୁରୁଷ ମାନଙ୍କର ନାରୀ ସାଜିବା ଭଲ ନୁହେଁ ଓ ମା'ମାନଙ୍କର ମଧ୍ୟ ପୁରୁଷ ସାଜିବା ଭଲ ନୁହେଁ । ଅଜସ୍ର ଚେଷ୍ଟା କଲେ ମଧ୍ୟ ପୁରୁଷ କେବେ ମା' ହୋଇପାରିବେ ନାହିଁ, ମା' ହିଁ ସନ୍ତାନକୁ ମାପି ଦିଅନ୍ତି ଅର୍ଥାତ୍ ମା'ର ନିଷ୍ଠା, ଭକ୍ତି, ଶ୍ରଦ୍ଧା ଓ ଚରିତ୍ର ଅନୁଯାୟୀ ସନ୍ତାନ ସଦ୍‌ଗୁଣର ଅଧିକାରୀ ହୁଏ । ଯଥାର୍ଥରେ କୁହାଯାଇଛି - ମାତୃଭକ୍ତି ଅଟୁଟ ଯେତେ, ସନ୍ତାନ ହୁଏ କୃତୀ ସେତେ । ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର ।

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ନାରୀର ସପ୍ତ ସଦ୍‌ଗୁଣ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ଶାସ୍ତ୍ରରେ ନାରୀମାନଙ୍କୁ ସପ୍ତ ସଦ୍‌ଗୁଣର ଅଧିକାରିଣୀ ବୋଲି କୁହାଯାଇଛି । ସତ୍ୟ, ପ୍ରେମ, ଧର୍ମ, ଶାନ୍ତି, ସହନ, ଆନନ୍ଦ ଓ ସ୍ୱାନୁଭୂତି । ସେ ଘରର ସ୍ତ୍ରୀ, ଯେ କି ଘରର ସୁନାମର ଆଧାର । ସେହିପରି ରାଜ୍ୟ ଦେଶ, ଏପରିକି ବିଶ୍ୱର ମର୍ଯ୍ୟାଦା ରକ୍ଷାରେ ନାରୀମାନଙ୍କର ମୁଖ୍ୟ ଭୂମିକା ରହିଛି । ଘର ଭିତରେ ନାରୀକୁ ଗୃହଲକ୍ଷ୍ମୀର ଉଚ୍ଚ ମର୍ଯ୍ୟାଦା ଦିଆଯାଇଛି । ପତି ଅସୁବିଧାର ସମ୍ମୁଖୀନ ହେବା ବେଳେ ପତ୍ନୀ ସଙ୍ଗେ ସଙ୍ଗେ ତାଙ୍କ ଦୁଃଖରେ ଭାଗୀ ହୁଏ ଏବଂ ପତି ତଥା ପରିବାରର କଲ୍ୟାଣ ପାଇଁ ଯେ କୌଣସି କାର୍ଯ୍ୟ କରିବାକୁ ଯେ କୌଣସି ଦୁର୍ଦ୍ଦଶା ଭୋଗିବାକୁ ଏପରିକି ନିଜର ଜୀବନ ତ୍ୟାଗ କରିବାକୁ ପ୍ରସ୍ତୁତ ଥାଏ । ଘରଣୀ ହିଁ ଘରର ସୁନାମ ପଛରେ ଥାଏ । ନାରୀ ତ୍ୟାଗସ୍ୱରୂପିଣୀ ଅଟେ । ପୁରୁଷ ତ୍ୟାଗ କରୁଥିଲେ ବି ସେଥିରେ ସ୍ୱାର୍ଥଭାବନା ଥାଏ, କିନ୍ତୁ ନାରୀର ତ୍ୟାଗ ପୁରାପୁରି ନିଃସ୍ୱାର୍ଥପର । ସେଥିପାଇଁ ଆମେ ଆମର ନାରୀମାନଙ୍କ ପାଇଁ ଗର୍ବ କରିବା ଉଚିତ ।

ନାରୀମାନଙ୍କୁ ଅଷ୍ଟୈଶ୍ୱର୍ଯ୍ୟ ସ୍ୱରୂପିଣୀ ବୋଲି କୁହାଯାଇଛି । ସେଥିପାଇଁ ଆମ ସଂସ୍କୃତିରେ ପିତା, ଗୁରୁ ଓ ଭଗବାନଙ୍କ ଅପେକ୍ଷା ମାତାଙ୍କୁ ସର୍ବୋଚ୍ଚ ସ୍ଥାନ ଦିଆଯାଉଛି । ଯଥାର୍ଥରେ କୁହାଯାଇଛି 'ଯତ୍ର ନାର୍ଯ୍ୟାସ୍ତୁ ପୂଜ୍ୟନ୍ତେ ତତ୍ର ରମନ୍ତେ ସର୍ବ ଦେବତା' । ଯୁଗପୁରୁଷୋତ୍ତମ ଠାକୁର ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି - ନାରୀମାନେ ଲକ୍ଷ୍ମୀ ସ୍ୱରୂପିଣୀ ହୋଇଥିବା ଯୋଗୁଁ ସେମାନଙ୍କୁ ସମ୍ମାନିତା କରାଯିବା ବେଳେ ହିଁ ପୃଥିବୀ ସମୃଦ୍ଧିଲାଭ କରିପାରିବ । ତୁମେ ଏହା ନିଜେ ଦେଖିପାରିବ ଯେଉଁଠାରେ ସଚ୍ଚରିତ୍ରା ନାରୀମାନେ ଥାଆନ୍ତି ସେଠାରେ ତୁମେ ସମସ୍ତ ସମୃଦ୍ଧି ପାଇପାରିବ । ତୁମେ ସମସ୍ତେ ଜାଣିଛ ଯେ ବିଶ୍ୱଯୁଦ୍ଧ ସମୟରେ ଅନେକ ଦେଶ କ୍ଷତିଗ୍ରସ୍ତ ହେଲେ । ଭାରତ ଯଦି ଅକ୍ଷୁର୍ଣ୍ଣ ରହିପାରିଲା, ତାହାର କାରଣ ହେଉଛି କେବଳ ସଚ୍ଚରିତ୍ରା ନାରୀମାନଙ୍କ ଉପସ୍ଥିତି । ଭାରତ ନିଜର ମହାନତା ଓ ଗାରିମା ପାଇଁ ନାରୀମାନଙ୍କ ନିକଟରେ ସମ୍ପୂର୍ଣ୍ଣ ଋଣୀ । ତେଣୁ ନାରୀ ମାନଙ୍କୁ ସମ୍ମାନ କର ଏବଂ ସେମାନଙ୍କୁ ସୁଖୀ କର । ଅତୀତ ହେଉ, ବର୍ତ୍ତମାନ ହେଉ ବା ଭବିଷ୍ୟତ ହେଉ ସର୍ବକାଳରେ ନାରୀ ହିଁ ପ୍ରଗତିର ମେରୁଦଣ୍ଡ, ଦେଶ ଓ ଜାତିର ହୃତ୍‌ପିଣ୍ଡ ଓ ପ୍ରାଣବାୟୁ ସଦୃଶ । ପୁରାଣ ଯୁଗରେ ଗାନ୍ଧାରୀ, ଦ୍ରୌପଦୀ, କୁନ୍ତୀ, ତାରା ଓ ମନ୍ଦୋଦୋରୀଙ୍କୁ ପଞ୍ଚକନ୍ୟା କୁହାଯାଉଥିଲା । ଆଧାତ୍ମିକ ସାଧନା କ୍ଷେତ୍ରରେ ପୁରାଣ ପୃଷ୍ଠାରେ ଗାର୍ଗୀ, ମୈତ୍ରେୟୀ, ସୁଲଭା, ଲୋପାମୁଦ୍ରା, ବିଶ୍ୱବାରାଙ୍କ କୃତୀ ଓ ସ୍ୱୀକୃତି କାଳଜୟୀ ହୋଇରହିଛି । ସେହିପରି ବୈଦିକ ଯୁଗରେ ନାରୀ ମାନଙ୍କ ଦ୍ୱାରା ରଚିତ ଶ୍ଳୋକ ବେଦରେ ସ୍ଥାନ ପାଇଛି । ସ୍ୱାମୀ ବିବେକାନନ୍ଦ ପ୍ରାୟ ଶହେ ବର୍ଷ ତଳେ ଭବିଷ୍ୟବାଣୀ କରିଥିଲେ, ଏକ ବିଂଶ ଶତାବ୍ଦୀ ହେବ ମାତୃ ଗୌରବର ଶତାବ୍ଦୀ । ଠାକୁର ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର ତାଙ୍କ ଭାଷାରେ - 'ମାତା ତା'ର ସ୍ୱାମୀର ସାଥୀ ଓ ପଥ ପ୍ରଦର୍ଶକ, ଶିଶୁର ଆଦ୍ୟଗୁରୁ, ସାମାଜିକ ଜୀବନଧାରାର ଆଧାର, ପରିବାରର ଆଦର୍ଶ, ଦୈହିକ ଓ ମାନସିକ ସ୍ୱାସ୍ଥ୍ୟର ଜାଗ୍ରତ ପ୍ରହରୀ ।' ସେ ଆଦ୍ୟାଶକ୍ତି, ସୃଷ୍ଟିକାରିଣୀ ଓ ସମୃଦ୍ଧିର ଦେବୀ । ଭାରତର ମହାନ ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ନାରୀ ମାନଙ୍କର ଦାନ ଅତୁଳନୀୟ । ବୈଦିକ ଯୁଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ନାରୀମାନେ ହିଁ ଭାରତୀୟ ସଂସ୍କୃତିର ସଂରକ୍ଷକ ଓ କର୍ଣ୍ଣଧାର ହୋଇ ଆସିଛନ୍ତି । ଆମ ଜନ୍ମଭୂମି ଭାରତରେ ଅମୃତୋପମ ଭାବ ହେଉଛି ନିଜର ମାତାଙ୍କ ପ୍ରତି ପ୍ରେମ । ଉତ୍ତମ ଚରିତ୍ର ହିଁ ପ୍ରକୃତ ସୌନ୍ଦର୍ଯ୍ୟ, ନୈତିକତା ନାରୀର ପ୍ରାଣବାୟୁ, ଲଜ୍ଜ୍ୟା ତା'ର ଜୀବନୀ ଶକ୍ତି ଓ କଠୋର ସତ୍ୟାନୁସରଣ ହିଁ ତା'ର ପ୍ରତିଦିନର କର୍ତ୍ତବ୍ୟ । ବିଶ୍ୱ ମହିଳା ଦିବସ ଅବସରରେ ଭାରତୀୟ ଧର୍ମ, ସଂସ୍କୃତି ଓ ଦିବ୍ୟ ସମାଜ ଗଠନ ସହ ପରିବାରରେ ମାତୃ ଆଦର୍ଶର ମହନୀୟତା ଚିର ଜାଜ୍ଜ୍ୱଲ୍ୟମାନ ହୋଇ ସମସ୍ତଙ୍କ ପାଇଁ ପ୍ରେରଣାର ଆଲୋକବର୍ତ୍ତିକା ହେଇ ଚାଲିଥାଉ ଏହା ହିଁ କାମନା ।

ନିର୍ଦ୍ଦେଶିକା ଓ ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ଟ୍ରାକ୍ଟର ଦୁର୍ଘଟଣାରେ ଡ୍ରାଇଭରଙ୍କ ମୃତ୍ୟୁ ଘଟଣା, ମାଲିକଙ୍କ ଘର ସମ୍ମୁଖରେ ଶବ ରଖି କ୍ଷତିପୂରଣ ଦାବି

ଲାଞ୍ଜିଗଡ଼, (ମହାଭାରତ) : ଏକ ଦୁଃଖଦ ଟ୍ରାକ୍ଟର ଦୁର୍ଘଟଣାରେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବା ବେଳେ ମୃତକଙ୍କ ପରିବାର ଓ ଗ୍ରାମବାସୀ ଟ୍ରାକ୍ଟର ମାଲିକଙ୍କ ଘର ସମ୍ମୁଖରେ ଶବ ରଖି କ୍ଷତିପୂରଣ ଦାବି କରିଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି କରିଛି। ସୂଚନା ଅନୁଯାୟୀ ସୋମବାର ଦିନ ୧୨ଘଣ୍ଟିକା ସମୟରେ ଡ୍ରାଇଭର ଜଣକ କାମ ସାରି ଘରକୁ ଫେରୁଥିବା ବେଳେ ଗାଡ଼ିଟି ଭାରସାମ୍ୟ ହରାଇ ଦୁର୍ଘଟଣା ଘଟି ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା । କୌଣସିମତେ ଖବର ପାଇ ବିଶ୍ୱନାଥପୁର ପୋଲିସ ଘଟଣା ସ୍ଥଳକୁ ପହଞ୍ଚି ଟ୍ରାକ୍ଟରକୁ ଜବତ କରି ଥାନାକୁ ନେବା ସହ ଶବ ବ୍ୟବଚ୍ଛେଦ ପାଇଁ ଲାଞ୍ଜିଗଡ଼କୁ ପଠାଇ ଥିଲେ।ମଙ୍ଗଳବାର ଶବ ବ୍ୟବଚ୍ଛେଦ ପରେ ପୋଲିସ ପରିବାରକୁ ଶବ ହସ୍ତାନ୍ତର କରିଥିଲେ।ପରିବାର ଲୋକେ ଶବ ଗାଁକୁ ନେବା ପରେ ପରିବାର ଲୋକେ ଓ ଗ୍ରାମବାସୀ କ୍ଷତିପୂରଣ ଦାବିରେ ଟ୍ରାକ୍ଟର ମାଲିକଙ୍କ ଘର ସମ୍ମୁଖରେ ମୃତଦେହ ରଖିଥିଲେ । ଦୀର୍ଘ ସମୟ ଧରି ଆଲୋଚନା ପରେ ସହାୟତା ପ୍ରତିଶୃତି ପରେ ସ୍ଥିତି ସ୍ୱାଭିବିକ ହୋଇଥିଲା ଏବଂ ଗାଁ ମଶାଣିରେ ଶବ ସତ୍କାର କରାଯାଇଥିଲା।ଘଟଣାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଇଭିଏମ ଏବଂ ଭି. ଭି. ପାଟ୍ ଗୋଦାମର ତ୍ରୈମାସିକ ଯାଞ୍ଚ ସମ୍ପନ୍ନ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଉପସ୍ଥିତି




ନବରଙ୍ଗପୁର, (ମହାଭାରତ): ନବରଙ୍ଗପୁର ଜିଲ୍ଲାର ଇ ଭି ଏମ ଓ ଭି ଭି ପାଟ୍ ଗୋଦାମର ତ୍ରୈମାସିକ ମିଳିତ ଯାଞ୍ଚ ଅନୁଷ୍ଠିତ ହୋଇଛି। ଏହି ଯାଞ୍ଚରେ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍. ଏସ୍. ଗୋପାଳନ ଉପସ୍ଥିତ ରହି ସମସ୍ତ ପ୍ରକ୍ରିୟାର ତଦାରଖ କରିଥିଲେ। ଯାଞ୍ଚ ସମୟରେ ଗୋଦାମର ସିଲ, ସୁରକ୍ଷା ବ୍ୟବସ୍ଥା, ଓ ସି ସି ଟି ଭି କାର୍ଯ୍ୟକ୍ଷମତା ଯାଞ୍ଚ କରାଯାଇଥିଲା। ମାନ୍ୟତାପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ ଏବଂ ସମଗ୍ର ପ୍ରକ୍ରିୟାର ଭିଡିଓ ରେକର୍ଡିଂ କରାଯାଇଛି।ମୁଖ୍ୟ ନିର୍ବାଚନ ଅଧିକାରୀ ଜିଲ୍ଲାର ସ୍ୱତନ୍ତ୍ର ସଂଘନ ସଂଶୋଧନ ପ୍ରକ୍ରିୟାର ସମୀକ୍ଷା କରିଥିଲେ । ଜିଲାରେ ବର୍ତ୍ତମାନ ସୁଦ୍ଧା ଶତକଡା ୯୨ ଭାଗ ଡିଜିଲାଇଜେଶନ କାର୍ଯ୍ୟ ସମ୍ପନ ହୋଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜୁ ଜନତା ଦଳର ପ୍ରତିନିଧି ପ୍ରମୋଦ ରଥ, ବିଜେପି ଦଳର ପ୍ରତିନିଧି ଭାବେ ସରୋଜ କୁମାର ବେହେରା, ଜିଲ୍ଲା କଂଗ୍ରେସ ଦଳର ପ୍ରତିନିଧି ଭାବେ ଡ଼. ଲିପିକା ମାଝୀ ଏବଂ ପ୍ରଦୀପ କୁମାର ସାହୁ,ପୂର୍ବତନ ଜିଲ୍ଲା ସଭାପତି ମୁନା ତ୍ରିପାଠୀ, ଜିଲ୍ଲା ନିର୍ବାଚନ ଅଧିକାରୀ ଡ ମହେଶ୍ୱର ସ୍ୱାଇଁ,ଅତିରିକ୍ତ ଜିଲ୍ଲାପାଳ (ସାଧାରଣ )ଡ. ପ୍ରମୋଦ କୁମାର ପୁଷ୍ଟି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ଚନ୍ଦ୍ର ବର୍ମନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ,ଉପଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର,ଡେପୁଟି କଲେକଟର ଚିନ୍ମୟ କୁମାର ସାହୁ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ପାରାଦୀପରେ ସ୍ୱତନ୍ତ୍ର ସଘନ ସଂଶୋଧନ ସମୀକ୍ଷା ବୈଠକ ଅନୁଷ୍ଠିତ



ପାରାଦୀପ, (ମହାଭାରତ): ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ ଭୋଟର ତାଲିକା ପ୍ରସ୍ତୁତି ଅଗ୍ରଗତି ର ତଦାରଖ କରିବା ପାଇଁ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ (ଏଡିଏମ) ଙ୍କ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି । ଘରେ ଘରେ ଗଣନା, ଯୋଗ୍ୟ ଭୋଟରମାନଙ୍କୁ ଯାଞ୍ଚ କରିବା ଏବଂ ମୃତ, ସ୍ଥାନାନ୍ତରିତ କିମ୍ବା ଫର୍ଜରୀ ନାମ କୁ ବାଦ ଦେଇ ଏକ ସ୍ୱଚ୍ଛ ଭୋଟର ତାଲିକା ସୁନିଶ୍ଚିତ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଘର ଘରକୁ ଯାଞ୍ଚ ପର୍ଯ୍ୟାୟରେ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ) ଏବଂ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା ଉପରେ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ। ଏହି ପରିପ୍ରେକ୍ଷୀରେ, ପାରାଦୀପର ପଞ୍ଜିକୃତ ଏବଂ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ୨୩ ଜୁନ୍ ୨୦୨୬ ଦିନ ଅପରାହ୍ନ ୪ଟାରେ ଏଡିଏମ ପାରାଦୀପ ଙ୍କ କାର୍ଯ୍ୟାଳୟରେ ଗଣନା ଫର୍ମ ବଣ୍ଟନ ଏବଂ ଡିଜିଟାଇଜେସନ୍, ବିଏଲଓ ଏବଂ ବିଏଲଏ ର ପରିଚାଳନାର ଏସଆଇଆର ସ୍ଥିତିର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ଚଳିତ ମାସ ୨୪ ଓ ୨୫ ତାରିଖ ରେ ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀର ୧୦୧ ଅନ୍ତର୍ଗତ ଇଆରଓ ଏବଂ ଏଇଆରଓ ଙ୍କ ଉପସ୍ଥିତିରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପାରାଦୀପ ଅତିରିକ୍ତ ଜୀଲ୍ଲାପାଳ ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ପୌରପାଳିକା ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ପାରିଷଦ ତଥା ବିଜେପି ନଗର ସଭାପତି ସୁବ୍ରତ ପ୍ରଧାନ, ବିଜେଡି, କଂଗ୍ରେସ, ବିଏସପିର ପ୍ରତିନିଧି ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜୟଦେବରେ ବିଜେଡିର ନାରୀ ଅଧିକାର ଅଭିଯାନ ଓ ରଣ ହୁଙ୍କର !

ବାଲିପାଟଣା, (ମହାଭାରତ): ଜୟଦେବ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିପାଟଣା ବ୍ଲକରେ ଆଜି ବିଜୁ ଜନତା ଦଳ ପକ୍ଷରୁ ଏକ ବିଶାଳ 'ନାରୀ ଅଧିକାର ଅଭିଯାନ' ସମାବେଶ ସହ ଅନୁଷ୍ଠିତ ହୋଇଯାଇଅଛି । ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେଡି ମହିଳା ନେତ୍ରୀ ଭାଗ୍ୟଲକ୍ଷୀ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶକ୍ତି ପ୍ରଦର୍ଶନ କାର୍ଯ୍ୟକ୍ରମରେ ଦଳର ବହୁ ଶୀର୍ଷ ନେତୃବୃନ୍ଦ ସାମିଲ ହୋଇ ବର୍ତ୍ତମାନର ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ରଣହୁଙ୍କାର ଭରିଛନ୍ତି।ସମାବେଶକୁ ସମ୍ବୋଧିତ କରି ବକ୍ତାମାନେ ବିଜେପି ଶାସନ କାଳରେ ରାଜ୍ୟର ଆଇନ ଶୃଙ୍ଖଳା ଓ ପ୍ରଶାସନିକ ସ୍ଥିତିକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜ୍ୟରେ ଦୁର୍ନୀତି ଓ ଭ୍ରଷ୍ଟାଚାର ଚରମ ସୀମାରେ ପହଞ୍ଚିଥିବା ବେଳେ ମହିଳାମାନେ ସବୁଠୁ ଅଧିକ ଅସୁରକ୍ଷିତ ହୋଇପଡ଼ିଛନ୍ତି ବୋଲି ସେମାନେ




ଅଭିଯୋଗ କରିଛନ୍ତି। ଦିନକୁ ଦିନ ନାରୀ ନିର୍ଯ୍ୟାତନା ମାମଲା ବୃଦ୍ଧି ପାଉଥିବା ବେଳେ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବାରେ ବର୍ତ୍ତମାନର ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏହି ସମାବେଶରେ ସ୍ଥାନୀୟ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକଙ୍କ ଭୂମିକାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ତାଙ୍କୁ କଡ଼ା ଭାଷାରେ ନିନ୍ଦା କରାଯାଇଛି।ରାଜ୍ୟସଭା ନିର୍ବାଚନରେ ବିଶ୍ୱାସଘାତକତା ପାଇଁ ଆଗାମୀ ଦିନରେ ଜୟଦେବବାସୀ ତାଙ୍କୁ ଉଚିତ ଜବାବ ଦେବେ ଏବଂ ତାଙ୍କର ରାଜନୈତିକ ଭବିଷ୍ୟତ ଶୂନ ହୋଇଯିବ ବୋଲି ଚେତାବନୀ ଦିଆଯାଇଛି।ଉକ୍ତ ମହାରାଲିରେ ବିଜେଡିର ରାଜ୍ୟସଭା ସାଂସଦ ସୁଲତା ଦେଓ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ତଥା ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବିଧାୟକ ଅନନ୍ତ ନାରାୟଣ ଜେନା, ଯୁବ ନାରୀ ସଭାପତି ଈପସିତ ସାହୁ, କର୍ପୋରେଟର ଭାରତୀ ସିଂ, ପ୍ରତାପ କେଶରୀ ନାୟକ, ସୂର୍ଯ୍ୟକାନ୍ତ ସେନାପତି, ସଂଦୀପ୍ତ ସେନାପତି, ତ୍ରିବିକ୍ରମ ଦାସ, ମଙ୍ଗରାଜ ବେହେରା ପ୍ରମୁଖ ପ୍ରମୁଖ ବକ୍ତା ଭାବେ ଯୋଗ ଦେଇଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଆହୁରି ଶକ୍ତ କରିବା ସହ ଜୟଦେବ ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନକୁ ତୃଣମୂଳ ସ୍ତରରୁ ଅଧିକ ସଂଗଠିତ କରିବାକୁ କର୍ମକର୍ତ୍ତାମାନଙ୍କୁ ଆହ୍ୱାନ ଦିଆଯାଇଥିଲା।

## ଠିକାଦାରଙ୍କ ବେପରୁଆ କାମ ନେଲା ଜୀବନ

କପ୍ତିପଦା, (ମହାଭାରତ) : ରାସ୍ତା କାମ ବେଳେ ଗୋଟିଏ ଜାଗାକୁ ତାଡି ମାଟି ନେଇଗଲେ ଠିକାଦାର। ଆଉ ସେହି ତଡା ଯାଇଥିବା ଖାଲରେ ପଡି ଚାଲିଯାଇଛି ନାବାଳକଙ୍କ ଜୀବନ। ଏଭଳି ଘଟଣା ଘଟିଛି ଶରତ ଥାନା ବଣିଆଡିହ ଗ୍ରାମରେ। ଗ୍ରାମର ମାନି ସିଂ ଏବଂ ଦୈତାରୀ ସିଂ ଙ୍କ ୫ବର୍ଷ ର ପୁଅ ସୁକୁରା ସିଂ କୁ ଘରେ ଛାଡି କାମ କୁ ଯାଇଥିଲେ। ସାଙ୍ଗ ମାନଙ୍କ ସହିତ ଖେଳିବା ସମୟରେ ଘର ପାଖରେ ଥିବା ଏକ ଖାଲ ନିକଟକୁ ଚାଲିଯାଇଥିଲେ। ଠିକାଦାର ମାଟି ଉଠାଇ ଖାଲ କରିଥିବା ଉକ୍ତ ଜାଗାରେ ବର୍ଷା ପାଣି ଜମି ରହିଥିବା ବେଳେ ସେହି ପାଣିରେ ନାବାଳକ ସୁକୁରା ବୁଡି ଯାଇଥିଲେ। ଯାହା ପରେ ତାଙ୍କ ସାଙ୍ଗରେ ଖେଳୁଥିବା ଅନ୍ୟ ପିଲାମାନେ ଘଟଣା ବାବଦରେ କହିବା ପରେ ପରିବାର ଲୋକେ ତାଙ୍କୁ ଖାଲ ଭିତର ପାଣିରୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

## ବିଶ୍ୱନାଥପୁରରେ ଚତୁର୍ଦ୍ଧା ବିଗ୍ରହଙ୍କୁ ଭବ୍ୟ ସ୍ୱାଗତ,ନଗର ପରିକ୍ରମା ଓ ପ୍ରସାଦ ସେବନ

ଲାଞ୍ଜିଗଡ଼, (ମହାଭାରତ) : କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଠାରେ ଚତୁର୍ଦ୍ଧା ବିଗ୍ରହଙ୍କ ଆଗମନ ଅବସରରେ ଏକ ଭବ୍ୟ ସ୍ୱାଗତ ଉତ୍ସବ ଆୟୋଜିତ ହୋଇଥିଲା।ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶ୍ୱନାଥପୁର ଭୈରବ ପୁଝାରୀ ସଂଘ ସମେତ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଓ ଭକ୍ତମାନେ ସାମିଲ ହୋଇ ଚତୁର୍ଦ୍ଧା ବିଗ୍ରହଙ୍କୁ ଭକ୍ତିପୂର୍ଣ୍ଣ ସ୍ୱାଗତ ଜଣାଇଥିଲେ।ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତୀ ପରେ ଚତୁର୍ଦ୍ଧା ବିଗ୍ରହଙ୍କୁ ସୁସଜ୍ଜିତ ବିମାନରେ ବସାଇ ନଗର ପରିକ୍ରମା କରାଯାଇଥିଲା।ହରିବୋଲ ଓ ଜୟ ଜଗନ୍ନାଥ ଧ୍ୱନିରେ ସମଗ୍ର ବିଶ୍ୱନାଥପୁର ପରିବେଶ ଭକ୍ତିମୟ ଓ ଲୋକାରଣ୍ୟ ହୋଇ ଉଠିଥିଲା।ପରିକ୍ରମା ସମୟରେ ଭକ୍ତମାନେ ପୁଷ୍ପ ବର୍ଷଣ କରି ପ୍ରଭୁଙ୍କ ଦର୍ଶନ ଲାଭ କରିଥିଲେ।ଏହାପରେ ଆୟୋଜିତ ପ୍ରସାଦ ସେବନ କାର୍ଯ୍ୟକ୍ରମରେ



ଶତାଧିକ ଭକ୍ତ ଅଂଶଗ୍ରହଣ କରି ମହାପ୍ରସାଦ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ସ୍ଥାନୀୟ ଯୁବକ ଓ ଶ୍ରଦ୍ଧାଳୁମାନେ ସକ୍ରିୟ ସହଯୋଗ କରିଥିଲେ।ଏହି ଧାର୍ମିକ ଆୟୋଜନ ଅଞ୍ଚଳରେ ଭକ୍ତି ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା।ଉକ୍ତ ଚତୁର୍ଦ୍ଧା ବିଗ୍ରହଙ୍କୁ ଭବ୍ୟ ସ୍ୱାଗତ ଓ ନଗର ପରିକ୍ରମା କାର୍ଯ୍ୟକ୍ରମରେ ବିଶ୍ୱନାଥପୁର ଭୈରବ ପୁଜାରୀ ସଂଘର ସଭାପତି ଚତୁର ବାଗ,ସମ୍ପାଦକ ନଳିନ କାନ୍ତ ପ୍ରଧାନୀ,ଉପସଭାପତି ବସନ୍ତ ନାଏକ,କୋଷାଧକ୍ଷ ସନ୍ୟାସୀ ବାବା,ସହସମ୍ପାଦକ ସୁବାଷ ପାତ୍ର,ସଙ୍ଗଠନ ସଭାପତି ଈଶ୍ୱର ପ୍ରଧାନୀ,ସଦସ୍ୟ ସନ୍ତୋଷ ତାଣ୍ଡି, ଡମ୍ବରୁ ନାଏକ,ସୁଦର୍ଶନ ମାଳି,ରୁପା ରାଓତ,ଦୟା ଦଳେଇ, ଦୁତୀୟା କରୁଆଁ, ନାରାୟଣ ବେନୁଆଁ,ଦୂତିଆ ଦଣ୍ଡସେନା ସମେତ ସମସ୍ତ ପୁଝାରୀ,ପୂଝାରୀଣି ଓ ବିଶ୍ୱନାଥପୁରର ସମସ୍ତ ଗ୍ରାମବାସୀ ପ୍ରମୁଖ ସାମିଲ ହୋଇଥିଲେ।

## ମଦ ଦୋକାନକୁ ମହିଳାଙ୍କ ତୀବ୍ର ବିରୋଧ

ଏମ୍‌ଭି-୭୯, (ମହାଭାରତ) : ଏମ୍‌ଭି-୭୯ ଇରିଗେସନ୍ କଲୋନୀରେ ନୂତନ ମଦ ଦୋକାନ ଖୋଲିବାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି। ସୋମବାର ବହୁ ସଂଖ୍ୟକ ମହିଳା ଏକତ୍ରିତ ହୋଇ ଉକ୍ତ ସ୍ଥାନରେ ମଦ ଦୋକାନ ଖୋଲାଯିବାକୁ ବିରୋଧ କରି ପ୍ରତିବାଦ ପ୍ରଦର୍ଶନ କରିଥିଲେ। ସୂଚନା ଅନୁଯାୟୀ, ଜିଲ୍ଲାରେ ନୂତନ ମଦ ଦୋକାନ ପାଇଁ ଟେଣ୍ଡର ପ୍ରକ୍ରିୟା ସମ୍ପନ୍ନ ହେବା ପରେ ଏମ୍‌ଭି-୭୯ ଇରିଗେସନ୍ କଲୋନୀର ପୂର୍ବରୁ ଥିବା ସ୍ଥାନରେ ପୁନର୍ବାର ମଦ ଦୋକାନ ଖୋଲିବା ପାଇଁ ପ୍ରସ୍ତୁତି ଚାଲିଥିବା ଖବର ପ୍ରକାଶ ପାଇଥିଲା। ଏହାକୁ ବିରୋଧ କରି ସ୍ଥାନୀୟ ଲୋକମାନେ ପୂର୍ବରୁ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଏହାର ନକଲ ଉପଜିଲ୍ଲାପାଳ, ତହସିଲଦାର, ମୋଟୁ ଥାନା ଅଧିକାରୀ, ସ୍ଥାନୀୟ ସରପଞ୍ଚ ଓ ଅବକାରୀ ବିଭାଗକୁ ମଧ୍ୟ ପ୍ରଦାନ କରାଯାଇଛି। ଆଜିର ପ୍ରତିବାଦରେ



ମହିଳାମାନେ କହିଥିଲେ ଯେ, କଲୋନୀ ଏକ ଆବାସିକ ଅଞ୍ଚଳ ହୋଇଥିବାରୁ ଏଠାରେ ମଦ ଦୋକାନ ରହିଲେ ପରିବାର, ମହିଳା ଓ ଶିଶୁମାନଙ୍କ ଉପରେ କୁପ୍ରଭାବ ପଡ଼ିବ। ମଦ୍ୟପ ଅବସ୍ଥାରେ ଯାନବାହନ ଚଳାଚଳ, ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ଓ ରାସ୍ତାଘାଟରେ କାଚ ବୋତଲ ପକାଇବା ଭଳି ସମସ୍ୟା ସୃଷ୍ଟି ହେବାର ଆଶଙ୍କା ପ୍ରକାଶ କରି ସେମାନେ ଉକ୍ତ ସ୍ଥାନରେ ମଦ ଦୋକାନ ଖୋଲା ନଯିବାକୁ ଦୃଢ଼ ଦାବି କରିଥିଲେ। ପ୍ରତିବାଦକାରୀମାନେ ମଦ ଦୋକାନକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପରିବର୍ତ୍ତେ ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହାକୁ ଆବାସିକ କଲୋନୀ ବାହାରେ ଅନ୍ୟ ଉପଯୁକ୍ତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତି। ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବା ବେଳେ ପ୍ରଶାସନର ପରବର୍ତ୍ତୀ ପଦକ୍ଷେପକୁ ସ୍ଥାନୀୟ ଲୋକେ ଅପେକ୍ଷା କରିଛନ୍ତି।

# ପ୍ରଚାରରେ ବିକାଶର 'ମହାସମାବେଶ' ବାସ୍ତବତାରେ ମୌଳିକ ସେବାରୁ ବଞ୍ଚିତ ଗ୍ରାମୀଣ ଜନତା ! ସରକାରଙ୍କ ଦୁଇ ବର୍ଷର ସଫଳତା ଉତ୍ସବ

ବାରଙ୍ଗ, (ମହାଭାରତ) : ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ସାରା ଓଡ଼ିଶାରେ 'ବିକାଶର ଧାରା, ସମୃଦ୍ଧ ଓଡ଼ିଶାର ଗାଥା' କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଚାରର ବନ୍ୟା ଛୁଟିଛି। ନିକଟରେ ଚ ନଗରୀ ଗ୍ରାମ ପଞ୍ଚାୟତରେ ଆୟୋଜିତ 'ବିକାଶ ଓ ଜନସେବାର ମହାସମାବେଶ' ଏହାର ଏକ ବଡ଼ ଉଦାହରଣ। ସରକାରୀ ଅଧିକାରୀ ଓ ନେତାମାନେ ଏହି ଶିବିରଗୁଡ଼ିକରେ ବାର୍ଦ୍ଧକ୍ୟ ଭତ୍ତା, ରାସନ କାର୍ଡ ବଣ୍ଟନ ଏବଂ ସୁଭଦ୍ରା ଯୋଜନା ଭଳି କଲ୍ୟାଣମୂଳକ କାର୍ଯ୍ୟକ୍ରମକୁ ରାଜ୍ୟର 'ଐତିହାସିକ ବିକାଶ' ବୋଲି ଦେଖାଇବାକୁ ଚେଷ୍ଟା କରୁଛନ୍ତି। ମାତ୍ର ପ୍ରଶ୍ନ ଉଠୁଛି, କେବଳ ମାଗଣା ଚାଉଳ, ଭତ୍ତା ଏବଂ ଗୋଟିଏ ଦିନର ସ୍ୱାସ୍ଥ୍ୟ ଶିବିରକୁ କଣ ପ୍ରକୃତ ଗ୍ରାମୀଣ ବିକାଶ କୁହାଯିବ ? ବାସ୍ତବତା ଦେଖିଲେ, ଗ୍ରାମାଞ୍ଚଳର ମୌଳିକ ସମସ୍ୟା ଆଜି ବି ଅପରିବର୍ତ୍ତିତ ରହିଛି। ଉତ୍କଟ ପାନୀୟ ଜଳ ସମସ୍ୟା, ପାଇପ୍ ଅଛି କିନ୍ତୁ ପାଣି ନାହିଁ , ସରକାର ପ୍ରତି ଘରକୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାର ଡିଣ୍ଡିମ ପିଟୁଥିବା ବେଳେ, ଗ୍ରାମାଞ୍ଚଳରେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ । ନିଆଳୀ ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ବାରଙ୍ଗ ଓ କଣ୍ଟାପଡ଼ା ବ୍ଲକର ଅନେକ ଗାଁରେ ବିଶୁଦ୍ଧ ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରି ନାହିଁ। ବ୍ୟବସ୍ଥାର ବିକଳ ଚିତ୍ର ବହୁ ସ୍ଥାନରେ ପ୍ରକଳ୍ପ ଅଧାପନ୍ତରିଆ ହୋଇ ପଡ଼ିରହିଛି ତ କେଉଁଠି ପାଇପ୍ ଅଛି କିନ୍ତୁ ପାଣି ଆସୁନାହିଁ, ଆଉ କେଉଁଠି ଆଦୌ ପାଇପ୍ ପଡ଼ି ନାହିଁ। ଏହା ଫଳରେ ଗ୍ରାମାଞ୍ଚଳର ସାଧାରଣ ଲୋକେ ଶୁଦ୍ଧ ପାଣି ପାଇବାରୁ ବଞ୍ଚିତ ହୋଇ ଦୂଷିତ ଜଳ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି, ଯାହା ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ବଡ଼ ବିପଦ ସୃଷ୍ଟି କରୁଛି। ସ୍ୱାସ୍ଥ୍ୟ ସେବାରେ ଫାଙ୍କା ଆଶ୍ୱାସନା ସ୍ଥାୟୀ ଡାକ୍ତର କାହାନ୍ତି ? କିଛି ପଞ୍ଚାୟତର ସମାବେଶରେ ଏକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଦିନିଆ ସ୍ୱାସ୍ଥ୍ୟ ଶିବିର କରି ସରକାର ବାହାବା ନେଉଥିବାର ଦେଖିବାକୁ ମିଳିଛି କିନ୍ତୁ ବାସ୍ତବ ସ୍ଥିତି ଅତି ସଂଗୀନ। ଡାକ୍ତର ଓ କର୍ମଚାରୀ ଅଭାବ ଅଛି ବାରଙ୍ଗ ଓ କଣ୍ଟାପଡ଼ା ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସି ଏଚ ସି ) ଏବଂ ଗ୍ରାମୀଣ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ (ପି ଏଚ ସି) ସ୍ଥାୟୀ ଡାକ୍ତର, ନର୍ସ ଓ ଆବଶ୍ୟକ କର୍ମଚାରୀ ନାହାନ୍ତି । ଜରୁରୀକାଳୀନ ସମୟରେ ସ୍ଥାନୀୟ ଅଞ୍ଚଳରେ ଚିକିତ୍ସା ନ ମିଳିବାରୁ ରୋଗୀଙ୍କୁ କଟକ କିମ୍ବା ରାଜଧାନୀ ଭୁବନେଶ୍ୱର ଦୌଡ଼ିବାକୁ ପଡୁଛି। ବର୍ଷକୁ ଥରେ କିମ୍ବା ଦୁଇଥର ଶିବିର କରି ମାଗଣା ଔଷଧ ବାଣ୍ଟିବା ସ୍ୱାସ୍ଥ୍ୟ ସେବାର ବିକାଶ ନୁହେଁ, ବରଂ ପ୍ରତି ଗାଁରେ ୨୪ ଘଣ୍ଟା ଚିକିତ୍ସା ସୁବିଧା ପହଞ୍ଚାଇବା ହିଁ ପ୍ରକୃତ ସଫଳତା । ଶିକ୍ଷାରେ ରଙ୍ଗର ଚମକ, ଭିତରେ ଶିକ୍ଷକ ଶୂନ୍ୟ ।ଶିକ୍ଷା କ୍ଷେତ୍ରରେ ବଡ଼ ବଡ଼ ସଂସ୍କାରର ପ୍ରଚାର ଚାଲିଥିବା ବେଳେ ଗ୍ରାମାଞ୍ଚଳର ସରକାରୀ ବିଦ୍ୟାଳୟଗୁଡ଼ିକର ସ୍ଥିତି ଶୋଚନୀୟ।କେବଳ ସ୍କୁଲ ଘରକୁ ରଙ୍ଗ କରିଦେଲେ ବିକାଶ ହୁଏନାହିଁ । ବହୁ ବିଦ୍ୟାଳୟରେ ଆବଶ୍ୟକ ମୁତାବକ ସ୍ଥାୟୀ ଶିକ୍ଷକ ନାହାନ୍ତି, ଯାହାଦ୍ୱାରା ପିଲାମାନଙ୍କ ପାଠପଢ଼ା ଗମ୍ଭୀର ଭାବେ ବାଧାପ୍ରାପ୍ତ ହେଉଛି। ଅଧିକାଂଶ ସ୍କୁଲରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ନ ଥିବାରୁ ବିଦ୍ୟାଳୟର ସଫାସୁତୁରା ଓ କାର୍ଯ୍ୟାଳୟର ଅନ୍ୟାନ୍ୟ ଦୈନନ୍ଦିନ କାମ ବାଧାପ୍ରାପ୍ତ ହେଉଛି। ଡିଜିଟାଲ୍ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି ବହୁ ଛାତ୍ର ଛାତ୍ରୀ ଆଜିର ଯୁଗରେ ଗୁଣାତ୍ମକ ଶିକ୍ଷା ପାଇଁ କମ୍ପ୍ୟୁଟର ଶିକ୍ଷା, ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଏବଂ ଭଲ ମୋବାଇଲ୍ ନେଟୱାର୍କ ବା ଇଣ୍ଟରନେଟ୍ ପହଞ୍ଚିବା ଆବଶ୍ୟକ, ଯାହାଦ୍ୱାରା ଗାଁ ପିଲାମାନେ ଅନଲାଇନ୍‌ରେ ପଢ଼ିପାରିବେ। ମାତ୍ର ଏହା ଏବେ ବି ସାତସପନ। ସାମାଜିକ ସୁରକ୍ଷା ଜରୁରୀ, କିନ୍ତୁ ଏହା ସ୍ଥାୟୀ ସମାଧାନ ନୁହେଁ । ସମାବେଶ ଗୁଡ଼ିକରେ ସୁଭଦ୍ରା ଯୋଜନା, ଅନ୍ନପୂର୍ଣ୍ଣା ଯୋଜନା ଏବଂ ଭତ୍ତା ବଣ୍ଟନକୁ ସରକାରଙ୍କ ସବୁଠାରୁ ବଡ଼ ସଫଳତା ଭାବେ ଗଣାଯାଉଛି। ତାହା ମଧ୍ୟ ଠିକ୍ ସେ ପ୍ରକୃତ ହିତାଧିକାରୀ ଙ୍କ ପାଖରେ ପହଞ୍ଚିବା ସାତସପନ। କିନ୍ତୁ ଅର୍ଥନୀତିଜ୍ଞ ଓ ସମୀକ୍ଷକଙ୍କ ମତରେ, ଏଗୁଡ଼ିକ କେବଳ ଲୋକଙ୍କୁ ଆଶୁ ସହାୟତା ଦେବା ପାଇଁ କଲ୍ୟାଣମୂଳକ ଯୋଜନା ମାତ୍ର। ଏହା ଦ୍ୱାରା ଗ୍ରାମାଞ୍ଚଳର ଆର୍ଥିକ ଭିତ୍ତିଭୂମି ମଜଭୁତ ହୁଏନାହିଁ। ପ୍ରକୃତ ବିକାଶ ତେବେ ହେବ, ଯେତେବେଳେ ସରକାର ଗାଁର ମୌଳିକ ସମସ୍ୟା ଯେପରିକି ସ୍ୱାସ୍ଥ୍ୟ, ଶିକ୍ଷା ଓ ଶୁଦ୍ଧ ପାନୀୟ ଜଳର ସ୍ଥାୟୀ ସମାଧାନ କରିପାରିବେ। ଜନସାଧାରଣଙ୍କ ପ୍ରଶ୍ନ କେବେ ମିଳିବ ମୌଳିକ ସମସ୍ୟାର ସମାଧାନ ? ଗ୍ରାମାଞ୍ଚଳରେ ଆଜି ବି ଚାଷ ଜମିକୁ ବ୍ୟାପକ ଜଳସେଚନର ଅଭାବ ରହିଛି ।ଶୀତଳ ଭଣ୍ଡାରର ଅଭାବ ନିଆଳୀ ନିର୍ବାଚନ ମଣ୍ଡଳୀ ବାରଙ୍ଗ କଣ୍ଟାପଡ଼ା ବ୍ଲକରେ ସରକାରଙ୍କ ବିକାଶର ଆଉ ଏକ ବିଫଳତା ବୋଲି ପ୍ରକାଶ କରୁଛି ।ସରକାର କୃଷି ଓ କୃଷକର ବିକାଶ ପାଇଁ ଅନେକ ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବରେ ଚାଷୀ ଆଜି ବି ଅବହେଳିତ। ବାରଙ୍ଗ, କଣ୍ଟାପଡ଼ା ଓ ନିଆଳି ଅଞ୍ଚଳରେ ପ୍ରଚୁର ପରିମାଣରେ ପନିପରିବା ଚାଷ ହେଉଥିଲେ ମଧ୍ୟ ଏଠାରେ ଚାଷୀଙ୍କ ପାଇଁ କୌଣସି ସରକାରୀ ଶୀତଳ ଭଣ୍ଡାରର ବ୍ୟବସ୍ଥା ନାହିଁ। ଶୀତଳ ଭଣ୍ଡାର ନ ଥିବାରୁ ଚାଷୀ ନିଜ କଷ୍ଟାର୍ଜିତ ପନିପରିବାକୁ ଅତି କମ୍ ଦାମରେ ଦଲାଲ୍‌ମାନଙ୍କୁ ଟେକିଦେବାକୁ ବାଧ୍ୟ ହେଉଛି। ଲକ୍ଷ ଲକ୍ଷ ଟଙ୍କାର ସରକାରୀ ପ୍ରଚାର ଭିତରେ ଚାଷୀର ଏହି ମୌଳିକ ସମସ୍ୟା ପ୍ରତି କାହାରି ନଜର ନାହିଁ, ଯାହାଫଳରେ ଚାଷୀ ଦିନକୁ ଦିନ ଋଣଗ୍ରସ୍ତ ହୋଇପଡୁଛି। ପ୍ରକୃତ ବିକାଶ ତେବେ ହେବ, ଯେତେବେଳେ ପ୍ରତି ବ୍ଲକରେ ଚାଷୀଙ୍କ ପାଇଁ ସୁବିଧାଜନକ ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଯିବ। ଅନ୍ୟପଟେ ସ୍ଥାନୀୟ ସ୍ତରରେ ନିଯୁକ୍ତି ନଥିବାରୁ ଗ୍ରାମୀଣ ଯୁବକମାନେ ଦିଗହରା ଓ ବିପଥଗାମୀ ହେଉଛନ୍ତି। ସରକାର ନିଜର ଦୁଇ ବର୍ଷର ପୂର୍ତ୍ତିକୁ ନେଇ କୋଟି କୋଟି ଟଙ୍କାର ଉତ୍ସବ ପାଳନ କରୁଥିବା ବେଳେ, ଗ୍ରାମାଞ୍ଚଳର ଏହି ସବୁ ମୌଳିକ ଅଭାବ (ପାଣି, ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର, ସ୍କୁଲରେ ଶିକ୍ଷକ ଓ କର୍ମଚାରୀ) ଉପରେ କେବେ ସ୍ଥାୟୀ କାର୍ଯ୍ୟାନୁଷ୍ଠାନ ହେବ, ତାହା ଦେଖିବାକୁ ବାକି ରହିଲା। କେବଳ ଉତ୍ସବର ବାହ୍ୟ ପ୍ରଚାର ଭିତରେ ବାସ୍ତବ ବିକାଶ ଯେପରି ହଜି ନଯାଉ, ଏହା ହିଁ ଆଜିର ଦିନରେ ସାଧାରଣ ଜନସାଧାରଣଙ୍କ ପ୍ରମୁଖ ଦାବି।

# ନିଅଣ୍ଟିଆ ବର୍ଷାରେ ଚିନ୍ତାରେ ଚାଷୀ
## ଜୁନ ଶେଷ ସୁଦ୍ଧା ହେକ୍ଟର ହେକ୍ଟର ଜମି ପଡ଼ିଆ

କରଞ୍ଜିଆ, (ମହାଭାରତ) : ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକରେ ଏବର୍ଷ ମୌସୁମୀ ବର୍ଷାର ଅନିୟମିତତା ଚାଷୀମାନଙ୍କ ଚିନ୍ତାକୁ ବଢ଼ାଇ ଦେଇଛି। ସାଧାରଣତଃ ରଜ ପର୍ବ ସମୟରେ ମୌସୁମୀ ବର୍ଷା ସକ୍ରିୟ ହୋଇ ଲଘୁଚାପ ଜନିତ ବର୍ଷା ହୁଏ ଓ ଏହି ସମୟରୁ ଆଷାଢ଼ ଆରମ୍ଭ ସହିତ ଚାଷୀମାନେ ଧାନ ତଳି ପକାଇବା ଓ ଜମି ପ୍ରସ୍ତୁତି କାମ ଆରମ୍ଭ କରିଥାନ୍ତି। କିନ୍ତୁ ଚଳିତ ବର୍ଷ ବର୍ଷାର ଅଭାବ ଯୋଗୁଁ ସେହି ପ୍ରକ୍ରିୟା ବହୁତ ପ୍ରଭାବିତ ହୋଇଛି। ଚାଷୀମାନଙ୍କ କହିବା ଅନୁସାରେ, ରଜ ପର୍ବ ବେଳକୁ ବୁଣା ହୋଇଥିବା ଧାନ ସାଧାରଣତଃ ବର୍ଷା ପାଣି ପାଇ ଗଜା ଉଠିଥାଏ। ମାତ୍ର ଏବର୍ଷ ବର୍ଷାର ଅଭାବରୁ ବହୁତ କମ୍ ଜାଗାରେ ଧାନ ତଳି ପଡ଼ିଛି। ଏହାର ପ୍ରଭାବରେ ବ୍ଲକର ବିସ୍ତୀର୍ଣ୍ଣ ଚାଷ ଜମି ଏବେ ପଡ଼ିଆ ପଡ଼ିରହିଛି। ଜୁନ ମାସ ଶେଷ ହେବାକୁ ଆସିଲେ ମଧ୍ୟ ଚାଷ କାର୍ଯ୍ୟ ଆଗକୁ ବଢ଼ି ପାରୁନଥିବାରୁ ଚାଷୀମାନେ ଆରମ୍ଭରୁ ହିଁ ଚିନ୍ତାରେ



ପଡ଼ିଛନ୍ତି। ଠାକୁରମୁଣ୍ଡା ବ୍ଲକର ଅଧିକାଂଶ ଚାଷ ଜମି ସମ୍ପୂର୍ଣ୍ଣ ଭାବେ ବର୍ଷା ଜଳ ଉପରେ ନିର୍ଭରଶୀଳ। ବ୍ଲକରେ ପର୍ଯ୍ୟାପ୍ତ ଜଳସେଚନ ସୁବିଧା ନଥିବାରୁ ବର୍ଷା ନହେଲେ ଚାଷ କାମ ପ୍ରାୟ ଠପ୍ ହୋଇଯାଏ। କୃଷି ବିଭାଗର ସୂଚନା ଅନୁଯାୟୀ, ଜୁନ ମାସ ଅଧା ବେଳକୁ ପ୍ରାୟ ୪୦୦ ମିଲିମିଟର ବର୍ଷା ଆବଶ୍ୟକ ଥିଲେ ମଧ୍ୟ ଏବର୍ଷ ତାର ୧୦ ପ୍ରତିଶତ ମଧ୍ୟ ବର୍ଷା ହୋଇନାହିଁ। ଏହା ଚାଷୀମାନଙ୍କ ପାଇଁ ବଡ଼ ଚିନ୍ତାର କାରଣ ହୋଇଛି। ପ୍ରତିବର୍ଷ ଠାକୁରମୁଣ୍ଡା ବ୍ଲକରେ ୧୪ ହଜାର ହେକ୍ଟରରୁ ଅଧିକ ଜମିରେ ଖରିଫ ଚାଷ କରାଯାଏ। ବ୍ଲକର ପ୍ରାୟ ୯୦ ପ୍ରତିଶତ ଲୋକ ଧାନ ଚାଷ ଉପରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି। ଧାନ ସହ ମକା, ଡାଲି ଜାତୀୟ ଫସଲ ଓ ବିଭିନ୍ନ ପନିପରିବା ଚାଷ ମଧ୍ୟ ହୋଇଥାଏ। କିନ୍ତୁ ଏବର୍ଷ ବର୍ଷା ନଥିବାରୁ ସବୁ ପ୍ରକାର ଚାଷ କାର୍ଯ୍ୟ ପ୍ରଭାବିତ ହୋଇଛି। ବର୍ଷା ବିଳମ୍ବ ହେବାରୁ ଅନେକ ଚାଷୀ ବାଧ୍ୟ ହୋଇ ଗୋଡ଼ି ପୋଖରୀରୁ ପାଣି ଆଣି ଧାନ ତଳି ପକାଉଥିବା ଦେଖିବାକୁ ମିଳୁଛି। ତଥାପି ନିୟମିତ ବର୍ଷା ନ ହେବାରୁ ପୋଖରୀ, ନାଳ ଓ ଛୋଟ ଜଳସ୍ରୋତଗୁଡ଼ିକ ମଧ୍ୟ ଶୁଖିବାକୁ ବସିଲାଣି। ଯଦି ଆଗାମୀ କିଛି ଦିନ ମଧ୍ୟରେ ପର୍ଯ୍ୟାପ୍ତ ବର୍ଷା ନ ହୁଏ, ତେବେ ଏବର୍ଷର ଖରିଫ ଚାଷ ଗୁରୁତର ଭାବେ ପ୍ରଭାବିତ ହେବା ସହ ଚାଷୀମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହେବେ ବୋଲି ଆଶଙ୍କା କରାଯାଉଛି। ଚାଷୀମାନେ ସରକାରଙ୍କୁ ଶୀଘ୍ର ଜଳସେଚନ ବ୍ୟବସ୍ଥା ସୁଦୃଢ଼ କରିବା ସହିତ ବିକଳ୍ପ ଚାଷ ପାଇଁ ସହଯୋଗ ଯୋଗାଇବାକୁ ଦାବି କରିଛନ୍ତି। ବର୍ଷା ଉପରେ ନିର୍ଭର କୃଷି ଅଞ୍ଚଳଗୁଡ଼ିକରେ ଏପରି ସମସ୍ୟା ପ୍ରତିବର୍ଷ ଦେଖାଦେଉଥିବାରୁ ସ୍ଥାୟୀ ଜଳସେଚନ ପ୍ରକଳ୍ପ ଆବଶ୍ୟକ ବୋଲି ସ୍ଥାନୀୟ ଲୋକମାନେ ମତ ପ୍ରକାଶ କରିଛନ୍ତି।

# ଘର ପୋଡି ବିପନ୍ନଙ୍କୁ ବ୍ୟାସ ଫାଉଣ୍ଡେସନର ସହାୟତା




ପାରାଦୀପ/କୁଜଙ୍ଗ, (ମହାଭାରତ) : ଗତ ଜୁନ ୨୩ ତାରିଖ ମଙ୍ଗଳବାର ବିଳମ୍ବିତ ରାତି ରେ କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ବନିକୁନ୍ଦ ଗ୍ରାମ ର ଶଙ୍କର୍ଷଣ ମଲ୍ଲିକ ଙ୍କ ଘରେ ଆକସ୍ମିକ ଅଗ୍ନି କାଣ୍ଡ ଘଟି ଘରର ସମସ୍ତ ଆସବାପତ୍ର, ଧାନ,ଚାଉଳ,ସାଇକେଲ,ଗାଡ଼ି ଇତ୍ୟାଦି ସବୁକିଛି ପୋଡି ଜଳି ନଷ୍ଟ ହୋଇଯାଇଛି।ପାଖରେ ପିନ୍ଧିବାକୁ ବସ୍ତ୍ର ଖଣ୍ଡିଏ ନାହିଁ କିମ୍ବା ଖାଇବାକୁ ଦାନା ଗଣ୍ଡେ ନାହିଁ। ତେବେ ଭଗବାନ ଙ୍କ ଆଶ୍ରିବାଦ ରୁ ନିଶାର୍ଦ୍ଧ ରେ ଶୋଇଥିବା ବାପା,ମାଆ,ପୁଅ ଓ ଝିଅ ଚାରିପଟେ ହୁତୁହୁତୁ ହୋଇ ଜଳୁଥିବା କରାଳ ନିଆଁ ରୁ ନିଜକୁ ସୁରକ୍ଷିତ ରଖି ପାରିଛନ୍ତି। ନିଆଁ ର କରାଳ ରୂପ ଏମିତି ଥିଲା ଯେ ଘର ପାଖରେ ଥିବା ନଡ଼ିଆ ,ଆମ୍ବ ଗଛ ଇତ୍ୟାଦି ଜଳି ଯାଇଛି। ଏକ ଦିନମଜୁରିଆ ଶ୍ରେଣୀ ର ,ପାରାଦ୍ୱୀପ ରେ ପାଇପ୍ କାମ କରି ମାସକୁ ୫-୬ ହଜାର ରୋଜଗାର କରିଥାନ୍ତି ଶଙ୍କର୍ଷଣ। ମୁଣ୍ଡ ଗୁଞ୍ଜିବାକୁ ବାପା ଙ୍କ ଅମଳ ରେ ଥିବା ବାଖରାଏ କୋଠା ଘର ଅଗ୍ନିକାଣ୍ଡ ପ୍ରଭାବରେ ବାହାର କାନ୍ଥ ପ୍ଲାଷ୍ଟର ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ମାନସିକ ଭାବେ ସମ୍ପୂର୍ଣ୍ଣ ଭାଙ୍ଗିପଡିଛନ୍ତି ଶଙ୍କର୍ଷଣ। ଏପରି ସ୍ଥିତି ରେ ସେବା ଓ ଆଧ୍ୟାତ୍ମିକ ପ୍ରଚାର ପ୍ରସାର ଧର୍ମୀ ବ୍ୟାସ ଫାଉଣ୍ଡେସନ ର ଅଧକ୍ଷା ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ, କୋଷାଧକ୍ଷ ଶରତ କୁମାର ଦାଶ ,ଗଜଲକ୍ଷ୍ମୀ କ୍ଲଥ ଷ୍ଟୋର,ବ୍ୟାସ ବିଷ୍ଣୁ ସ୍ନେହାଳୟ ର ସଭାପତି ପଣ୍ଡିତ ସିଦ୍ଧେଶ୍ୱର ପଣ୍ଡା ପ୍ରମୁଖ ଶଙ୍କର୍ଷଣ ଙ୍କ ପରିବାର କୁ ଭେଟି ତାଙ୍କୁ ଶାନ୍ତନା ଦେବା ସହ କିଛି ଲୁଗା ପଟା, ରାସନ୍ ସାମଗ୍ରୀ ଓ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।ଶଙ୍କର୍ଷଣ ଙ୍କ ଏପରି ଦୁର୍ଦ୍ଦିନ ରେ ସହାୟତା ପାଇଁ ସ୍ୱେଚ୍ଛାସେବୀ ସଂଗଠନ ଓ ବଦାନ୍ୟ ବ୍ୟକ୍ତି ବିଶେଷ ଙ୍କୁ ଶ୍ରୀମତୀ ଆଚାର୍ଯ୍ୟ ନିବେଦନ କରିଛନ୍ତି

# ପାଞ୍ଚ ବର୍ଷ ଧରି ଅଧାପନ୍ତରିଆ ରାସ୍ତା

ଲକ୍ଷ୍ମୀପୁର,(ମହାଭାରତ) : ସରକାର ଗ୍ରାମାଞ୍ଚଳର ବିକାଶ ଓ ଲୋକଙ୍କ ସୁବିଧା ପାଇଁ କୋଟି କୋଟି ଟଙ୍କାର ଯୋଜନା ଘୋଷଣା କରୁଛନ୍ତି। କିନ୍ତୁ ଯୋଜନାର ସଫଳତା ନିର୍ଭର କରେ ଏହାର ସଠିକ୍ କାର୍ଯ୍ୟାନ୍ୱୟନ ଉପରେ। ଯେତେବେଳେ



ଦାୟିତ୍ୱରେ ଥିବା ଅଧିକାରୀମାନେ ନୀରବ ରୁହନ୍ତି ଓ କାର୍ଯ୍ୟ ପ୍ରତି ଆଗ୍ରହ ଦେଖାନ୍ତି ନାହିଁ, ସେତେବେଳେ ବିକାଶର ସ୍ୱପ୍ନ କେବଳ କାଗଜପତ୍ରରେ ସୀମିତ ହୋଇ ରହିଯାଏ। କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର କୁସୁମଗୁଡ଼ା ପଞ୍ଚାୟତ ଅନ୍ତର୍ଗତ କେଲ୍ଲାର ଅଞ୍ଚଳରେ ଏହାର ଏକ ନଗ୍ନ ଚିତ୍ର ସାମ୍ନାକୁ ଆସିଛି। ମୌଲକନାରୁ କେଲ୍ଲାର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ପ୍ରାୟ ପାଞ୍ଚ ବର୍ଷ ତଳେ ଆର୍‌ଡି ବିଭାଗ ପକ୍ଷରୁ କାମ ଆରମ୍ଭ ହୋଇଥିଲା। ଏହି ରାସ୍ତା ଉପରେ ପାଞ୍ଚ ଖଣ୍ଡ ଗ୍ରାମର ଲୋକଙ୍କ ଯାତାୟାତ ନିର୍ଭର କରୁଥିବା ବେଳେ, ଆଜି ପର୍ଯ୍ୟନ୍ତ କାମ ଶେଷ ହୋଇନାହିଁ। ଏପର୍ଯ୍ୟନ୍ତ ଦୁଇ ଜଣ ଠିକାଦାର ବଦଳି ଯାଇଥିଲେ ମଧ୍ୟ ରାସ୍ତାର ଭାଗ୍ୟ ବଦଳିନାହିଁ।ଅଧା ହୋଇ ରହିଥିବା ରାସ୍ତା ଏବେ ଗ୍ରାମବାସୀଙ୍କ ପାଇଁ ଅଭିଶାପ ପାଲଟିଛି। ଗର୍ଭବତୀ ମହିଳାଙ୍କୁ ହସ୍ପିଟାଲ ନେବା ହେଉ କି ରୋଗୀଙ୍କ ପାଇଁ ଆମ୍ବୁଲାନ୍ସ ସେବା, ସବୁ କ୍ଷେତ୍ରରେ ଲୋକେ ଦୁର୍ଭୋଗ ଭୋଗୁଛନ୍ତି। ଛାତ୍ରଛାତ୍ରୀଙ୍କ ଶିକ୍ଷା, ଚାଷୀଙ୍କ ଉତ୍ପାଦ ବଜାରକୁ ନେବା ଓ ଦୈନନ୍ଦିନ ଯାତାୟାତ ମଧ୍ୟ ଗୁରୁତର ଭାବେ ପ୍ରଭାବିତ ହେଉଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ, ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳକୁ ଆସୁନାହାନ୍ତି କିମ୍ବା କାମ ଶେଷ କରିବା ପାଇଁ କୌଣସି ଠୋସ୍ ପଦକ୍ଷେପ ନେଉନାହାନ୍ତି। ଫଳରେ ସରକାରୀ ଅର୍ଥ ବ୍ୟୟ ହେଉଥିବା ସତ୍ତ୍ୱେ ଲୋକେ ତାହାର ସୁଫଳରୁ ବଞ୍ଚିତ ହେଉଛନ୍ତି।ଆଜି ସାଧାରଣ ଜନତାଙ୍କ ମନରେ ଗୋଟିଏ ପ୍ରଶ୍ନ-ଯଦି ଏକ ଛୋଟ ରାସ୍ତା କାମ ତିନି ବର୍ଷରେ ଶେଷ ହୋଇପାରୁନାହିଁ, ତେବେ ଗ୍ରାମାଞ୍ଚଳର ବିକାଶ ନେଇ ସରକାରୀ ଦାବି କେତେ ଦୂର ସତ୍ୟ ପାଞ୍ଚ ଖଣ୍ଡ ଗ୍ରାମର ହଜାର ହଜାର ଲୋକ ଏବେ ଉଚ୍ଚସ୍ତରୀୟ ତଦନ୍ତ ସହ ତୁରନ୍ତ ରାସ୍ତା କାମ ସମ୍ପୂର୍ଣ୍ଣ କରିବାକୁ ଦାବି କରୁଛନ୍ତି। ନଚେତ ଆଗାମୀ ଦିନରେ ଏହି ଅସନ୍ତୋଷ ବଡ଼ ଆନ୍ଦୋଳନର ରୂପ ନେଇପାରେ ବୋଲି ସ୍ଥାନୀୟ ମହଲରେ ଚର୍ଚ୍ଚା ହେଉଛି।

# ସୀମାନ୍ତ ଅଞ୍ଚଳରେ ଓଡ଼ିଶୀର ପ୍ରସାର
## ପାରଳାଖେମୁଣ୍ଡିରେ ତିନିଦିନିଆ ଜାତୀୟ କର୍ମଶାଳା

ପାରଳାଖେମୁଣ୍ଡି, (ମହାଭାରତ) : ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସ୍ଥିତ ଶ୍ରୀ ଜଗନ୍ନାଥ ଓଡ଼ିଶୀ କଳା କେନ୍ଦ୍ରରେ ତିନିଦିନିଆ ଜାତୀୟ ଓଡ଼ିଶୀ ନୃତ୍ୟ କର୍ମଶାଳା-୨୦୨୬ ସଫଳତାର ସହ ଆୟୋଜିତ ହୋଇଯାଇଅଛି। ଭୁବନେଶ୍ୱର ସ୍ଥିତ ତ୍ରିଧାରା ନୃତ୍ୟ ଅନୁଷ୍ଠାନ ଏବଂ କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟର ସହଯୋଗରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ଓଡ଼ିଶୀ ନୃତ୍ୟ ଏବଂ ସାଂସ୍କୃତିକ ଶିକ୍ଷାର ପ୍ରସାର ମାଧ୍ୟମରେ ସୀମାନ୍ତ ଓ ଗ୍ରାମୀଣ ସମ୍ପ୍ରଦାୟକୁ ସଶକ୍ତ କରିବା ଏହି କର୍ମଶାଳାର ମୂଳ ଉଦ୍ଦେଶ୍ୟ ବୋଲି ତ୍ରିଧାରାର ନୃତ୍ୟ ନିର୍ଦ୍ଦେଶକ ଗୁରୁ ଡକ୍ଟର ଗଜେନ୍ଦ୍ର କୁମାର ପଣ୍ଡା ସୂଚନା ଦେଇଥିଲେ। ଏହି କର୍ମଶାଳାରେ ଗୁରୁ ଡି. ପ୍ରିୟଙ୍କା ସହଯୋଗ କରିବା ସହ ସମଗ୍ର କାର୍ଯ୍ୟକ୍ରମର ସୁଚାରୁ ପରିଚାଳନା କରିଥିଲେ। ତିନିଦିନ ଧରି ଆୟୋଜିତ ଏହି ଶିବିରରେ ବହୁ ସଂଖ୍ୟକ ନୃତ୍ୟଶିଳ୍ପୀ ଯୋଗଦେଇ ଓଡ଼ିଶୀ ନୃତ୍ୟର ତାଳ, ଲୟ, ଭଙ୍ଗୀ, ମୁଦ୍ରା ଓ ଅଭିନୟ ସମ୍ପର୍କରେ ସମ୍ୟକ ଜ୍ଞାନ ଅର୍ଜନ କରିଥିଲେ। କର୍ମଶାଳା ଶେଷରେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।




ଏହି କର୍ମଶାଳା ସ୍ଥାନୀୟ ଅଞ୍ଚଳରେ ଓଡ଼ିଶୀ ନୃତ୍ୟ ପ୍ରତି ଆଗ୍ରହ ସୃଷ୍ଟି କରିବା ସହ ନୂତନ ପିଢ଼ିଙ୍କ ମଧ୍ୟରେ ସାଂସ୍କୃତିକ ସଚେତନତା ବୃଦ୍ଧି କରିବାରେ ସହାୟକ ହୋଇଛି। ଏହା ସହିତ, ଗୁରୁ ଡକ୍ଟର ଗଜେନ୍ଦ୍ର କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଏବଂ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ଗଜପତିରେ ଓଡ଼ିଶୀ ନୃତ୍ୟ ଓ ସାଂସ୍କୃତିକ ଶିକ୍ଷା ଉପରେ ଏକ ବ୍ୟାଖ୍ୟାନ-ପ୍ରଦର୍ଶନୀ (ଖରମ-ଶ୍ବଙ୍କଙ୍ଗର ଉରଙ୍ଗକ୍ଷଭଗ୍ବଶ୍ବଙ୍ଗବଶ୍ବସକ୍ଷଭ) କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଷଷ୍ଠରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଗୁରୁ ଡି. ପ୍ରିୟଙ୍କା ଏହି କାର୍ଯ୍ୟକ୍ରମରେ ସହଯୋଗ କରିବା ସହ ଛାତ୍ରଛାତ୍ରୀଙ୍କୁ ଓଡ଼ିଶୀ ନୃତ୍ୟର ବିଭିନ୍ନ ଦିଗ ସମ୍ପର୍କରେ ଅବଗତ କରାଇଥିଲେ।

# ପାଣି ପାଇଁ ଧାରଣାରେ ୮୦ ଆଦିବାସୀ ପରିବାର

କପ୍ତିପଦା, (ମହାଭାରତ) : ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ରାଣୀପୋଖରୀ ପଞ୍ଚାୟତର ୫ ନମ୍ବର ୱାର୍ଡ ଗାର୍ଦିସାହି ବାସିନ୍ଦା ପାନୀୟ ଜଳ ସଂକଟ ସାମ୍ନା କରୁଛନ୍ତି। ଗ୍ରାମବାସୀ ଗ୍ରାମରୁ ୧ କିଲୋ ମିଟର ଦୂରତାରେ ଥିବା ନଳକୂପରୁ ପାଣି ଆଣୁଛନ୍ତି। ଗ୍ରାମର ପାନୀୟ ଜଳ ସମସ୍ୟା ସମାଧାନ କରାଯିବା ଦାବିରେ ଗ୍ରାମବାସୀ ଆଜି ରାଣୀପୋଖରୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଏବଂ ଗଣଧାରଣା ପ୍ରଦର୍ଶନ କରିବା ପୂର୍ବକ ରାଣୀପୋଖରୀ-ଶରତ-କପ୍ତିପଦା ମୁଖ୍ୟ ରାସ୍ତାକୁ ସକାଳ ପ୍ରାୟ ୬ ଘଟିକା ଠାରୁ ଦିନ ୧୧ ଘଟିକା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରିବା ଫଳରେ ଯାତାୟତ ଠପ୍ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ବ୍ଲକ କାର୍ଯ୍ୟାଳୟ କପ୍ତିପଦାରୁ ରାଣୀପୋଖରୀ ସର୍ଦୁସାହି ପର୍ଯ୍ୟନ୍ତ ଆସୁଥିବା ଦୈନିକ "ମୁଖ୍ୟମନ୍ତ୍ରୀ ବସ' ଅଟକି ରହିଥିଲା। ରାସ୍ତା ଅବରୋଧ ହେବା କାରଣରୁ ବାଟରେ ଯାଉଥିବା ଯାତ୍ରୀମାନେ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ଆନ୍ଦୋଳନ ଚାଲୁଥିବା ସମୟରେ ବିଳମ୍ବରେ ହେଲେ ରାଣୀପୋଖରୀ ପଞ୍ଚାୟତ ସରପଞ୍ଚ ଭଞ୍ଜ ସିଂ ବାର୍ଦା ଘଟଣା ସ୍ଥଳକୁ ଯାଇ ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଆନ୍ଦୋଳନ ତୀବ୍ରତର ହେବା ଦେଖିବାକୁ ମିଳିଥିଲା। ଏମିତିକି ଆନ୍ଦୋଳନକାରୀମାନେ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଫାଟକ ତାଲା ପକାଇ ଦେଇଥିଲେ ଫଳରେ ପଞ୍ଚାୟତ କାର୍ଯ୍ୟା ବାଧାପ୍ରାପ୍ତ ହୋଇଥିବା ଦେଖିବାକୁ ମିଳିଥିଲା। ଗାର୍ଦିସାହି ଗ୍ରାମର ଯୁବ ସମାଜସେବୀ ଲୁଖିରାମ ଶୁଣ୍ଡି ଏବଂ ଜାମାଦାର ବାଲମୁଚୁଙ୍କ ନେତୃତ୍ୱରେ ଦିଆଯାଇଥିବା ଏହି ଗଣଧାରଣାରେ ସିମାଲ ହେମ୍ବ୍ରମ, ଲକ୍ଷ୍ମିଆ ପୂର୍ତ୍ତି, ନାରା ବୁଲିଉଲି , ଗାମାଏ ରୀମିଲ ସିଂ ଗୋଇପାଇ ଏବଂ ଶୁକୁଲାଲ ଶୁଣ୍ଡିଙ୍କ ସମେତ ଗ୍ରାମର ଶତାଧିକ ଜନସାଧାରଣ ଅଂଶଗ୍ରହଣ କରିଥିଲେ। ଗ୍ରାମରେ ଅଚଳ ହୋଇ ପଡ଼ିଥିବା ମୋଟର ପମ୍ପ ସଜାଡ଼ିବା ନିମନ୍ତେ ବିଦ୍ୟୁତ ବିଭାଗ ସହିତ ଯୋଗାଯୋଗ କରି ପାନୀୟ ଜଳ ସମସ୍ୟା ସମାଧାନ କରିବା ପାଇଁ ସରପଞ୍ଚ ଭଞ୍ଜ ସିଂ ବାର୍ଦା ଲୋକଙ୍କୁ ଆଶ୍ୱାସନା ଦେଇଥିଲେ ଫଳରେ ଆନ୍ଦୋଳନ ଥମିଥିଲା। ଲୁଖିରାମ ଶୁଣ୍ଡି କହିଛନ୍ତି ଯେ, ସମସ୍ୟା ନ ସମାଧାନ କରାଗଲେ ଗ୍ରାମର ଆବାଳ ବୃଦ୍ଧବନିତା ଆଗାମୀ ଦିନରେ କପ୍ତିପଦା ବ୍ଲକ କାର୍ଯ୍ୟାଳୟ ତାଲା ମାରିବା ସହିତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପ୍ରଦର୍ଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ତେବେ, ରାଣୀପୋଖରୀ ପଞ୍ଚାୟତ ଗାର୍ଦିସାହି ବାସିନ୍ଦାଙ୍କ ପାନୀୟ ଜଳ ସମସ୍ୟା ସମାଧାନ ଦାବିରେ ପ୍ରଶାସନ ଏବଂ ସ୍ଥାନୀୟ ଜନ ପ୍ରତିନିଧି କିଭଳି ଭାବରେ ସମାଧାନ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ଗଣିଆରେ 'ଜନସମ୍ପର୍କ କାର୍ଯ୍ୟକ୍ରମ'

ଗଣିଆ, (ମହାଭାରତ): ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ବିକାଶ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଗଣିଆ ବ୍ଲକ ପରିସରରେ ଶୁକ୍ରବାର ଦିନ 'ଦୁଇ ବର୍ଷର ଜନସମ୍ପର୍କ କାର୍ଯ୍ୟକ୍ରମ-୨୦୨୬ ବେଶ୍ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳତା ଏବଂ ଏହାର ସୁଫଳ ଉପରେ ବିସ୍ତୃତ ଆଲୋକପାତ କରାଯାଇଥିଲା। ଗଣିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲାବଣେନ୍ଦୁ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଦଶପଲ୍ଲା ବିଧାୟକ ପ୍ରାର୍ଥୀ ରାଘବ ମଲ୍ଲିକ, ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ, ଏବଂ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ମିଶ୍ର , ମଣ୍ଡଳ ସଭାପତି ମହାବୀର ପ୍ରସାଦ ମିଶ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଅମ୍ବିକା ପ୍ରସାଦ ମିଶ୍ର ଏହି ସଭାର ମଞ୍ଚ ପରିଚାଳନା କରିଥିଲେ। ?ବିଗତ ଦୁଇ



ବର୍ଷ ମଧ୍ୟରେ ଗ୍ରାମାଞ୍ଚଳ ତଥା ପଛୁଆ ବର୍ଗର ଲୋକଙ୍କ ଆର୍ଥିକ, ସାମାଜିକ ଓ ଶୈକ୍ଷିକ ବିକାଶ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଅତିଥିମାନେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ପ୍ରମୁଖ ଅତିଥିମାନେ ସରକାରଙ୍କ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ସିଧାସଳଖ ହିତାଧିକାରୀଙ୍କ ସହ ଆଲୋଚନା କରି ସେମାନଙ୍କ ମତାମତ ନେଇଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଜନସାଧାରଣ ତଥା ମହିଳାମାନେ ସାମିଲ ହୋଇ ସରକାରୀ ଯୋଜନାର ସଫଳତା ସମ୍ପର୍କରେ ଅବଗତ ହୋଇଥିଲେ। ଜନସମ୍ପର୍କ କାର୍ଯ୍ୟକ୍ରମ ଶେଷ ହେବା ପରେ, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଓ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ଗଣିଆ ଠାରୁ ରାଉତପଡା ଭାୟା ମାଳତୀପୁଟ ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ ପାଇଁ ୪ କୋଟି ୯୭ ଲକ୍ଷ ଟଙ୍କାର ଭିତ୍ତିପ୍ରସ୍ତର ଶୁଭ ଉଦଘାଟନ କରାଯାଇଥିଲା। ଏଇ ଭିତ୍ତିପ୍ରସ୍ତର ସ୍ଥାପନରେ ଗ୍ରାମ୍ୟଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଦିବ୍ୟାରାଣୀ ପୃଷ୍ଟି, ସହକାରୀ ଯନ୍ତ୍ରୀ ସମୀକ୍ଷା ଦାଶ ଓ କନିଷ୍ଠ ଯନ୍ତ୍ରୀ ସଞ୍ଜୟ ଏହି ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ସ୍ଥାନୀୟକୁମାର ସାହୁ ଉପସ୍ଥିତ ଥିଲେ । ବହୁଦିନ ଧରି ଏଇ ରାସ୍ତାରେ ଅଂଚଳବାସୀ ଓ ଛାତ୍ରଛାତ୍ରୀ ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ ବାରମ୍ବାର ଦାବି ହେଉଥିଲେ ମଧ୍ୟ ରାସ୍ତା କାମ ପାଇଁ କେହି କର୍ଣ୍ଣପାତ କରୁନଥିଲେ । ଆଜି ସାଂସଦ ଭିତ୍ତି ପ୍ରସ୍ତର ସ୍ଥାପନ କରିବା ପରେ ଅଞ୍ଚଳ ବାସି ଖୁସି ବ୍ୟକ୍ତ କରିବା ସହିତ ସାଂସଦଙ୍କ ଦୀର୍ଘାୟୁ କାମନା କରିଛନ୍ତି ।

# ମା' କେ ନାମ ଏକ ପେଡ଼୍ କାର୍ଯ୍ୟକ୍ରମରେ
## ଯୋଗଦେଲେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ

ରାଇଘର, (ମହାଭାରତ) : ରାଇଘର ବ୍ଲକ ଠାରେ ଆଜି ବୃକ୍ଷରୋପଣ କରି ପରିବେଶ ସୁରକ୍ଷାର ବାର୍ତ୍ତା ଦେଲେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ,ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ସାରା ଦେଶରେ ଚାଲିଥିବା 'ମାଁ କେ ନାମ ଏକ ପେଡ଼୍' ଅଭିଯାନ ଅନ୍ତର୍ଗତ ଆଜି ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକରେ ଏକ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ତାଙ୍କ ସହ ଉପସ୍ଥିତ ଥିଲେ ସାଂସଦ ବଳଭଦ୍ର ମାଝୀ ଯିଏ ମଧ୍ୟ ବୃକ୍ଷରୋପଣ କରି ପରିବେଶ ସୁରକ୍ଷାର ସନ୍ଦେଶ ଦେଇଥିଲେ।କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଜନପ୍ରତିନିଧି, ସରକାରୀ ଅଧିକାରୀ, ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଜନସାଧାରଣ ଯୋଗଦେଇ ପରିବେଶ ସୁରକ୍ଷା




ପ୍ରତି ନିଜର ପ୍ରତିବଦ୍ଧତା ପ୍ରକାଶ କରିଥିଲେ। 'ମାଁ କେ ନାମ ଏକ ପେଡ଼୍' ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ନାଗରିକ ନିଜ ମାଆଙ୍କ ନାମରେ ଅତି କମରେ ଗୋଟିଏ ଗଛ ଲଗାଇବା ଏବଂ ତାହାର ଯତ୍ନ ନେବା। ଏହା କେବଳ ପରିବେଶ ସୁରକ୍ଷା ପାଇଁ ନୁହେଁ, ବରଂ ମାତୃଶକ୍ତି ପ୍ରତି ସମ୍ମାନ ଓ କୃତଜ୍ଞତାର ଏକ ଅନନ୍ୟ ପ୍ରତୀକ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ, ବୃକ୍ଷ ହେଉଛି ଜୀବନର ଆଧାର। ବୃକ୍ଷ ବିନା ମାନବ ସମାଜର ଅସ୍ତିତ୍ୱ କଳ୍ପନା କରାଯାଇପାରେ ନାହିଁ। ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ, ଉଷ୍ମତା ବୃଦ୍ଧି ଏବଂ ପରିବେଶ ଦୂଷଣ ଏକ ଗମ୍ଭୀର ସମସ୍ୟା ଭାବେ ଉଭା ହୋଇଛି। ଏହି ସମସ୍ୟାର ସମାଧାନ ପାଇଁ ବୃକ୍ଷରୋପଣ ଓ ଜଙ୍ଗଲ ସୁରକ୍ଷା ଅତ୍ୟନ୍ତ ଆବଶ୍ୟକ। ସେ କହିଥିଲେ ଯେ, ଗଛ ଲଗାଇବା ସହିତ ତାହାର ସୁରକ୍ଷା ଓ ଯତ୍ନ ନେବା ମଧ୍ୟ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ। ସାଂସଦ ବଳଭଦ୍ର ମାଝୀ ମଧ୍ୟ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ଏହି ଅଭିନବ ପଦକ୍ଷେପ ଦେଶବାସୀଙ୍କ ମଧ୍ୟରେ ପରିବେଶ ପ୍ରତି ସଚେତନତା ସୃଷ୍ଟି କରୁଛି। ମାଆଙ୍କ ନାମରେ ଗଛ ଲଗାଇବା ମାଧ୍ୟମରେ ପରିବେଶ ସୁରକ୍ଷା ସହ ଭାବନାତ୍ମକ ସମ୍ପର୍କ ମଧ୍ୟ ସ୍ଥାପିତ ହେଉଛି। ଏହା ଆଗାମୀ ପିଢ଼ି ପାଇଁ ଏକ ସବୁଜ ଓ ସୁନ୍ଦର ପୃଥିବୀ ଗଠନରେ ସହାୟକ ହେବ। କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ସମସ୍ତେ ଅଧିକରୁ ଅଧିକ ଗଛ ଲଗାଇବା ଏବଂ ସେଗୁଡ଼ିକର ନିୟମିତ ଯତ୍ନ ନେବା ପାଇଁ ସଂକଳ୍ପ ଗ୍ରହଣ କରିଥିଲେ। ରାଇଘର ବ୍ଲକରେ ଆୟୋଜିତ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ପରିବେଶ ସୁରକ୍ଷା ଦିଗରେ ଏକ ସକାରାତ୍ମକ ପଦକ୍ଷେପ ହେବା ସହ ସ୍ଥାନୀୟ ଅଞ୍ଚଳରେ ସବୁଜିମା ବୃଦ୍ଧି କରିବାରେ ସହାୟକ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି।

## ମୌସୁମୀ ଅଧିବେଶନ ପୂର୍ବରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ! ମୋଦିଙ୍କ ଟିମ୍‌ରେ ରହିବେ କିଏ, ସଙ୍କେତ ଦେଲେ କେନ୍ଦ୍ର ମନ୍ତ୍ରୀ

ନୂଆଦିଲ୍ଲୀ: କେନ୍ଦ୍ର ସରକାରକୁ ଦୁଇ ବର୍ଷ ହୋଇଗଲାଣି । ସବୁବେଳେ ଦୁଇ ବର୍ଷ ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇଥାଏ । ତେଣୁ ସଂସଦର ଆଗାମୀ ମୌସୁମୀ ଅଧିବେଶନ ପୂର୍ବରୁ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି କହିଛନ୍ତି କେନ୍ଦ୍ର ମନ୍ତ୍ରୀ ରାମଦାସ ଅଠାୱାଲେ । ସେ କହିଛନ୍ତି- ନୂଆ ମନ୍ତ୍ରୀମାନଙ୍କୁ ଦାୟିତ୍ୱ ଦିଆଯାଏ । କିଛି ମନ୍ତ୍ରୀଙ୍କୁ ପଦୋନ୍ନତି ମିଳିଥାଏ । କିଛି ମନ୍ତ୍ରୀଙ୍କୁ ମ୍ୟାନେଜ କରାଯାଇଥାଏ । ସବୁ ରାଜ୍ୟକୁ ବିଚାର କରି ଏବଂ ଆଗକୁ ଆସୁଥିବା ନିର୍ବାଚନକୁ ଦୃଷ୍ଟିରେ ରଖି ସେହି ରାଜ୍ୟଗୁଡିକୁ ପ୍ରତିନିଧିତ୍ୱ ଦିଆଯିବାକୁ ବିଚାର ହୋଇପାରେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧିକାର ଅଛି । ସଂସଦର ଆଗାମୀ ମୌସୁମୀ ଅଧିବେଶନ ପୂର୍ବରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ । ସେପଟେ କେନ୍ଦ୍ର ମନ୍ତ୍ରିମଣ୍ଡଳର ଅଦଳବଦଳ ଚର୍ଚ୍ଚା ଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରପତି ଭବନରେରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି । ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ସୋସିଆଲ ମିଡିଆ ଏକ୍ସରେ ଉଭୟଙ୍କ ସାକ୍ଷାତ ସମୟର ଫଟୋ ସେୟାର କରାଯାଇଛି । ପଦ୍ମ ପୁରସ୍କାର ପ୍ରଦାନ କରିବା ଲାଗି ଆୟୋଜିତ ସ୍ୱତନ୍ତ୍ର ସମାରୋହ ପରେ ପରେ ଉଭୟଙ୍କ ମଧ୍ୟରେ ଏହି ସାକ୍ଷାତ ଆଲୋଚନା ହୋଇଥିଲା । ମନ୍ତ୍ରିମଣ୍ଡଳ ଅଦଳବଦଳକୁ ନେଇ ରାଜଧାନୀ ଦିଲ୍ଲୀ ରାଜନୀତିରେ ସରଗରମ ଆଲୋଚନା ଚାଲିଥିବା ବେଳେ ଉଭୟଙ୍କ ମଧ୍ୟରେ ସାକ୍ଷାତ ବିଶେଷ ଗୁରୁତ୍ୱ ବହନ କରୁଛି ।

## ମୋ ପୁଅକୁ ମନା କରିଦେଇଥାନ୍ତା, ମାରିଲା କାହିଁକି ? ଏମିତି ପ୍ରଶ୍ନ କଲେ କେତନଙ୍କ ବାପା

ପୁଣେ : ମହାରାଷ୍ଟ୍ର ପୁଣେ ସ୍ଥିତ ପର୍ଯ୍ୟଟନ ସ୍ଥଳ ଲୋହାଗଡ ଦୁର୍ଗରୁ ୨୬ ବର୍ଷୀୟ ବ୍ୟବସାୟୀ କେତନ ଅଗ୍ରୱାଲଙ୍କ ହତ୍ୟା ଚାଞ୍ଚଲ୍ୟ ସୃଷ୍ଟି କରିଛି । ପୁଅର ହତ୍ୟା ପରେ କେତନଙ୍କ ପରିବାର ଗଭୀର ଶୋକରେ ରହିଛି ।



ପ୍ରଥମରୁ ଏହାକୁ ଅଘଟଣର ରୂପ ଦିଆଯାଇଥିବା ବେଳେ ପରେ ହତ୍ୟା ମାମଲା ସାମ୍ନାକୁ ଆସିଛି ।

୨୬ ବର୍ଷୀୟ ବ୍ୟବସାୟୀ କେତନ ଅଗ୍ରୱାଲଙ୍କ ବିବାହ ୨୦ ବର୍ଷୀୟ ସିୟା ଗୋୟଲଙ୍କ ସହିତ ଠିକ୍ ହୋଇଥିଲା । ବିବାହ ପାଇଁ ଉଦୟପୁରରେ ୧୭ କୋଟିର ରାଜପ୍ରସାଦ ବୁକ୍ ହୋଇଥିଲା । କେବଳ ଏତିକି ନୁହେଁ, ପ୍ରି-ୱେଡିଂ ଫଟୋସୁଟ୍ ପାଇଁ ମଧ୍ୟ ବାଲି ଯିବାକୁ ଯୋଜନା କରିଥିଲେ । କିନ୍ତୁ ସିୟା ପାସପୋର୍ଟ ଗାୟବ କରିଦେଇଥିଲେ । ହେଲେ ବିବାହ ପୂର୍ବରୁ ଜନ୍ମଦିନ ଅବସରରେ ଲୋହଗଡ ଦୁର୍ଗକୁ ନେଇ ପ୍ରେମିକ ଚେତନଙ୍କ ସହିତ ଭାବିସ୍ୱାମୀ କେତନଙ୍କୁ ଠେଲି ଦେଇଥିଲା ସିୟା ।

୧୮ ଜୁନରେ କେତନ ଭାବିପତ୍ନୀ ସିୟା ସହିତ ଲୋହାଗଡ ଦୁର୍ଗକୁ ଯାଇଥିଲେ । ଯାଞ୍ଚ ସମୟରେ ଟିକେଟ କାଉଣ୍ଟର ନିକଟରେ ଲାଗିଥିବା ସିସିଟିଭି ଫୁଟେଜରେ ଦେଖିବାକୁ ମିଳିଥିଲା କି, ଭିଡିଓରେ କେତନ ଏବଂ ସିୟା ଏକାଠି ଚାଲୁଥିବା ବେଳେ କିଛି ଦୂର ଚେତନ ଚାଲୁଥିବା ଦେଖିବାକୁ ମିଳିଛନ୍ତି । ଚେତନ ୩୩ ଡିଗ୍ରୀ ଖରାରେ ହୁଡି ପିନ୍ଧି ଯାଉଥିବା ଦେଖି ପୋଲିସ ସନ୍ଦେହ କରିଥିଲା । ଯାହାପରେ ପୋଲିସ ତଦନ୍ତ କରି ସତ ଜାଣିବାକୁ ପାଇଥିଲା । ପ୍ରଥମେ ସିୟା ଏହାକୁ ଦୁର୍ଘଟଣାର ରୂପ ଦେଇଥିଲେ । ସିୟା କହିଥିଲେ, ଫଟୋ ଉଠାଇବା ବେଳେ କେତନଙ୍କ ଗୋଡ଼ ଖସିଯାଇଥିଲା, ଆଉ ସେ ୩୫୦ ଫୁଟରୁ ଅଧିକ ଗଭୀର ଖାଇକୁ ଖସି ଜୀବନ ଚାଲିଯାଇଥିଲା । କିନ୍ତୁ କେତନଙ୍କ ଭଉଣୀ ସିୟା ଉପରେ ସନ୍ଦେହ କରିଥିଲେ । ଏହାପରେ ସିୟାକୁ ପଚରାଉଚରା କରିବା ସମୟରେ ତାଙ୍କ କଥାରେ ତାଳମେଳ ରହୁନଥିଲା । ଏହାପରେ ସେ ପୋଲିସକୁ ଯାଇ ସୂଚନା ଦେଇଥିଲେ । ସିୟା ପ୍ରେମିକ ଚେତନ ସହିତ କେତନକୁ ହତ୍ୟା କରିବାର ଷଡଯନ୍ତ୍ର ରଚିଥିଲେ । ପୋଲିସ ସିୟା ଏବଂ ଚେତନଙ୍କୁ ଗିରଫ କରି ପଚରାଉଚରା କରୁଛି । ପୂର୍ବରୁ ସିୟା ୩୧ ମଇରେ କେତନଙ୍କୁ ଲୋହାଗଡ ଦୁର୍ଗକୁ ୩୧ ମଇ ଏବଂ ୧୪ ଜୁନରେ ନେଇ ଯାଇଥିଲେ । ସେତେବେଳେ ମାରିବାକୁ ଚେଷ୍ଟା କରିଥିଲେ କିନ୍ତୁ ସଫଳ ହୋଇନଥିଲେ ।

## ଶ୍ରମିକ ଶିବିରରେ ଭୟଙ୍କର ଅଗ୍ନିକାଣ୍ଡ, ୨୦୦ ଘର ଜଳି ପୋଡ଼ି ପାଉଁଶ

ନୂଆଦିଲ୍ଲୀ : ଆଜି ସକାଳୁ ଦିଲ୍ଲୀର ଉଦ୍ୟୋଗ ଭବନ ନିକଟରେ ଥିବା ଏକ ଶ୍ରମିକ ଶିବିରରେ ଅଗ୍ନିକାଣ୍ଡ ଘଟଣା ଦେଖିବାକୁ ମିଳିଛି । ଏହି ଅଗ୍ନିକାଣ୍ଡ ଯୋଗୁଁ ପ୍ରାୟ ୨୦୦ ଶ୍ରମିକଙ୍କ ଘର ପୋଡ଼ି ପାଉଁଶ ହୋଇଯାଇଛି । ଆଜି ଭୋରୁ ଅଗ୍ନି ନିର୍ବାପନ କାର୍ଯ୍ୟ ଜାରି ରହିଥିବା ସୂଚନା ମିଳିଛି ।

ସୂଚନାନୁଯାୟୀ, ଆଜି ସକାଳେ ଦିଲ୍ଲୀର ଉଦ୍ୟୋଗ ଭବନ ନିକଟରେ ଥିବା ଏକ ଶ୍ରମିକ ଶିବିରରେ ଅଗ୍ନିକାଣ୍ଡ ଘଟିଥିଲା । ଯାହା ସେନା ଭବନ ନିକଟରେ ଅବସ୍ଥିତ ଥିଲା । ଖବର ପାଇ ଘଟଣାସ୍ଥଳରେ ୨୫ଟି ଅଗ୍ନିଶମ ବାହିନୀ ଗାଡ଼ି ପହଞ୍ଚିଥିଲେ । ପ୍ରାୟ ୩ ଘଣ୍ଟାର ପରିଶ୍ରମ ପରେ ଅଗ୍ନିକାଣ୍ଡକୁ ନିୟନ୍ତ୍ରଣ କରାଯାଇଥିଲା । ପୁଣି ଥରେ ଯେପରି ନିଆଁ ନଲାଗିବ ସେଥିପାଇଁ କୁଲିଂ ଅପରେସନ୍ ମଧ୍ୟ କରାଯାଇଥିଲା । କିନ୍ତୁ କେହି ଆହତ ହୋଇଥିବାର ସୂଚନା ନାହିଁ । ଏହାରି ମଧ୍ୟରେ ଦିଲ୍ଲୀ ଅଗ୍ନିଶମ ବିଭାଗର ଅଧିକାରୀ ସନ୍ଦୀପ ଦୁଗ୍‌ଗଲ କହିଛନ୍ତି ଯେ, ଏଠାରେ ଏଲପିଜି ସିଲିଣ୍ଡର ବ୍ୟବହାର କରାଯାଉଥିଲା ଏବଂ ଭିତରେ ବିଦ୍ୟୁତ୍ ତାର ଥିଲା । ଏହି ଦୁଇଟି ମଧ୍ୟରୁ ଯେକୌଣସି ଗୋଟିଏ ଅଗ୍ନିକାଣ୍ଡର କାରଣ ହୋଇପାରେ ବୋଲି ସନ୍ଦେହ କରାଯାଉଛି । କିନ୍ତୁ ଅଗ୍ନିକାଣ୍ଡର ସଠିକ୍ କାରଣ ଜଣାପଡିନାହିଁ । ଅନ୍ୟପଟେ ପ୍ରତ୍ୟେକ୍ଷ୍ୟଦର୍ଶୀଙ୍କ କହିବାନୁଯାୟୀ, ଅଗ୍ନିକାଣ୍ଡ ଏକ ବିଦ୍ୟୁତ୍ ପ୍ୟାନେଲରୁ ଆରମ୍ଭ ହୋଇ ନିକଟସ୍ଥ ଝୁମ୍ପୁଡ଼ି ଗୁଡ଼ିକୁ ବ୍ୟାପିଯାଇଥିଲା । ନିଆଁ ଯୋଗୁଁ ଝୁମ୍ପୁଡ଼ି ଗୁଡ଼ିକରେ ଥିବା ସମସ୍ତ ଜିନିଷପତ୍ରଗୁଡ଼ିକ ପୋଡ଼ି ପାଉଁଶ ହୋଇଯାଇଥିଲା । ତେବେ ଝୁମ୍ପୁଡ଼ିରେ ଥିବା ଶ୍ରମିକମାନେ ଜୀବନ ବଞ୍ଚାଇବାକୁ ବାହାରକୁ ପଳାଇ ଆସିଥିଲେ । ଫଳରେ କୌଣସି ବ୍ୟକ୍ତି ଆହତ ହୋଇନାହାଁନ୍ତି ।

# କୋଲକାତା ତାରାତଲ୍ଲାରେ ଭୁଶୁଡିଲା ନିର୍ମାଣାଧୀନ ଗୋଦାମର ସେଡ୍, ୬୦ ଶ୍ରମିକ ଦବି ରହିଥିବା ଆଶଙ୍କା

କୋଲକାତା: ପଶ୍ଚିମବଙ୍ଗ ରାଜଧାନୀ କୋଲକାତାର ତାରାତଲ୍ଲାରେ ବୁଧବାର ମଧ୍ୟାହ୍ନରେ ଏକ ବଡ଼ ଦୁର୍ଘଟଣା ଘଟିଛି । ନିର୍ମାଣାଧୀନ ଗୋଦାମ ସେଡ୍ ଭୂଶୁଡିପଡିଛି, ଫଳରେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ପାଖାପାଖି ୫୦ରୁ ୬୦ ଜଣ ଶ୍ରମିକ ଭଙ୍ଗା ସେଡ୍ ତଳେ ଫଶି ରହିଛନ୍ତି । ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ସହିତ ସେନାକୁ ମଧ୍ୟ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି । ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ ଗୋଦାମର ନିର୍ମାଣ କାମ ଚାଲିଥିବା ବେଳେ ଅଚାନକ ଏହା ଧସି ପଡିଥିଲା ।





ଗୋଦାମ ସେଡ୍ ପଡିବାମାତ୍ରେ ହଇଚଇ ସୃଷ୍ଟି ହୋଇଥିଲା । ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କାର୍ଯ୍ୟରେ ଲାଗି ପଡିଥିଲେ । ସୂଚନା ପାଇ ପୋଲିସ, ଦମକଳ ବିଭାଗ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ କର୍ମଚାରୀମାନେ ପହଞ୍ଚି ଉଦ୍ଧାର ଅଭିଯାନରେ ସାମିଲ ହୋଇଛନ୍ତି । ଧ୍ୱଂସସ୍ତୁପ ତଳୁ ଏ ପର୍ଯ୍ୟନ୍ତ ୬/୭ ଜଣ ଶ୍ରମିକଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଯାଇଛି । ଉଦ୍ଧାର ଶ୍ରମିକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା କୁହାଯାଇଛି । ବାକି ଶ୍ରମିକଙ୍କ ଉଦ୍ଧାର ନିମନ୍ତେ ଲୁହା ବିମ୍ କାଟିବାକୁ ଗ୍ୟାସ୍ କଟର ଓ ଷ୍ଟ୍ରକ୍‌ଚର ହଟାଇବାକୁ କ୍ରେନର ସହାୟତା ନିଆଯାଇଛି ।

ସୂଚନା ଅନୁସାରେ ଭଙ୍ଗା ସେଡ ତଳେ ଦବି ରହିଥିବା ଶ୍ରମିକଙ୍କ ଚିତ୍କାର ଏବେବି ଶୁଣାଯାଉଛି । ପରିସ୍ଥିତି ଉପରେ ନଜର ରଖିବାକୁ ରାଜ୍ୟ ସରକାର ନବାନ୍ନାରେ ନିୟନ୍ତ୍ରଣ କକ୍ଷ ଖୋଲିଛନ୍ତି । କଣ୍ଟ୍ରୋଲ ରୁମ ସହିତ ସମ୍ପର୍କ କରି ନିଜ ଲୋକଙ୍କ ସ୍ଥିତି ସମ୍ପର୍କରେ ଜାଣିବା ପାଇଁ ଫୋନ ନମ୍ବର ମଧ୍ୟ ଜାରି କରାଯାଇଛି । ଏହି ଫୋନ ନମ୍ବରଗୁଡିକ ହେଲା ୧୦୭୦, ୮୬୯୭୯୮୧୦୭୦, ୦୩୩-୨୨୧୪୩୫୨୬/୨୨୫୩୫୧୮୫ । ଘଟଣାସ୍ଥଳକୁ ରାଜ୍ୟମନ୍ତ୍ରୀ ଇନ୍ଦ୍ରନୀଲ ଖାଁ ଓ ବିଜେପି ନେତା ରାକେଶ ସିଂହ ପହଞ୍ଚିଛନ୍ତି । ସେମାନେ ଭଙ୍ଗା ସେଡ ତଳେ ଦବି ରହିଥିବା ଶ୍ରମିକଙ୍କ ଉଦ୍ଧାର କାର୍ଯ୍ୟକୁ ପ୍ରାଥମିକତା ଦେଉଛନ୍ତି ।

## ପାକିସ୍ତାନ ସୀମାରେ ପଶିଲା ଏୟାର ଇଣ୍ଡିଆ ବିମାନ

ନୂଆଦିଲ୍ଲୀ: ପାକିସ୍ତାନ ସୀମାରେ ପଶିଲା ଏୟାର ଇଣ୍ଡିଆ ବିମାନ । ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଅମୃତସର ବଦଳରେ ଦିଲ୍ଲୀରେ ହେଲା ଜରୁରୀ ଅବତରଣ । ଦିଲ୍ଲୀରୁ ଅମୃତସର ଆସୁଥିବା ଏୟାର ଇଣ୍ଡିଆର ଏକ ଯାତ୍ରୀବାହୀ ବିମାନ ସୋମବାର ରାତିରେ ସାମାନ୍ୟ ଭୁଲ୍ ବଶତଃ ପାକିସ୍ତାନ ଆକାଶ ସୀମା ମଧ୍ୟକୁ ଚାଲିଯାଇଥିଲା । ବିମାନର ନେଭିଗେସନ୍ ସିଷ୍ଟମରେ ହଠାତ୍ ଯାନ୍ତ୍ରିକ ତ୍ରୁଟି ଦେଖାଦେବା ଯୋଗୁଁ ଏଭଳି ସ୍ଥିତି ସୃଷ୍ଟି ହୋଇଥିଲା । ଏହାକୁ ନେଇ ପାକିସ୍ତାନ ଏୟାର ଟ୍ରାଫିକ କଣ୍ଟ୍ରୋଲ ପକ୍ଷରୁ ତୁରନ୍ତ ସତର୍କ ସୂଚନା ଜାରି କରାଯାଇଥିଲା । ବର୍ତ୍ତମାନ ଭାରତୀୟ କର୍ତ୍ତୃପକ୍ଷ ଏହାର ଆଭ୍ୟନ୍ତରୀଣ ତଦନ୍ତ ଆରମ୍ଭ କରିଛନ୍ତି । ଜୁନ୍ ୨୨ ତାରିଖ ରାତି ପ୍ରାୟ ୯ଟା୧୮ ମିନିଟରେ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଆନ୍ତର୍ଜାତୀୟ ବିମାନବନ୍ଦରରୁ ଏୟାରବସ ଇ୩୨୧ ଅମୃତସର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା ।

## ଭାରତ ଛାଡି ପ୍ୟାରିସ୍-ଲଣ୍ଡନ ବୁଲୁଛନ୍ତି ପର୍ଯ୍ୟଟକ? କାରଣ କହିଲେ ବିଶ୍ୱବ୍ୟାଙ୍କ ଅଧ୍ୟକ୍ଷ

ନୂଆଦିଲ୍ଲୀ : ନିଜର ଐତିହାସିକ, ସାଂସ୍କୃତିକ ତଥା ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ ପାଇଁ ଭାରତ ବେଶ୍ ଜଣାଶୁଣା । କିନ୍ତୁ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ମାମଲାରେ ଏହା କେବଳ ପ୍ୟାରିସ, ଲଣ୍ଡନ ଭଳି ଗୋଟିଏ ଗୋଟିଏ ସହର ଠାରୁ ମଧ୍ୟ ବହୁତ ପଛରେ ରହିଛି । ବିଶ୍ୱବ୍ୟାଙ୍କ ଅଧ୍ୟକ୍ଷ ଅଜୟ ବଙ୍ଗା ସାମ୍ପ୍ରତିକ ଭାରତର ପର୍ଯ୍ୟଟନ କ୍ଷେତ୍ରର ସ୍ଥିତି ଏବଂ ଏହାର ଅପାର ସମ୍ଭାବନା ଉପରେ ଏକ ସ୍ୱଷ୍ଟ ଆକଳନ ଦେଇଛନ୍ତି ।



ପ୍ରତିବର୍ଷ ପ୍ୟାରିସ୍‌ରେ ପ୍ରାୟ ୬.୪ କୋଟି ଏବଂ ଲଣ୍ଡନରେ ୬.୫ କୋଟି ବିଦେଶୀ ପର୍ଯ୍ୟଟକ ପହଞ୍ଚିଥାନ୍ତି । ସେହିପରି କେବଳ ନ୍ୟୁୟର୍କ ସହରକୁ ବାର୍ଷିକ ପ୍ରାୟ ୬ କୋଟି ପର୍ଯ୍ୟଟକ ଆସୁଥିବା ବେଳେ, ଥାଇଲାଣ୍ଡ ଭଳି ଏକ ଛୋଟ ଦେଶ ପ୍ରତିବର୍ଷ ୩ କୋଟି ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରୁଛି । ତେବେ ଅନ୍ୟଦେଶ ମାନଙ୍କର ଏତେ ବିଶାଳ ସଂଖ୍ୟାରେ ପର୍ଯ୍ୟଟକ ତୁଳନାରେ, ସାମ୍ପ୍ରତିକ ବର୍ଷଗୁଡ଼ିକରେ ଭାରତକୁ ଆସୁଥିବା ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ ପାଇ କେବଳ ୯୦ ଲକ୍ଷ ପାଖାପାଖି ସୀମିତ ହୋଇଯାଇଛି ।

ଅଜୟ ବଙ୍ଗାଙ୍କ କହିବା ଅନୁଯାୟୀ, ଭାରତରେ ପର୍ଯ୍ୟଟନର ଅସୀମ ସମ୍ଭାବନା ଥିବା ସତ୍ତ୍ୱେ କିଛି ମୌଳିକ ଅଭାବ ବିଦେଶୀମାନଙ୍କୁ ରୋକୁଛି । ଅନେକ ପର୍ଯ୍ୟଟନ ସ୍ଥଳୀରେ ସଫାସୁତୁରା ଆନ୍ତର୍ଜାତୀୟ ମାନକ ଅନୁଯାୟୀ ହୋଇପାରିନାହିଁ । ଆଧୁନିକ ସୁବିଧା, ଉନ୍ନତ କନେକ୍ଟିଭିଟି ଏବଂ ସୁଗମ ଯାତାୟାତର ଅଭାବ ଯାତ୍ରୀଙ୍କ ଅନୁଭୂତିକୁ ଖରାପ କରୁଥିବା ସେ କହିଛନ୍ତି । ସେହିପରି ବିଦେଶୀ ଯାତ୍ରୀ ବିଶେଷ କରି ମହିଳାମାନଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥାରେ ବ୍ୟାପକ ସୁଧାରର ଆବଶ୍ୟକତା ରହିଥିବା କଥା ମଧ୍ୟ ସେ କହିଛନ୍ତି ।

ପର୍ଯ୍ୟଟନ କେବଳ ଯାତ୍ରା ନୁହେଁ, ବରଂ ଏହା ବିଶ୍ୱର ସର୍ବବୃହତ୍ ନିଯୁକ୍ତି ସୃଷ୍ଟି କରୁଥିବା କ୍ଷେତ୍ରଗୁଡ଼ିକ ମଧ୍ୟରୁ ଗୋଟିଏ । ହୋଟେଲ, ରେଷ୍ଟୁରାଣ୍ଟ, ଟ୍ରାନ୍ସପୋର୍ଟ, ସ୍ଥାନୀୟ ବଜାର ଏବଂ ଗାଇଡ୍ ସେବା ମାଧ୍ୟମରେ ଏହା ଲକ୍ଷ ଲକ୍ଷ ଲୋକଙ୍କ ଜୀବିକାର ମାଧ୍ୟମ ପାଲଟିଛି । ଯୁବଗୋଷ୍ଠୀଙ୍କ ସଂଖ୍ୟା ଅଧିକ ଥିବା ଭାରତ ପାଇଁ ଏହା ଅର୍ଥନୈତିକ ବିକାଶର ଏକ ପ୍ରମୁଖ ମାଧ୍ୟମ ହୋଇପାରିବ ।

ବିଦେଶୀ ପର୍ଯ୍ୟଟକଙ୍କ କମ୍ ସଂଖ୍ୟା ମଧ୍ୟରେ ଗୋଟିଏ ଆଶ୍ୱସ୍ତିକର କଥା ହେଉଛି ଭାରତର ଘରୋଇ ପର୍ଯ୍ୟଟନ । ଭାରତ ଭିତରେ ଲୋକଙ୍କ ଯାତ୍ରା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଗୋଆ ଭଳି ପର୍ଯ୍ୟଟନ ସ୍ଥଳୀଗୁଡ଼ିକ ଏହାର ଏକ ବଡ଼ ଉଦାହରଣ, ଯେଉଁଠାରେ ବହୁ ସଂଖ୍ୟାରେ ଘରୋଇ ପର୍ଯ୍ୟଟକ ପହଞ୍ଚୁଛନ୍ତି । ଏହାଦ୍ୱାରା ସ୍ଥାନୀୟ ଅର୍ଥନୀତିକୁ ବେଶ୍ ମଜବୁତି ମିଳୁଛି ।

ଭାରତ ନିକଟରେ ବିଶ୍ୱ ଐତିହ୍ୟ ସ୍ଥଳ, ସମୁଦ୍ର କୂଳ, ପାର୍ବତ୍ୟ ଅଞ୍ଚଳ ଏବଂ ବନ୍ୟଜନ୍ତୁ ପର୍ଯ୍ୟଟନ ଭଳି ବିପୁଳ ବିବିଧତା ରହିଛି । ଯଦି ସରକାର ଏବଂ ଘରୋଇ କ୍ଷେତ୍ର ମିଳିତ ଭାବେ ସ୍ୱଚ୍ଛତା, ପରିବହନ, ସୁରକ୍ଷା ଏବଂ ଡିଜିଟାଲ୍ ସୁବିଧା ଉପରେ ସଠିକ୍ ପୁଞ୍ଜି ନିବେଶ କରନ୍ତି, ତେବେ ଭାରତ ନିଜର ପ୍ରକୃତ କ୍ଷମତାର ଉପଯୋଗ କରି ବିଶ୍ୱର ଶୀର୍ଷ ପର୍ଯ୍ୟଟନ ଦେଶମାନଙ୍କ ତାଲିକାରେ ନିଜର ସ୍ଥାନ ବଜାୟ ରଖିପାରିବା ନେଇ ବିଶ୍ୱବ୍ୟାଙ୍କ ଅଧ୍ୟକ୍ଷ ଅଜୟ ବଙ୍ଗା ସ୍ୱଷ୍ଟ ଆକଳନ କରିଛନ୍ତି ।

## ମୁମ୍ବାଇରେ ମୌସୁମୀର ତାଣ୍ଡବ, ୮ ଘଣ୍ଟାରେ ୨୦୦ ମି.ମି.ରୁ ଅଧିକ ବର୍ଷା, ସହରରେ ଜଳାର୍ଣ୍ଣବ ସ୍ଥିତି

ମୁମ୍ବାଇ:ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସିବାର ଘୋଷଣା ପରେ ମୁମ୍ବାଇରେ ପ୍ରବଳ ବର୍ଷା ଦେଖିବାକୁ ମିଳିଛି । ମଙ୍ଗଳବାର ରାତିରୁ ଆରମ୍ଭ ହୋଇଥିବା ଲଗାଣ ବର୍ଷା ଫଳରେ ମାତ୍ର ୮ ଘଣ୍ଟା ମଧ୍ୟରେ ସହରର ବିଭିନ୍ନ ସ୍ଥାନରେ ୨୦୦ ମିଲିମିଟରରୁ ଅଧିକ ବର୍ଷା ରେକର୍ଡ କରାଯାଇଛି । ବୁଧବାର ସକାଳୁ ରାସ୍ତାଘାଟ ଜଳମଗ୍ନ ହେବା ସହ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଛି ।

ପାଣିପାଗ ବିଭାଗ ଗୁରୁବାର ସକାଳ ଯାଏଁ ମୁମ୍ବାଇ ପାଇଁ 'ୟେଲୋ ଆଲର୍ଟ' (ଶରକ୍ଷକ୍ଷକ୍ଷଙ୍ଗ ଇକ୍ଷରକ୍ୱଷ୍ପ)ଜାରି କରିଛି । ପ୍ରବଳ ବର୍ଷା, ଘଡ଼ଘଡ଼ି ଏବଂ ତୀବ୍ର ପବନର ଆଶଙ୍କା କରି ବୁଧବାର ଭୋର ୪ଟା ବେଳେ ମୁମ୍ବାଇ ଓ ପାଲଘର ଜିଲ୍ଲା ପାଇଁ ଏକ 'ରେଡ୍ ନାଓକାଷ୍ଟ' ୱାର୍ଣ୍ଣିଂ ଦିଆଯାଇଥିଲା । ତେବେ ପରିସ୍ଥିତିକୁ ଦେଖି ସକାଳ ୭ଟା ବେଳେ ଏହାକୁ ହ୍ରାସ କରି 'ଅରେଞ୍ଜ ଆଲର୍ଟ' କରାଯାଇଥିଲା ।

ମଙ୍ଗଳବାର ଦିନତମାମ ହାଲୁକା ବର୍ଷା ହେବା ପରେ ରାତି ୧୦ଟାରୁ ବର୍ଷାର ପରିମାଣ ହଠାତ୍ ବୃଦ୍ଧି ପାଇଥିଲା । ବିଏମସି ଅଟୋମେଟିକ୍ ପାଣିପାଗ କେନ୍ଦ୍ରର ତଥ୍ୟ ଅନୁଯାୟୀ, ରାତି ୧୦ଟାରୁ ବୁଧବାର ସକାଳ ୬ଟା ମଧ୍ୟରେ ସର୍ବାଧିକ ବର୍ଷା ରେକର୍ଡ କରାଯାଇଥିବା ଅଞ୍ଚଳଗୁଡ଼ିକ ହେଲା: ମାଲୱାନି:୨୭୨ ମିମି (ସର୍ବାଧିକ), ପୋୱାଇ:୨୪୮ ମିମି, ଚାରକୋପ୍ ଓ କାନ୍ଦିଭଲି:୨୪୪ ମିମି, ମାଲାଡ୍:୨୪୧ ମିମି, ବୋରିଭଲି:୨୩୭ ମିମି, ବିହାର ହ୍ରଦ:୨୧୭ ମିମି, ଦାଦର ଓ ବିଖ୍ରୋଲି:୨୧୦ ମିମି । ହାରାହାରି ଭାବେ ପଶ୍ଚିମ ଉପକଣ୍ଠରେ ୧୯୦ ମିମି, ଆଇଲ୍ୟାଣ୍ଡ ସିଟିରେ ୧୮୪ ମିମି ଏବଂ ପୂର୍ବ ଉପକଣ୍ଠରେ ୧୫୪ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ଲଗାଣ ବର୍ଷା ଯୋଗୁଁ ଅନ୍ଧେରୀ ସବୱେ, ହିନ୍ଦମାତା ଜଙ୍କସନ୍, ଦାଦର, ଗାନ୍ଧୀ ମାର୍କେଟ, ମାଲାଡ ସବୱେ ଏବଂ କିଙ୍ଗ ସର୍କଲ ଜଙ୍କସନ୍ ଭଳି ତଳିଆ ଅଞ୍ଚଳରେ ପାଣି ଜମି ରହିଥିଲା, ଯାହା ଯୋଗୁଁ ଟ୍ରାଫିକ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା । ଦାଦର ଟିଟି ନିକଟରେ ପ୍ରବଳ ବର୍ଷା ଯୋଗୁଁ ରାସ୍ତାରେ ଥିବା ଏକ କାର୍ ଉପରେ ଏକ ବିରାଟ ଗଛ ଉପୁଡ଼ି ପଡ଼ିଯାଇଥିବା ଖବର ମିଳିଛି । ଯାତାୟାତ ସ୍ୱାଭାବିକ କରିବା ପାଇଁ ପୌର ପ୍ରଶାସନ ପକ୍ଷରୁ ସହରର ବିଭିନ୍ନ ତଳିଆ ଅଞ୍ଚଳରେ ପାଣି ବାହାର କରିବାକୁ ଡିୱାଟରିଂ ପମ୍ପ ନିୟୋଜିତ କରାଯାଇଥିଲା । ସକାଳ ୫.୩୦ ସୁଦ୍ଧା ଅନ୍ଧେରୀ ସବୱେରୁ ସମ୍ପୂର୍ଣ୍ଣ ପାଣି ନିଷ୍କାସନ କରାଯାଇ ଏହାକୁ ଟ୍ରାଫିକ୍ ପାଇଁ ଖୋଲାଯାଇଥିଲା ।

## ୟୁରୋପରେ ପଶିଲା ଇବୋଲା

ନୂଆଦିଲ୍ଲୀ: ୟୁରୋପରେ ପଶିଲା ଘାତକ ଇବୋଲା । ମାନବିକ ସେବା କରିବାକୁ ଯାଇ ଭୂତାଣୁ ନେଇ ଫେରିଲେ ଡାକ୍ତର । କଙ୍ଗୋରେ ତାଣ୍ଡବ ରଚୁଛି ଇବୋଲର ନୂଆ ଷ୍ଟ୍ରେନ୍ । ବର୍ତ୍ତମାନ ସୁଦ୍ଧା ୨୬୦ରୁ ଅଧିକ ଜୀବନ ଗଲାଣି । ବିଶ୍ୱକୁ ପୁଣି ଡରାଇଲାଣି ମାରାତ୍ମକ 'ଇବୋଲା' ଭୂତାଣୁ । ଆଫ୍ରିକୀୟ ଦେଶ ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋରେ ବ୍ୟାପୁଥିବା ଏହି ସଂକ୍ରମଣ ଏବେ ୟୁରୋପରେ ପହଞ୍ଚିଛି । ଫ୍ରାନ୍ସରେ ପ୍ରଥମ ଏବୋଲା ସଂକ୍ରମିତ ରୋଗୀ ଚିହ୍ନଟ ହୋଇଛନ୍ତି । ଚିହ୍ନଟ ହୋଇଥିବା ରୋଗୀଜଣକ ଜଣେ ଡାକ୍ତର । ସେ ନିକଟରେ କଙ୍ଗୋରେ ଏକ ମାନବିକ ସେବା ମିଶନ ସାରି ଫ୍ରାନ୍ସ ଫେରିଥିଲେ । ଏହି ଖବର ସାମ୍ନାକୁ ଆସିବା ପରେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଚିନ୍ତା ବଢ଼ିଯାଇଛି । ସମ୍ପୃକ୍ତ ଡାକ୍ତରଙ୍କଠାରେ ଇବୋଲା ପଜିଟିଭ୍ ଜଣାପଡ଼ିବା ମାତ୍ରେ ତାଙ୍କୁ ତୁରନ୍ତ ସ୍ୱତନ୍ତ୍ର ହାଇ-କଣ୍ଟେନମେଣ୍ଟ ଆଇସୋଲେସନ ୱାର୍ଡରେ ଭର୍ତ୍ତି କରାଯାଇଛି । ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା କୁହାଯାଉଛି । ସଂକ୍ରମଣ ଯେପରି ଅନ୍ୟମାନଙ୍କୁ ନ ବ୍ୟାପିବ, ସେଥିପାଇଁ ଫ୍ରାନ୍ସ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କଣ୍ଟାକ୍ଟ ଟ୍ରେସିଂ ଜୋରଦାର କରାଯାଇଛି । ତେବେ ଏହା ସ୍ଥାନୀୟ ସଂକ୍ରମଣ ନୁହେଁ ଏବଂ ଏହାଦ୍ୱାରା ସାଧାରଣ ଜନତାଙ୍କ ପ୍ରତି ବିପଦ ବହୁତ କମ୍ ବୋଲି ପ୍ରଶାସନ ଆଶ୍ୱାସନା ଦେଇଛି ।

# ନିରବ ମୋଦିଙ୍କୁ ଲଣ୍ଡନ ହାଇକୋର୍ଟଙ୍କ ବଡ଼ ଝଟକା, ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ସୁଧ ସହ ଫେରାଇବେ ୧୦୦ କୋଟି

ଲଣ୍ଡନ: ଭାରତରୁ ଫେରାର ଥିବା ନୀରବ ମୋଦୀଙ୍କୁ ଲଣ୍ଡନ ହାଇକୋର୍ଟରୁ ଏକ ବଡ଼ ଝଟକା ଲାଗିଛି । କୋର୍ଟ ଏକ ଐତିହାସିକ ରାୟ ଶୁଣାଇ ନୀରବ ମୋଦୀଙ୍କୁ 'ବ୍ୟାଙ୍କ ଅଫ୍ ଇଣ୍ଡିଆ'ର ପ୍ରାୟ ୧୦.୭ ମିଲିୟନ୍ ଡଲାରଭାରତୀୟ ମୁଦ୍ରାରେ ୧୦୦ କୋଟି ଟଙ୍କାରୁ ଅଧିକବକେୟା ରାଶି ପରିଶୋଧ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବର୍ତ୍ତମାନ ଲଣ୍ଡନର ୱାଣ୍ଡସୱର୍ଥ (ଡବଭୟଙ୍ଗଙ୍କ୍ଷକ୍ୱଷ୍ପଷ) ଜେଲରେ ଥିବା ନୀରବ ମୋଦୀଙ୍କ ବିରୋଧରେ ଏହି ରାୟ ଭାରତୀୟ ସରକାରୀ ବ୍ୟାଙ୍କ ପାଇଁ ଏକ ବଡ଼ ବିଜୟ ।





୨୦୧୨ ମସିହାରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦୁବାଇର କମ୍ପାନୀ 'ଫାୟାରଷ୍ଟାର୍ ଡାଇମଣ୍ଡ୍ ଋତର' କୁ ଏକ ଋଣ ଦେଇଥିଲା । ଋଣ ଦିଆଯିବାର ବର୍ଷକ ପରେ (୨୦୧୩ ରେ), ନୀରବ ମୋଦୀ ଏକ 'ପର୍ସନାଲ ଗ୍ୟାରେଣ୍ଟି' ରେ ସ୍ୱାକ୍ଷର କରିଥିଲେ । ଏହାର ଅର୍ଥ ହେଉଛି, ଯଦି କମ୍ପାନୀ ଋଣ ନଶୁଝେ, ତେବେ ତାହାର ଦାୟିତ୍ୱ ନୀରବ ମୋଦୀଙ୍କର ହେବ । ୨୦୧୮ ରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଠକେଇ ମାମଲା ସାମ୍ନାକୁ ଆସିବା ପରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିଜର ବକେୟା ରାଶି ଫେରସ୍ତ ମାଗିଥିଲା, କିନ୍ତୁ କମ୍ପାନୀ ଓ ନୀରବ ମୋଦୀଙ୍କ ପକ୍ଷରୁ କୌଣସି ଉତ୍ତର ମିଳିନଥିଲା ।

ଲଣ୍ଡନ ସର୍କିଟ୍ କମର୍ସିଆଲ୍ କୋର୍ଟର ବିଚାରପତି ଜଷ୍ଟିସ୍ ସାଇମନ୍ ଟିଙ୍କଲର୍ ଏହି ମାମଲାର ଶୁଣାଣି କରି ବ୍ୟାଙ୍କ ସପକ୍ଷରେ ରାୟ ଦେଇଛନ୍ତି । ନୀରବ ମୋଦୀ କୋର୍ଟରେ ଯୁକ୍ତି ବାଢ଼ିଥିଲେ ଯେ ତାଙ୍କୁ ଠିକ୍ ଭାବେ ନୋଟିସ୍ ମିଳିନାହିଁ ଏବଂ ଏହି ପର୍ସନାଲ ଗ୍ୟାରେଣ୍ଟି ଲାଗୁ କରାଯାଇପାରିବ ନାହିଁ । କୋର୍ଟ ଏହି ସମସ୍ତ ଯୁକ୍ତିକୁ ଖାରଜ କରିଦେଇଛନ୍ତି । କୋର୍ଟ ଜାଣିବାକୁ ପାଇଥିଲେ ଯେ ନୋଟିସ୍ ସଠିକ୍ ଉପାୟରେ ପ୍ରଦାନ କରାଯାଇଥିଲା । ଗୋଟିଏ ନୋଟିସ୍ ତାଙ୍କ ଓକିଲଙ୍କ ଟିମ୍‌କୁ ଏବଂ ଅନ୍ୟଟି ସେ ବନ୍ଦୀ ଥିବା ୱାଣ୍ଡସୱର୍ଥ ଜେଲକୁ ପଠାଯାଇଥିଲା । କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ନୀରବ ମୋଦୀ ୪.୧ ମିଲିୟନ୍ ଡଲାର ପ୍ରାୟ ୩୮.୯ କୋଟି ଟଙ୍କା ର ମୂଳ ବକେୟା ରାଶି ସହିତ ବ୍ୟାଙ୍କ ଦ୍ୱାରା ନିର୍ଦ୍ଧାରିତ ସମସ୍ତ ସୁଧ ପ୍ରଦାନ କରିବାକୁ ଆଇନଗତ ଭାବେ ବାଧ୍ୟ ।

କୋର୍ଟ ଏହା ମଧ୍ୟ ଦର୍ଶାଇଛନ୍ତି ଯେ ୨୦୧୮ ରେ ଠକେଇ ଅଭିଯୋଗ ଆସିବା ପରେ 'ଫାୟାରଷ୍ଟାର୍ ଗ୍ରୁପ୍'ର ଆର୍ଥିକ ସ୍ଥିତି ଅତ୍ୟନ୍ତ ଖରାପ ହୋଇଯାଇଥିଲା, ଯାହାଦ୍ୱାରା ଋଣଦାତା ବ୍ୟାଙ୍କମାନଙ୍କ ପାଇଁ ବିପଦ ବଢ଼ିଯାଇଥିଲା । କୋର୍ଟ ଫେବୃଆରୀ ୨୦୧୮ ରେ ନୀରବ ମୋଦୀଙ୍କ ଦ୍ୱାରା ପଠାଯାଇଥିବା ଏକ ଇମେଲର ଉଦାହରଣ ମଧ୍ୟ ଦେଇଥିଲେ, ଯେଉଁଥିରେ ସେ ନିଜେ ସ୍ୱୀକାର କରିଥିଲେ ଯେ ଏହି ପରିସ୍ଥିତି କାରଣରୁ କମ୍ପାନୀ ନିଜର ଆର୍ଥିକ ଦାୟିତ୍ୱ ତୁଲାଇବାରେ ଅସମର୍ଥ ହୋଇପଡ଼ିଛି । ଏହି ଚୂଡ଼ାନ୍ତ ରାୟ ନୀରବ ମୋଦୀଙ୍କ ଦ୍ୱାରା ସ୍ୱାକ୍ଷରିତ 'ପର୍ସନାଲ ଗ୍ୟାରେଣ୍ଟି' କୁ ସମ୍ପୂର୍ଣ୍ଣ ରୂପେ ବୈଧ ବୋଲି ପ୍ରମାଣିତ କରିଛି ଏବଂ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ସୁଧ ସହିତ ତାର ସମସ୍ତ ବକେୟା ରାଶି ଆଦାୟ କରିବାର ଅଧିକାର ଦେଇଛି ।

# ଏଲଏସଜିକୁ ରିଷଭ ପନ୍ତଙ୍କ ୩ ଶବ୍ଦ

**ନୂଆଦିଲ୍ଲୀ,୨୪।୬(ଏଜେନ୍ସି):** କ୍ରିକେଟର ରିଷଭ ପନ୍ତଲକ୍ଷ୍ନୌ ସୁପର ଜାଏଣ୍ଟ (ଏଲ୍ଏସଜି) ଛାଡିଛନ୍ତି। ବାସ୍ତବରେ ଗତକାଲି ଆନୁଷ୍ଠାନିକ ଭାବରେ ପନ୍ତଙ୍କ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି)କୁ ଫେରିବା ଘୋଷଣା କରାଯାଇଥିଲା। ମିଳିଥିବା ସୂଚନା ମୁତାବକ ବଦଳ ପ୍ରକ୍ରିୟାରେ ପନ୍ତ ଦିଲ୍ଲୀ ଫେରି ଆସିଥିଲେ ଏବଂ ତାଙ୍କ ସ୍ଥାନରେ ଭାରତୀୟ ସ୍ପିନର କୁଳଦୀପ ଯାଦବ ଲକ୍ଷ୍ନୌରେ ଯୋଗ ଦେଇଥିଲେ। ଲକ୍ଷ୍ନୌ ଛାଡିବା ପରେ, ପନ୍ତ ମାତ୍ର ତିନୋଟି ଶବ୍ଦରେ ଫ୍ରାଞ୍ଚାଇଜକୁ ବିଦାୟ ଦେଇଥିଲେ। ଏହା ଉଲ୍ଲେଖନୀୟ ଯେ ପନ୍ତଙ୍କୁ ଲକ୍ଷ୍ନୌ ସୁପର ଜାଏଣ୍ଟ ୨୦୨୫ ସିଜିନ୍ ପାଇଁ ମେଗା ନିଲାମରେ ୨୭ କୋଟିରେ ଅଧିଗ୍ରହଣ କରିଥିଲା, ଯାହା ତାଙ୍କୁ ଆଇପିଏଲ ଇତିହାସର ସବୁଠାରୁ ମହଙ୍ଗା ଖେଳାଳି କରିଥିଲା।

ପନ୍ତଙ୍କୁ ଅଧିନାୟକ ନିଯୁକ୍ତ କରାଯାଇଥିଲା, କିନ୍ତୁ ଦଳ ଉଭୟ ସିଜିନରେ ପ୍ଲେଅଫ୍ ପାଇଁ ଯୋଗ୍ୟତା ଅର୍ଜନ କରିପାରିନଥିଲା। ଏହା ପରେ, ପନ୍ତ ଏବଂ ଲକ୍ଷ୍ନୌ ମଧ୍ୟରେ ସମ୍ପର୍କ ଧୀରେ ଧୀରେ ଖରାପ ହୋଇଗଲା। ଆଇପିଏଲ ୨୦୨୬ରେ ଲକ୍ଷ୍ନୌ ବାଦ ପଡ଼ିବା ପରେ, ଫ୍ରାଞ୍ଚାଇଜ୍ ଆନୁଷ୍ଠାନିକ ଭାବରେ ଘୋଷଣା କରିଥିଲା ଯେ ପନ୍ତ ଅଧିନାୟକ ପଦ ଛାଡିବାକୁ ଅନୁରୋଧ କରିଥିଲେ, ଯାହାକୁ ତୁରନ୍ତ ଗ୍ରହଣ କରାଯାଇଥିଲା। ତଥାପି, କିଛି ରିପୋର୍ଟରେ ପ୍ରକାଶ ପାଇଥିଲା ଯେ ପନ୍ତ ନିଜେ ଅଧିନାୟକ ପଦରୁ ଇସ୍ତଫା ଦେଇ ନଥିଲେ, ବରଂ ତାଙ୍କୁ ହଟାଇ ଦିଆଯାଇଥିଲା। ଏହାର କିଛି ସମୟ ପରେ, ପନ୍ତ ଫ୍ରାଞ୍ଚାଇଜ୍ ଛାଡି ତାଙ୍କ ପୂର୍ବ ଦଳ, ଦିଲ୍ଲୀକୁ ଫେରି ଆସିଥିଲେ। ଆପଣ ପ୍ରାୟତଃ ଖେଳାଳିମାନେ ଏକ ଦଳ ଛାଡିବାର ଦେଖିଥିବେ, ପ୍ରାୟତଃ ବହୁତ ଭାବପ୍ରବଣତାର ସହିତ ସୋସିଆଲ ମିଡିଆରେ ଲମ୍ବା ପୋଷ୍ଟ ଲେଖିଥାନ୍ତି। କିନ୍ତୁ ପନ୍ତ ତାହା କରିନଥିଲେ। ସେ କେବଳ ତିନି ଶବ୍ଦ ବିଶିଷ୍ଟ ଏକ ସରଳ ବାର୍ତ୍ତା ସହିତ ଦଳରୁ ବିଦାୟ ନେଇଛନ୍ତି। ପନ୍ତ ଇନଷ୍ଟାଗ୍ରାମରେ ଏକ କାହାଣୀ ସେୟାର କରି ଲେଖିଛନ୍ତି, 'ଦଳକୁ ଧନ୍ୟବାଦ।' ପନ୍ତଙ୍କ ଆଇପିଏଲ କ୍ୟାରିୟର ଉପରେ ନଜର ପକାଇଲେ ସେ ଏପର୍ଯ୍ୟନ୍ତ ୧୩୯ ମ୍ୟାଚ୍ ଖେଳିଛନ୍ତି। ୧୩୬ ଇନିଂସରେ ବ୍ୟାଟିଂ କରି, ସେ ୩୩.୬୦ ହାରରେ ୩୮୬୫ ରନ ଏବଂ ୧୪୬.୭୯ ଷ୍ଟ୍ରାଇକ୍ ରେଟ୍ ରେ ଦୁଇଟି ଶତକ ଏବଂ ୨୦ଟି ଅର୍ଦ୍ଧଶତକ ସହିତ ୩୮୬୫ ରନ କରିଛନ୍ତି।



# ନକ୍ଆଉଟ୍ରେ କଲମ୍ବିଆ



ଜାପୋପାନ,୨୪।୬: ଡାନିଏଲ୍ ମୁନୋଜଙ୍କ ଗୋଲ୍ରେ କଲମ୍ବିଆ ଚଳିତ ଫିଫା ବିଶ୍ୱକପ୍ର ରାଉଣ୍ଡ ୩୨ରେ ପ୍ରବେଶ କରିଛି। ବୁଧବାର ଏଠାରେ ଖେଳାଯାଇଥିବା ଗ୍ରୁପ୍-କେ'ର ଏକ ମ୍ୟାଚ୍ରେ ତାଙ୍କ ଗୋଲ୍ ବଳରେ କଲମ୍ବିଆ ୧-୦ ଗୋଲ୍ରେ ଡିଆର୍ କଙ୍ଗୋକୁ ପରାସ୍ତକରିଛି। କଡା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍ରେ ଉଭୟ ଦଳ ଏକାଧିକ ସୁଯୋଗ ପାଇଥିଲେ। ହେଲେ କେହି କାହାରିକି ଗୋଲ୍ ଦେବାରେ ବିଫଳ ହେବାରୁ ପ୍ରଥମାର୍ଦ୍ଧ ଗୋଲ୍ଶୂନ୍ୟରେ ଶେଷ ହୋଇଥିଲା। ତେବେ କଲମ୍ବିଆର ଏକାଧିକ ପ୍ରୟାସକୁ ବିଫଳ କରିଥିବା କଙ୍ଗୋ ଗୋଲି ଲିଓନେଲ୍ ଏମ୍ପାସି ଶେଷରେ ହାର ମାନିଥିଲେ। ମ୍ୟାଚ୍ର ୭୬ତମ ମିନିଟ୍ରେ ମୁନୋଜ ପେନାଲ୍ଟି ଅଞ୍ଚଳର ଡାହାଣ ପଟୁ କଙ୍ଗୋ ଗୋଲ୍ପୋଷ୍ଟକୁ ବଲ୍ ପଠାଇ ଦଳକୁ ବିଜୟ ଭେଟି ଦେଇଥିଲେ। ଏଥିସହ ଉଜବେକିସ୍ତାନକୁ ୩-୧ରେ ହରାଇ ଅଭିଯାନ ଆରମ୍ଭ କରିଥିବା କଲମ୍ବିଆ ୬ ପଏଣ୍ଟ ସହ ଟେବୁଲର ଶୀର୍ଷ ସ୍ଥାନ ଦଖଲ କରିବା ସହ ନକ୍ଆଉଟ୍ରେ ପ୍ରବେଶ କରିଥିଲା। ନିଜର ପ୍ରଥମ ମ୍ୟାଚ୍ରେ କଙ୍ଗୋ ସହ ପଏଣ୍ଟ୍ ବାଣ୍ଟିଥିବା ପର୍ତ୍ତୁଗାଲ ମଙ୍ଗଳବାର ଉଉଜ୍ବେକିସ୍ତାନକୁ ୫-୦ ହରାଇ ଏହି ଗ୍ରୁପ୍ରେ ଦ୍ୱିତୀୟ ସ୍ଥାନରେ ରହିଛି। କଙ୍ଗୋ ୧ ପଏଣ୍ଟ୍ ସହ ତୃତୀୟ ସ୍ଥାନରେ ଥିଲା ବେଳେ ନିଜର ଶେଷ ଲିଗ୍ ମ୍ୟାଚ୍ରେ ଉଜବେକିସ୍ତାନକୁ ଭେଟିବ। ତେଣୁ ଏହି ଦଳର ନକ୍ଆଉଟ୍ ଆଶା ବଳବତ୍ତ ରହିଛି।

# ବୈଭବଙ୍କୁ ମିଳିବ ସ୍ୱତନ୍ତ୍ର ଡ୍ରେସିଂରୁମ୍

ନୂଆଦିଲ୍ଲୀ,୨୪।୬: ଟିମ୍ ଇଣ୍ଡିଆରେ ସ୍ଥାନ ପାଇଥିବା ଯୁବ ବ୍ୟାଟ୍ସମ୍ୟାନ୍ ବୈଭବ ସୂର୍ଯ୍ୟବଂଶୀ ଆୟାର୍ଲାଣ୍ଡ ବିପକ୍ଷ ଟି-୨୦ରେ ମ୍ୟାଚ୍ ଖେଳିବେ । ୧୫ ବର୍ଷୀୟ ବୈଭବ ଅନ୍ତର୍ଜାତୀୟ ଡେବ୍ୟୁ କରିବା ପାଇଁ ଯାଉଛନ୍ତି । ଏହାପୂର୍ବରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଇଂରାଜୀ ଖବରକାଗଜରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି କି, ଟିମ୍ ଇଣ୍ଡିଆ ଡ୍ରେସିଂରୁମ୍ ନୁହେଁ ବରଂ ସ୍ୱତନ୍ତ୍ର ରୁମ ପାଇବେ ବୈଭବ । ନିଜର ପୋଷାକ ବଦଳାଇବା ପାଇଁ ବୈଭବଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା କରାଯାଇଥିବା ସମ୍ପର୍କରେ ପ୍ରକାଶ ପାଇଛି । ଆଇସିସି ଏବଂ ଇଂଲଣ୍ଡ କ୍ରିକେଟ୍ ବୋର୍ଡର ଏକ ନିୟମ ଯୋଗୁଁ ବୈଭବଙ୍କୁ ଅଲଗା ରୁମ୍ ମିଳିବ ।



ଆଇସିସି ଏବଂ ଇଂଲଣ୍ଡ କ୍ରିକେଟ ବୋର୍ଡର ନିୟମ ଅନୁଯାୟୀ, ୧୬ ବର୍ଷରୁ କମ୍ ବୟସ୍କ ଖେଳାଳିମାନେ ବୟସ୍କଙ୍କ ଡ୍ରେସିଂରୁମ ବ୍ୟବହାର କରିପାରିବେ ନାହିଁ । ଯେଉଁ କାରଣରୁ ଇଂଲଣ୍ଡରେ ବୈଭବଙ୍କୁ ତାଙ୍କ ପିତାମାତାଙ୍କ ସହ ରହିବା ପାଇଁ ସୁଯୋଗ ମିଳିବ। ଏହାସହ ଡ୍ରେସିଂରୁମରେ ମଧ୍ୟ ତାଙ୍କ ପିତାମାତ ତାଙ୍କ ସହ ରହିବେ । ତେବେ ବୈଭବ କେବଳ ଟିମ୍ ମିଂଟି ଏବଂ ମ୍ୟାଚ ସମୟରେ ଟିମ୍ ରହିବାର ଅନୁମତି ରହିଛି ।

ଆୟାର୍ଲାଣ୍ଡ ବିପକ୍ଷରେ ବୈଭବଙ୍କୁ ସୁଯୋଗ ମିଳିପାରେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ମାତ୍ର ଇଂଲଣ୍ଡ ବିପକ୍ଷରେ ଖେଳାଯିବାକୁ ଥିବା ୫ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜରେ ଖେଳିବା ଏକପ୍ରକାର ନିଶ୍ଚିତ । ତେବେ ସେ ଟିମରେ ସ୍ଥାନ ପାଇବା ପରଠାରୁ ଏହା ଇଂଲଣ୍ଡରେ ମଧ୍ୟ ଚର୍ଚ୍ଚାର ବିଷୟ ପାଲଟିଛି । ଏହାସହ ଇଂଲଣ୍ଡର ଅନେକ ଅଭିଜ୍ଞ ଖେଳାଳିମାନେ ମଧ୍ୟ ବୈଭବଙ୍କ ବିସ୍ଫୋରଣ ସହ ତାଙ୍କ ଖେଳ ଦେଖିବା ପାଇଁ ଚାହୁଁଥିବା ସମ୍ପର୍କରେ ପ୍ରକାଶ କରିଛନ୍ତି ।

# ଶେଷ ଗ୍ରୁପ୍ ମ୍ୟାଚ୍ରେ ଉପସ୍ଥିତ ରହିବେନି ଫ୍ରାନ୍ସ ପ୍ରଶିକ୍ଷକ

ନୂଆଦିଲ୍ଲୀ: ଚଳିତ ଫିଫା ବିଶ୍ୱକପ୍ରେ ନିଜର ପ୍ରଥମ ୨ମ୍ୟାଚ୍ଜିତି ନକ୍ଆଉଟ୍ରେ ପହଞ୍ଚି ଯାଇଛି ଫ୍ରାନ୍ସ। ହେଲେ ଏହି ଦଳ ନିଜର ଶେଷ ଗ୍ରୁପ୍-ଏଲ୍ ମ୍ୟାଚ୍ରେ ମୁଖ୍ୟପ୍ରଶିକ୍ଷକ ଡିଡାୟର ଡେସ୍ଚାମ୍ପ୍ସ ବିନା ଖେଳିବ।



ଡେସ୍ଚାମ୍ପସଙ୍କ ମା' ମୃତ୍ୟୁ ବରଣ କରିଥିବାରୁ ତାଙ୍କ ଅନ୍ତିମ ସଂସ୍କାରରେ ଯୋଗ ଦେବାକୁ ସେ ଫ୍ରାନ୍ସ ଫେରିଯାଇଛନ୍ତି। ତେଣୁ ଶୁକ୍ରବାର ଖେଳାଯିବାକୁ ଥିବା ନରୱେ ବିପକ୍ଷ ମ୍ୟାଚ୍ରେ ସେ ଉପସ୍ଥିତ ରହିବେନି। ତାଙ୍କ ଅନୁପସ୍ଥିତିରେ ସହଯୋଗୀ ପ୍ରଶିକ୍ଷକ ଗାୟ ଷ୍ଟିଫେନ୍ଙ୍କ ଉପରେ ଦଳର ଦାୟିତ୍ୱ ରହିବ। ସେ ନ ଫେରିବା ପର୍ଯ୍ୟନ୍ତ ଷ୍ଟିଫେନ୍ସ ଏହି ଦାୟିତ୍ୱ ରହିବ ବୋଲି ଫ୍ରାନ୍ସ ଫୁଟ୍ବଲ୍ ମହାସଂଘ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ ଫ୍ରାନ୍ସ ନିଜର ପ୍ରଥମ ଦୁଇ ମ୍ୟାଚ୍ରେ ସେନେଗାଲକୁ ୩-୧ରେ ଏବଂ ଇରାକକୁ ୩-୦ରେ ହରାଇଛି।

# କୋହଲିଙ୍କୁ ପଛରେ ପକାଇଲେ ଗିଲ୍

ନୂଆଦିଲ୍ଲୀ,୨୪।୬(ଏଜେନ୍ସି): ଭାରତୀୟ ଦିନିକିଆ ଓ ଟେଷ୍ଟ ଟିମର ଅଧିନାୟକ ଶୁବମନ ଗିଲଙ୍କୁ ମିଳିଛି ଆଉ ଗୋଟିଏ ସଫଳତା। ଆଇସିସି ଦିନିକିଆ ବ୍ୟାଟିଂ ରାଙ୍କିଙ୍ଗରେ ବିରାଟ କୋହଲିଙ୍କୁ ପଛରେ ପକାଇ ଦେଇଛନ୍ତି ଗିଲ୍। ଏବେ ଦିନିକିଆ ରାଙ୍କିଙ୍ଗର ୨ ନମ୍ବର ସ୍ଥାନରେ ଗିଲ ପହଞ୍ଚି ଯାଇଛନ୍ତି।

ଆଫଗାନିସ୍ତାନ ବିପକ୍ଷ ୩ଟିକିଆ ସିରିଜ ବିଜୟ ପରେ ଗିଲଙ୍କୁ ଏପରି ସଫଳତା ମିଳିଛି। ଏହି ସିରିଜରେ ଗିଲ ଦମଦାର ବ୍ୟାଟିଂ କରିଥିଲେ। ଆହତ କାରଣରୁ ବିରାଟ କୋହଲି ଏହି ସିରିଜ ଖେଳି ନଥିଲେ। ଏବେ ଗିଲ ତାଙ୍କୁ ରାଙ୍କିଙ୍ଗରେ ପଛରେ ପକାଇ ଦେଇଛନ୍ତି।

ଶୁବମନ ଗିଲ ୭୯୧ ରେଟିଂ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ନ୍ୟୁଜିଲ୍ୟାଣ୍ଡର ଡାରେଲ ମିଚେଲ ପୂର୍ବଭଳି ୧ ନମ୍ବରରେ ରହିଛନ୍ତି। ଗିଲ ଓ ମିଚେଲଙ୍କ ମଧ୍ୟରେ ୨୪ ପଏଣ୍ଟର ବ୍ୟବଧାନ ରହିଛି। ବିରାଟ କୋହଲି ତୃତୀୟ ସ୍ଥାନକୁ ଖସି ଯାଇଛନ୍ତି।ବିରାଟଙ୍କ ପଏଣ୍ଟ ସଂଖ୍ୟା ୭୬୮ ରହିଛି। ଟିମ ଇଣ୍ଡିଆନର ଅନ୍ୟତମ ଭେଟରାନ ରୋହିତ ଶର୍ମା ପୂର୍ବଭଳି ୪ର୍ଥ ସ୍ଥାନରେ ଥିବା ବେଳେ ଆଫଗାନିସ୍ତାନର ଇବ୍ରାହିମ ଜଦରାନ ୨ଟି ସ୍ଥାନ ଖସି ୫ମରେ ପହଞ୍ଚିଛନ୍ତି।

୬ଷ୍ଠ ସ୍ଥାନରେ ବାବର ଆଜମ, ୭ମରେ ସାଇ ହୋପ, ୮ମରେ ହ୍ୟାରି ଟେକ୍ଟର, ୯ମରେ ଚରିଥା ଅସଲଙ୍କା ଓ ୧୦ମ ସ୍ଥାନରେ ହ୍ୟାରୀ ବ୍ରୁକ ରହିଛନ୍ତି। ଆଇସିସି ଦିନିକିଆ ରାଙ୍କିଙ୍ଗର ଟପ ୧୦ରେ ଅଷ୍ଟ୍ରେଲିଆ କିମ୍ବା ଦକ୍ଷିଣ ଆଫ୍ରିକାର କୌଣସି ବ୍ୟାଟର ନାହାନ୍ତି।



ଆଫଗାନ ବିପକ୍ଷରେ ଭାରତ ପାଇଁ ଗିଲଙ୍କ ବ୍ୟତୀତ ଈଶାନ କିଶନ ମଧ୍ୟ ଶତକୀୟ ଇନିଂସ ଖେଳିଥିଲେ। ଏଥିପାଇଁ ତାଙ୍କ ରାଙ୍କିଙ୍ଗରେ ମଧ୍ୟ ସୁଧାର ଆସିଛି। ସେ ଏକାଥର ୨୧ଟି ସ୍ଥାନ ଉପରକୁ ଉଠି ବ୍ୟାଟିଂ ରାଙ୍କିଙ୍ଗର ୪୩ତମ ସ୍ଥାନରେ ପହଞ୍ଚିଛନ୍ତି। ଅନ୍ୟପକ୍ଷରେ ଆଇସିସି ଟେଷ୍ଟ ବ୍ୟାଟିଂ ରାଙ୍କିଙ୍ଗରେ ବଡ ଅଦଳବଦଳ ଦେଖିବାକୁ ମିଳିଛି। ଇଂଲଣ୍ଡ ବ୍ୟାଟର ଜୋ ରୁଟ ପୁଣିଥରେ ଟେଷ୍ଟ ବ୍ୟାଟିଂ ରାଙ୍କିଙ୍ଗର ୧ନମ୍ବର ସ୍ଥାନରେ ପହଞ୍ଚି ଯାଇଛନ୍ତି। ନିଜ ଦଳର ସଦସ୍ୟ ବ୍ରୁକଙ୍କୁ ହଟାଇ ସେ ଏହି ସ୍ଥାନ ଦଖଲ କରିଛନ୍ତି। ରୁଟ ବିଶ୍ୱ କ୍ରିକେଟର ଦ୍ୱିତୀୟ ବ୍ୟାଟର ଭାବେ ଟେଷ୍ଟ କ୍ରିକେଟରେ ୧୪ ହଜାର ରନ ଅତିକ୍ରମ କରିଛନ୍ତି। ତାଙ୍କ ଉପରେ କେବଳ କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକର ରହିଛନ୍ତି। ଦିନିକିଆ ବୋଲିଂ ରାଙ୍କିଙ୍ଗର ଟପ ୧୦ରେ କୌଣସି ପରିବର୍ତ୍ତନ ହୋଇନି। ଆଫଗାନର ରାଶିଦ ଖାନ ପୂର୍ବଭଳି ୧ ନମ୍ବରରେ ରହିଛନ୍ତି। କିନ୍ତୁ ଟପ ୧୦ ବାହାରେ ବଡ ପରିବର୍ତ୍ତନ ହୋଇଛି।ଭାରତ ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା ଓ ୱାଶିଂଟନ ସୁନ୍ଦରଙ୍କ ରାଙ୍କିଙ୍ଗରେ ଉଥାନ ହୋଇଛି। ଅର୍ଶଦୀପ ୧୬ଟି ସ୍ଥାନ ଉପରକୁ ଉଠି ୨୨, ପ୍ରସିଦ୍ଧ ୩୪ଟି ସ୍ଥାନ ଉଠି ୫୮ ଓ ସୁନ୍ଦର ୧୭ଟି ସ୍ଥାନ ଉଠି ୭୧ତମ ସ୍ଥାନରେ ପହଞ୍ଚିଛନ୍ତି।

ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟକୁ ନ୍ୟୁଜିଲ୍ୟାଣ୍ଡ ଜିତି ସିରିଜକୁ ୧-୧ କରି ଦେଇଛି। ଏହି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ନ୍ୟୁଜିଲ୍ୟାଣ୍ଡର ଦ୍ରୁତ ବୋଲୀ ମ୍ୟାଟ ହେନରୀ। ଏଥିପାଇଁ ଆଇସିସି ଟେଷ୍ଟ ବୋଲିଂ ରାଙ୍କିଙ୍ଗରେ ତାଙ୍କୁ ବଡ ଫାଇଦା ମିଳିଛି। ସେ ଦ୍ୱିତୀୟ ଟେଷ୍ଟରେ ୧୧ଟି ୱିକେଟ ନେଇଥିଲେ। ଏହି ସଫଳତା ପରେ ସେ ଭାରତର ଯଶପ୍ରୀତ ବୁମ୍ରାଙ୍କ ସମକକ୍ଷ ହୋଇଛନ୍ତି। ବୁମ୍ରାଙ୍କ ପଏଣ୍ଟ ୮୭୦ ଥିବା ବେଳେ ହେନରୀ ମଧ୍ୟ ସମାନ ୮୭୦ ପଏଣ୍ଟ ପାଇଛନ୍ତି। କିନ୍ତୁ ସେ ୬ଟି ସ୍ଥାନ ଉପରକୁ ଉଠି ୧ ନମ୍ବରରେ ରହିଛନ୍ତି। କାରଣ ଏବେ ସେ ଟେଷ୍ଟ ସିରିଜ ଖେଳୁଛନ୍ତି। କିନ୍ତୁ ବୁମ୍ରା ଖେଳୁ ନାହାନ୍ତି। ତେଣୁ ଆଇସିସି ରାଙ୍କିଙ୍ଗରେ ହେନରୀ ୧ ନମ୍ବରରେ ଓ ବୁମ୍ରା ତାଙ୍କ ତଳେ ରହିଛନ୍ତି। ହେଲେ ଉଭୟଙ୍କ ପଏଣ୍ଟ ସଂଖ୍ୟା ସମାନ। ୨୦୨୪ ନଭେମ୍ବର ମାସରୁ ବୁମ୍ରା ଦକ୍ଷିଣ ଆଫ୍ରିକାର କାଗିସୋ ରବାଡାଙ୍କୁ ହଟାଇ ୧ ନମ୍ବର ସ୍ଥାନରେ ରହିଥିଲେ। ହେଲେ ଏବେ ହେନରୀ ତାଙ୍କୁ କିଛି ମାତ୍ରାରେ ଚ୍ୟାଲେଞ୍ଜ ଦେଇଛନ୍ତି।

# ଜାତୀୟ ମିନି ଗଲ୍ଫରେ ଭାଗନେବ ଓଡିଶା



କଟକ: ଛତିଶଗଡ଼ର ରାୟପୁରସ୍ଥିତ ଦେବରା ବିଶ୍ୱବିଦ୍ୟାଳୟରେ ଚଳିତ ଜୁନ୍ ୨୫ରୁ ଏକାଦଶ ଜାତୀୟ ବରିଷ୍ଠ ମିନି ଗଲ୍ଫ ପ୍ରତିଯୋଗିତା ଲାଗି ମିନି ଗଲ୍ଫ ଆସୋସିଏସନ୍ ଅଫ୍ ଓଡ଼ିଶା ପକ୍ଷରୁ ଉଭୟ ପୁରୁଷ ଓ ମହିଳା ଦଳ ଘୋଷଣା କରାଯାଇଛି। ଉଭୟ ଦଳରେ ୧୨ଜଣିଆ ଲେଖାଏଁ ରହିଛନ୍ତି। ବିକାଶ ଚନ୍ଦ୍ର ପଟ୍ଟନାୟକ ପୁରୁଷ ଓ ସ୍ମୃତିରେଖା ପଟ୍ଟନାୟକ ମହିଳା ଦଳର ନେତୃତ୍ୱ ନେବେ। ଓଡ଼ିଶା ଦଳର ଖେଳାଳିମାନଙ୍କୁ ନେଇ ୧୫ଦିନିଆ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ବୁଧବାର ଓଡ଼ିଶା ଦଳ ଛତିଶଗଡ଼ ଅଭିମୁଖେ ଯାତ୍ରା କରିଛି। ଏହି ପ୍ରତିଯୋଗିତାରେ ସାରା ଭାରତର ୨୧ଟି ରାଜ୍ୟ ଅଂଶଗ୍ରହଣ କରିବେ।ଖେଳାଳିମାନଙ୍କୁ ଓଡ଼ିଶା ଅଲିମ୍ପିକ୍ସ ସଂଘର ସଭାପତି ସମୀର ମହାନ୍ତି, ମିନି ଗଲ୍ଫ ଆସୋସିଏସନ୍ ଅଫ୍ ଓଡ଼ିଶାର ଉପସଭାପତି ପ୍ରସନ୍ନଜିତ ପତି, ସଭାପତି ଡ. ସତ୍ୟବ୍ରତ ମୀନକେତନ, ଉପସଭାପତି ପିୟୁଷ ମହାନ୍ତି, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା, ତୁଳସୀ ବିଶୋୟୀ, ଶ୍ରୀରାମ ମଣ୍ଡଳ, ଶୁଭଶ୍ରୀ ଦୀକ୍ଷିତ, ସରିତା ପ୍ରଧାନ ପ୍ରମୁଖ ଶୁଭକାମନା ଜଣାଇଛନ୍ତି।

ଦିନକ ପରେ ବାରବାଟୀ ଦିନିକିଆ: ଭାରତ ଅଭ୍ୟାସ କରିବ, ଇଂଲଣ୍ଡ ଗଲ୍ଫ ଖେଳିବ। ପୁରୁଷ ଦଳ: ବିକାଶ ଚନ୍ଦ୍ର ପଟ୍ଟନାୟକ (ଅଧିନାୟକ), କୁମାର ଦେବଦତ୍ତ, କୁମାର ଦେବଜିତ, ହିମାଂଶୁ ପଟ୍ଟନାୟକ, ପ୍ରସନ୍ନଜିତ ପତି, ସଞ୍ଜୟ ପଟ୍ଟନାୟକ, ଗିରିଜା ଶଙ୍କର ଭଞ୍ଜ, ସତୀଶ ପୃଷ୍ଟି, ଅଙ୍କିତ ପ୍ରଧାନ, ଦିବ୍ୟଜ୍ୟୋତି ମିଶ୍ର, ନୈତିକ କେ ଆଗ୍ରୱାଲ, ହର୍ଷିଲ ସାହୁ। ମହିଳା ଦଳ: ସ୍ମୃତିରେଖା ପଟ୍ଟନାୟକ(ଅଧିନାୟିକା), ସୌମ୍ୟଶ୍ରୀ ରଥ, ଅଭିପ୍ସା ପଣ୍ଡା, ଆସିତା ପଟ୍ଟନାୟକ, ଅନିକା ପଟ୍ଟନାୟକ, ଦୀପିକା ରାୟ, ଲତା ସମର୍ଥ, ଅସୀମା ସାହୁ, ସୁଦେଖା, ଶୁଭଲକ୍ଷ୍ମୀ ଶତପଥୀ ଓ ସ୍ମରଣିକା ମହାନ୍ତି।

# କ୍ରୋଏସିଆକୁ ପ୍ରଥମ ପଏଣ୍ଟ

ଟରୋଣ୍ଟୋ: ଆଣ୍ଟେ ବୁଡିମିରଙ୍କ ଗୋଲ୍ରେ କ୍ରୋଏସିଆ ଚଳିତ ଫିଫା ବିଶ୍ୱକପ୍ରେ ପ୍ରଥମ ପଏଣ୍ଟ ଅର୍ଜନ କରିଛି। ବୁଧବାର ଗ୍ରୁପ୍-ଏଲ୍'ର ଏକ ମ୍ୟାଚ୍ରେ ୨୦୧୮ ଉପବିଜେତା ଏହି ୟୁରୋପୀୟ ଦଳ ୧-୦ ଗୋଲ୍ରେ ମଧ୍ୟଆମେରିକୀୟ ଦଳ ପାନାମାକୁ ପରାସ୍ତ କରିଛି। ଏହି ମ୍ୟାଚ୍ ପୂର୍ବରୁ ଉଭୟ ଦଳ ପଏଣ୍ଟ ଶୂନ୍ୟରେ ଥିଲେ। ଇଂଲଣ୍ଡ ଓ ଘାନା ମ୍ୟାଚ୍ ଗୋଲ୍ଶୂନ୍ୟ ଅମୀମାଂସିତ ରହିବା ପରେ ଉଭୟ ଦଳ ପାଇଁ ପ୍ରତିଯୋଗିତାରେ ତିଷ୍ଠି ରହିବାକୁ ହେଲେ ଏହି ମ୍ୟାଚ୍ରୁ ପଏଣ୍ଟ ଆବଶ୍ୟକ ଥିଲା। ଏଥିରେ କ୍ରୋଏସିଆ ସଫଳ ହୋଇଥିଲା। ବିଜୟ ସହ ୩ ପଏଣ୍ଟ ପାଇ କ୍ରୋଏସିଆ ଟେବୁଲର ତୃତୀୟ ସ୍ଥାନକୁ ଉଠିଥିଲା। ଅନ୍ୟପକ୍ଷରେ ପରାଜୟ ସହ ପାନାମାର ନକ୍ଆଉଟ୍ ଆଶା ମରିଯାଇଛି। ବୁଧବାର ଟରୋଣ୍ଟୋ ଷ୍ଟାଡିୟମ୍ରେ ଖେଳାଯାଇଥିବା ଏହି ମ୍ୟାଚ୍ର ପ୍ରଥମାର୍ଦ୍ଧ ଗୋଲ୍ଶୂନ୍ୟରେ ଶେଷ ହୋଇଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ କ୍ରୋଏସିଆ ଗୋଲ୍ ଦେବାରେ ସଫଳ ହୋଇଥିଲା। ୫୪ତମ ମିନିଟ୍ରେ ଯୋସିପ୍ ଷ୍ଟାନିସିକ୍ଙ୍କ ପାସ୍କୁ ବୁଡିମିର ଗୋଲ୍ରେ ପରିଣତ କରିଦେବାରୁ କ୍ରୋଏସିଆ ଅଗ୍ରଣୀ ନେଇଥିଲା। ଏହାପରେ ଆଉ ଗୋଲ୍ ନ ହେବାରୁ କ୍ରୋଏସିଆ ୧-୦ରେ ବିଜୟ ମୁଣ୍ଡି ମାରିଥିଲା। ବିଜୟ ପରେ ୨୦୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ମାଇଲଖୁଣ୍ଟ ଛୁଇଁଥିବା ୪୦ ବର୍ଷୀୟ ମିଡ୍ଫିଲ୍ଡରକ ଲୁକା ମୋଡ୍ରିକ୍ଙ୍କୁ ସାଥୀ ଖେଳାଳି ଉପରକୁ ଟେକି ବିଜୟ ଉତ୍ସବ ପାଳନ କରିଥିଲେ। କ୍ରିଷ୍ଟିଆନ ମାର୍ଟିନେଜ୍ଙ୍କୁ ମ୍ୟାଚ୍ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା। କ୍ରୋଏସିଆ ନିଜର ଶେଷ ଲିଗ୍ ମ୍ୟାଚ୍ରେ ଘାନାକୁ ଏବଂ ପାନାମା ଭେଟିବ ଇଂଲଣ୍ଡକୁ।

## ୟୁକେ ଗସ୍ତ ଲାଗି ଭାରତୀୟ କନିଷ୍ଠ ମହିଳା ହକି ଦଳ ଘୋଷିତ

# ଓଡିଶାରୁ ହର୍ଷରାଣୀ, ପୂଜା, ତନୁଜା, ସୁପ୍ରିୟା



ଭୁବନେଶ୍ୱର,୨୪।୬: ନୂଆ ପ୍ରଶିକ୍ଷକ ଟିମ୍ ହ୍ୱାଇଟ୍ଙ୍କ ନେତୃତ୍ୱରେ ବୁଧବାର ହକି ଇଣ୍ଡିଆ ଆଗାମୀ ୟୁକେ ଗସ୍ତ ଲାଗି ୨୪ ଜଣିଆ ଭାରତୀୟ କନିଷ୍ଠ ମହିଳା ଦଳ ଘୋଷଣା କରିଛି। ଏହି ଦଳରେ ଓଡିଶାରୁ ୪ ଜଣ ହର୍ଷରାଣୀ ମିଞ୍ଜ, ପୂଜା ସାହୁ, ତନୁଜା ଟୋପ୍ପୋ ଓ ସୁପ୍ରିୟା କୁଜୁର ରହିଛନ୍ତି। ଦଳର ନେତୃତ୍ୱ ଭାର ଖାଇଡେମ ଶିଲେଇମା ଚାନୁଙ୍କୁ ମିଳିଛି। ଆଗାମୀ କନିଷ୍ଠ ଏସିଆ କପ୍ ପ୍ରସ୍ତୁତି ଲାଗି ଜୁଲାଇ ୫ରୁ ୧୪ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ୯ ଦିନିଆ ଏହି ଗସ୍ତରେ ଭାରତ ମୋଟ ୭ଟି ମ୍ୟାଚ୍ ଖେଳିବ। ପ୍ରଥମେ ସ୍କଟଲାଣ୍ଡ ବରିଷ୍ଠ ଦଳ ସହ ୨ ମ୍ୟାଚ୍ ଖେଳିବା ପରେ ଆମେରିକା, ଇଂଲଣ୍ଡ ଓ ବେଲ୍ଜିୟମ୍ କନିଷ୍ଠ ଦଳ ବିପକ୍ଷରେ ଅନ୍ୟ ୫ ମ୍ୟାଚ୍ ଖେଳି ଗସ୍ତ ଶେଷ କରିବ। ଭାରତୀୟ କନିଷ୍ଠ ମହିଳା ଦଳ: ଗୋଲି-ନିଧି, ଇଙ୍ଗିଲ ହର୍ଷରାଣୀ ମିଞ୍ଜ, ଡିଫେଣ୍ଡର- ପୂଜା ସାହୁ, ସୁପ୍ରିୟା, ମଧୁ, ଏଫ୍ ଲାଲବି ଅକ୍ସିଆମି, ପାର୍ବତୀ ଟୋପ୍ନୋ, ମିଡ୍ଫିଲ୍ଡର- ଖାଇଡେମ ଶିଲେଇମା ଚାନୁ (ଅଧିନାୟକ), ତନୁଜା ଟୋପ୍ପୋ, ସୁପ୍ରିୟା କୁଜୁର, ପୂଜା ମଲ୍ଲିକ, ବିନିମା ଧାନ, ଗୀତା ଯାଦବ, ରୋଶନୀ ଐନ୍ଦ, ତନୁଶ୍ରୀ ଦିନେଶ କାଡୁ, ଫରଓ୍ୱାର୍ଡ- ସୁଖବୀର କୌର, ଶଶି ଖାସା, ଲାଲରିନପୁଲି, ନିଶା ମିଞ୍ଜ, ପୂର୍ଣ୍ଣିମା ଯାଦବ, କାଜଲ, ସନିକା ଚନ୍ଦ୍ରକାନ୍ତ ମାନେ, କ୍ରିଷ୍ଣା ଶର୍ମା।

# ଆଜି ବାଂଲାଦେଶକୁ ଭେଟିବ ଭାରତ : ଦଳ ପାଇଁ କର ବା ମର ପରିସ୍ଥିତି

ନୂଆଦିଲ୍ଲୀ: ମହିଳା ଟି-୨୦ ବିଶ୍ୱକପ୍-୨୦୨୬ରେ କଙ୍ଗାରୁ ଦଳର ଦମଦାର ପ୍ରଦର୍ଶନ ଭାରତୀୟ ଶିବିରରେ ଚିନ୍ତା ବଢ଼ାଇ ଦେଇଛି। ପାକିସ୍ତାନକୁ ବଡ଼ ବ୍ୟବଧାନରେ ପରାସ୍ତ କରି ଅଷ୍ଟ୍ରେଲିଆ ସେମିଫାଇନାଲ ଆଡ଼କୁ ମଜବୁତ ପାଦ ପକାଇଛି। ହେଲେ ଅଷ୍ଟ୍ରେଲିଆର ଏହି ବିଜୟ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ପାଇଁ ସମୀକରଣକୁ କଠିନ କରିଦେଇଛି। ଏବେ ଟୁର୍ନାମେଣ୍ଟରେ ଆଗକୁ ବଢ଼ିବାକୁ ହେଲେ ଟିମ୍ ଇଣ୍ଡିଆ ପାଇଁ ବାକି ଥିବା ଦୁଇଟି ଯାକ ମ୍ୟାଚ୍ କର ବା ମର ପରିସ୍ଥିତି ସୃଷ୍ଟି କରିଛି।ପଏଣ୍ଟ ଟେବୁଲର ଗ୍ରୁପ୍-ଏ' କୁ ଦେଖିଲେ, ଭାରତ ଏପର୍ଯ୍ୟନ୍ତ ୩ଟି ମ୍ୟାଚ୍ରୁ ୨ଟି ବିଜୟ ସହ ୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ଉପରକୁ ଦେଖିଲେ ଏହି ସ୍ଥିତି ଭଲ ମନେହେଉଥିଲେ ବି ସେମିଫାଇନାଲର ରାସ୍ତା ଏତେ ସହଜ ନୁହେଁ। ଅଷ୍ଟ୍ରେଲିଆ ଦଳ ନିଜର ପ୍ରାରମ୍ଭିକ ୪ଟି ଯାକ ମ୍ୟାଚ୍ ଜିତି ୮ ପଏଣ୍ଟ ସହ ସେମିଫାଇନାଲ ଟିକେଟ୍ ପ୍ରାୟତଃ ପକ୍କା କରିସାରିଛି। ଏବେ ଭାରତକୁ ତାର ବାକି ଦୁଇଟି ମ୍ୟାଚ୍ରେ ବାଂଲାଦେଶ ଏବଂ ଅଷ୍ଟ୍ରେଲିଆ ସହ ଲଢ଼ିବାକୁ ପଡ଼ିବ। ଏଥିମଧ୍ୟରୁ ଶକ୍ତିଶାଳୀ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍ ଭାରତ ପାଇଁ ସବୁଠୁ ବଡ଼ ପରୀକ୍ଷା ହେବ। ଯଦି ଭାରତ ଏହି ଦୁଇଟି ମ୍ୟାଚ୍ରୁ ଗୋଟିଏ ବି ହାରିଯାଏ, ତେବେ ସେମିଫାଇନାଲ ସ୍ୱପ୍ନ ଧୂଳିସାତ ହୋଇଯାଇପାରେ। ଭାରତର ସେମିଫାଇନାଲ ରାସ୍ତାରେ ସବୁଠୁ ବଡ଼ ପ୍ରତିବନ୍ଧକ ସାଜିପାରେ ଦକ୍ଷିଣ ଆଫ୍ରିକା। ପ୍ରୋଟିଆଜ୍ ଦଳର ବାକି ଥିବା ମ୍ୟାଚ୍ ଗୁଡ଼ିକ ନେଦରଲ୍ୟାଣ୍ଡ ଏବଂ ବାଂଲାଦେଶ ବିପକ୍ଷରେ ଅଛି। କାଗଜପତ୍ର ହିସାବରେ ଦକ୍ଷିଣ ଆଫ୍ରିକା ଏହି ଦୁଇ ଦଳଠାରୁ ଯେ ବହୁତ ଶକ୍ତିଶାଳୀ, ଏଥିରେ କୌଣସି ସନ୍ଦେହ ନାହିଁ। ଯଦି ଆଫ୍ରିକୀୟ ଦଳ ନିଜର ଦୁଇଟି ଯାକ ମ୍ୟାଚ୍ ଜିତିନିଏ, ତେବେ ସେ ଭାରତକୁ ପଛରେ ପକାଇ ଦେଇପାରେ। ତେଣୁ ଟିମ୍ ଇଣ୍ଡିଆକୁ କେବଳ ମ୍ୟାଚ୍ ଜିତିଲେ ହେବନି, ବରଂ ରନ୍ ରେଟକୁ ମଧ୍ୟ ବହୁତ ଭଲ ରଖିବାକୁ ହେବ। ଭାରତୀୟ ମହିଳା ବ୍ରିଗେଡ୍ ଆସନ୍ତା ୨୫ ଜୁନ୍ରେ ମାଞ୍ଚେଷ୍ଟରଠାରେ ବାଂଲାଦେଶକୁ ଭେଟିବ। ଏହାପରେ ୩୦ ଜୁନ ଲର୍ଡସର ଐତିହାସିକ ପଡ଼ିଆରେ ଅଷ୍ଟ୍ରେଲିଆ ବିପକ୍ଷରେ ହେବ ମହାଲଢେଇ। ଏହି ଦୁଇଟି ଯାକ ମ୍ୟାଚ୍ ଭାରତୀୟ ସମୟ ଅନୁସାରେ ସନ୍ଧ୍ୟା ୭ଟାରେ ଆରମ୍ଭ ହେବ। ଅଷ୍ଟ୍ରେଲିଆ ନିଜର ଶେଷ ମ୍ୟାଚ୍ରେ ପାକିସ୍ତାନକୁ ଏକତରଫା ଭାବେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୨୦୦ ରନ୍ର ବିଶାଳ ସ୍କୋର ଛିଡ଼ା କରିଥିଲା। ଜବାବରେ ପାକିସ୍ତାନ ଦଳ ମାତ୍ର ୧୩.୪ ଓଭରରେ ୮୬ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ଏହି ଲଜ୍ଜାଜନକ ପରାଜୟ ସହ ପାକିସ୍ତାନ ଚଳିତ ବିଶ୍ୱକପ୍ରେ ୪ଟି ମ୍ୟାଚ୍ ଖେଳି ସୁଦ୍ଧା ବିଜୟର ଖାତା ଖୋଲିପାରି ନାହିଁ। ଅପରପକ୍ଷରେ, ଅଷ୍ଟ୍ରେଲିଆର ଏହି ଦମଦାର ବିଜୟ ଏବେ ଗ୍ରୁପ୍-ଏ'ର ସମୀକରଣକୁ ବେଶ୍ ରୋମାଞ୍ଚକର କରିଦେଇଛି।



Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ